Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 252
Wednesday, 19 November 2025
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୧୯ ନଭେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଲୋକଙ୍କ କଥା ଧୈର୍ଯ୍ୟର ସହ ଶୁଣ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮/୧୧ (ଆ.ପ୍ର) : ଆମେମାନେ ଯିଏ ଯେଉଁ ପଦବୀରେ ଥାଉ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ । ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ । ସେଥିପାଇଁ ଆପଣମାନେ ଲୋକଙ୍କ ସହିତ ମିଶନ୍ତୁ । ସାଧାରଣ ଲୋକଟିର କଥା ଧୈର୍ଯ୍ୟର ସହ ଶୁଣନ୍ତୁ ଓ ତାଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତୁ । ଏହା ହିଁ ହେଉଛି ସୁଶାସନର ମୂଳଦୁଆ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ କହିଛନ୍ତି । ଲୋକସେବା ଭବନ କନଭେନ ସେଣ୍ଟର ଠାରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀର ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଆମ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ମନ୍ତ୍ରରେ ରାଜ୍ୟର କଲ୍ୟାଣ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରଣୟନ କରୁଛନ୍ତି । ଯୋଜନା ଯେତେ ଅଭିନବ ହେଲେ ମଧ୍ୟ ଏହାର ପ୍ରକୃତ ସଫଳତା ଏହାର ସଠିକ୍ ରୂପାୟନ ଉପରେ ନିର୍ଭର କରେ । ତେଣୁ, ଲୋକଙ୍କ ସୁବିଧା ପାଇଁ ସମସ୍ତେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ ଏବଂ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ସମନ୍ୱୟ ରକ୍ଷା ମାଧ୍ୟମରେ ଯୋଜନାର ସଫଳ ରୂପାୟନ କରନ୍ତୁ । ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି । ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ସରକାରଙ୍କ ନୂତନ କାର୍ଯ୍ୟକ୍ରମ

'ମିଶନ ପାୱାର' ଅଧୀନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି । ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ଜିଲ୍ଲାପାଳମାନଙ୍କୁ ମିଶନ ମୋଡ୍‌ରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡ଼ିକର କାର୍ଯ୍ୟକାରୀତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ କାର୍ଯ୍ୟକ୍ରମ ଓ ଯୋଜନା ବାବଦ ଖର୍ଚ୍ଚ ଓ ଏହାର ଅଗ୍ରଗତି ସମ୍ପର୍କରେ ପ୍ରତି ତିନି ଚାରି ମାସରେ ଥରେ ସମୀକ୍ଷା କରିବାକୁ କହିଥିଲେ । ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୁଦ୍ଧରେ ଏନଫୋର୍ସମେଣ୍ଟକୁ ଅଧିକ କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡ଼ିକରେ ଜନଜାତି ସମ୍ପ୍ରଦାୟକୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ କରିବା, ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲାଣ ପ୍ରତି ତୀକ୍ଷ୍ଣ ନଜର ରଖିବା ଇତ୍ୟାଦି ବିଷୟରେ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ପାଇଁ କହିଥିଲେ । ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ କ୍ଷମତାର ଉଚିତ୍ ବ୍ୟବହାର କରି ସବୁ ସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣିବା ପାଇଁ ପ୍ରୟାସ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଓ ବ୍ଲକ ସ୍ତରରେ ସମସ୍ତ ସରକାରୀ ନଥିପତ୍ର, ନୋଟିସ୍, ବିବରଣୀ ଓ ବିଜ୍ଞାପନ ଓଡିଆ ଭାଷାରେ କରିବା ସହିତ କାର୍ଯ୍ୟାଳୟକୁ ଆସୁଥିବା ଜନପ୍ରତିନିଧିମାନଙ୍କୁ ସମ୍ମାନର ସହିତ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଜିଲ୍ଲାପାଳମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସରକାର ଓ ପ୍ରଶାସନର ଗତି ସମାନ୍ତରାଳ ଭାବେ ନ ରହିଲେ ସମାଜର ଶେଷଧାଡି ପର୍ଯ୍ୟନ୍ତ ଯୋଜନାର ସୁଫଳ ପହଂଚିବ ନାହିଁ । ତେଣୁ, ଲୋକଙ୍କ ସରକାରରେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯାହାସବୁ ଯୋଜନା ଓ କାର୍ଯ୍ୟକ୍ରମ ରହିଛି ତାକୁ ସଠିକ୍ ସମୟରେ ସାରି ଲୋକଙ୍କ ପାଖରେ ପହଂଚାନ୍ତୁ । ୧୬ ମାସ ମଧ୍ୟରେ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରୀତା ପାଇଁ ଧନ୍ୟବାଦ ଜଣାଇ ସେ କହିଥିଲେ ଯେ, ଆପଣମାନେ ନିୟମିତ ଭାବେ ବ୍ଲକ କରି ଲୋକଙ୍କ ସମସ୍ୟା ଶୁଣନ୍ତୁ ଓ ତା'ର ସମାଧାନ କରନ୍ତୁ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ବିଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କ ପାଇଁ ସଫଳତା ପୂର୍ବକ ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରାଯାଇଛି । ଲୋକଙ୍କୁ ମୌଳିକ ସୁବିଧା ତଥା ସେମାନଙ୍କୁ ସାଧାରଣ ସେବା ଯୋଗାଇଦେବା ପାଇଁ ଲୋକଙ୍କ ପାଖକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ସେ କହିଥିଲେ ରାଜସ୍ୱ ବିଭାଗ ହେଉଛି ସରକାରଙ୍କ ମେରୁଦଣ୍ଡ । ସାଧାରଣ ଜନତାଙ୍କ ପାଇଁ ରାଜସ୍ୱ ସେବାକୁ ଅଧିକ ସରଳ କରିବା ପାଇଁ ରାଜସ୍ୱ ଆଇନ ଗୁଡିକରେ ସଂଶୋଧନ କରାଯାଇଛି । ଏହା ଦ୍ୱାରା ଲୋକଙ୍କ ଅସୁବିଧା ଦୂର ହୋଇପାରିଛି । ଜିଲ୍ଲାମାନଙ୍କରେ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଯାହା ସବୁ ପ୍ରସ୍ତାବ ଅଛି, ତାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଆଦିବାସୀ ଲୋକମାନଙ୍କ ପାଇଁ ଜଙ୍ଗଲ ଜମି ଅଧିକାର ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତ ଜନତାଙ୍କୁ ଉଚିତ୍ ରିଲିଫ୍ ଓ ଥଇଥାନ ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ତୃଣମୂଳ ସ୍ତରରେ ପ୍ରତ୍ୟେକ ସ୍ଥାନକୁ ପ୍ରଶାସନ ପହଂଚିବା ଦରକାର ଏବଂ ପ୍ରତ୍ୟେକ ନାଗରିକଙ୍କୁ ଉଚିତ୍ ସମ୍ମାନର ସହିତ ସେବା ଯୋଗାଇଦେବା କ୍ଷେତ୍ରରେ ଯତ୍ନବାନ ହେବା ଆବଶ୍ୟକ । ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

ଲୁହରେ ଭିଜିଲା ଜନ୍ମମାଟି: ହ୍ୟୁମାନଙ୍କ ଶେଷକୃତ୍ୟ

ଟିଟିଲାଗଡ଼, ୧୮/୧୧ (ଆ.ପ୍ର) : ଓଡ଼ିଶା ସଂଗୀତ ଜଗତର ଚର୍ଚ୍ଚିତ ଓ ଲୋକପ୍ରିୟ ଗାୟକ ହ୍ୟୁମାନ୍ ସାଗରଙ୍କ ଶେଷକୃତ ଆଜି ସନ୍ଧ୍ୟାରେ ବଲାଙ୍ଗୀରଜିଲ୍ଲା ଟିଟିଲାଗଡ଼ରେ ସମ୍ପନ୍ନ ହୋଇଛି । ହ୍ୟୁମାନ ସାଗରଙ୍କ ଅନ୍ତିମ ବିଦାୟ ସ୍ଥାନୀୟ ଏକ ଚର୍ଚ୍ଚରେ କରାଯାଇଛି । ପରଂପରା ଅନୁସାରେ ଅନୁଷ୍ଠିତ ଶେଷକୃତ୍ୟ କାର୍ଯ୍ୟକ୍ରମରେ ଲକ୍ଷାଧିକ ପ୍ରଶଂସକ ଓ ଶୁଭେଚ୍ଛୁ ସାମିଲ ହୋଇ ମରଶରୀରକୁ ଅଶ୍ରୁଳ ବିଦାୟ ଦେଇଥିଲେ । ପାର୍ଥିବ ଶରୀରର ଶେଷ ଦର୍ଶନ ପାଇଁ ବଲାଙ୍ଗୀର, କଂଟାବାଞ୍ଜି, ସଇଁତଳାରୁ ମଧ୍ୟ ପ୍ରଶଂସକମାନେ ଛୁଟି ଆସିଥିଲେ । ମରଶରୀର ଟିଟିଲାଗଡ଼ରେ ପହଂଚିଲା ପରେ ହ୍ୟୁମାନଙ୍କର ଘରେ ଓ ଘର ବାହାରେ ପ୍ରବଳ ଭିଡ଼ ଲାଗିଥିଲା । ପରିବାର ଲୋକ, ସଂପର୍କୀୟ, ପ୍ରଶଂସକମାନେ ଶ୍ରଦ୍ଧାଞ୍ଜଳି ଦେବା ସହିତ ଅନ୍ତିମ ଦର୍ଶନ କରିଥିଲେ । ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଗତକାଲି ରାତି ପ୍ରାୟ ୯ଟାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିଲା । ଡାକ୍ତରଖାନାରେ ଭର୍ତ୍ତି ହେବାର କିଛିଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିଲା । ସେ ଲିଭର୍ ଓ କିଡନିଜନିତ ରୋଗରେ ପୀଡ଼ିତ ଥିଲେ । ସେଥିପାଇଁ ଶ୍ୱାସକ୍ରିୟା ଜନିତ ଅସୁବିଧା, ନିମୋନିଆ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଓ କୋଆଗୁଲୋପାଥିରେ ପୀଡ଼ିତ ଥିଲେ । ତାଙ୍କୁ ଭେଂଟିଲେଟର ସହାୟତାରେ ରଖାଯାଇଥିଲା । ଡାକ୍ତରଙ୍କ ସତଚେଷ୍ଟା ପରେ ବି ହ୍ୟୁମାନଙ୍କ ଦେହାନ୍ତ ହୋଇଥିଲା ଏବଂ ସେ ଚିରନିଦ୍ରାରେ ଶୋଇଯାଇଥିଲେ । ୨୦୧୪ରେ ସମଥିଙ୍ଗ ସମଥିଙ୍ଗ-୨ର ପ୍ରେମ ହେଉଯାଏରେ ତାଙ୍କର ପ୍ରଥମ ଗୀତ ଥିଲା । ତାପରେ ସେ ଆଉ ପଛକୁ ଫେରି ନାହାନ୍ତି । ଅନେକ ହିଟ୍ ଗୀତ ଆଜି ବି ଶ୍ରୋତାଙ୍କ କାନରେ ଗୁଞ୍ଜେ । ପ୍ରେମ, ବିରହ, ଡ୍ୟାନ୍ସ , ଭଜନ ସବୁ ପ୍ରକାର ଗୀତରେ ସେ ସିଦ୍ଧହସ୍ତ । ହ୍ୟୁମାନଙ୍କ ଅଭୁଲା ଗୀତରେ ସାମିଲ ଅଛି, କେମିତି ଭୁଲିବି ସେ ଅଭୁଲା ଦିନ , କୁଆଡେ ଗଲୁ ପାଗେଳୀ, କାହିଁ କାନ୍ଦୁଛୁ କହ, ତୁ ମେଘ ହେଇଯା, ଗଜରା ଗଭା ବାଲି, ମରିଯିବି ଧନ ତୋ ବିନା, ମନେ ତୁ ପଡୁଛୁ ଆଲୋ ପାଗେଳୀ, ଝରିଯାଏ ଲୁହ, ଏଡ଼େ ବେଇମାନି ତୁ, ମା ତୋ ବିନା, ସେଦିନୁ ମୁଁ ହୁନୁ ହୁନୁ, ହଜାରେ ଥର, ବୁଝିଯାରେ ହୃଦୟ ତୁ, କିଛି ଲୁହ ଝରି ଥିଲା ଖୁସିରେ, ହେଲା କି ପ୍ରେମ, ଏଡ଼େ ବେଇମାନି ତୁ, ମା... , ଧିମା ଧିମା ଆଖି, ମିଠା ମିଠା ସ୍ୱପ୍ନ, ସୁନ ଜରା, ଇଟ୍ସ ତୁ ହି ତୁ, ମୁସ୍କିଲ ହେ ଜୀନା, ମଲକା ମଲକା, ହାଏ ତୋ ପ୍ରେମର ରଙ୍ଗୋଲି, ଗଜଲ ଗଜଲ, ସବୁ ନଜର ଲାଗେ ପ୍ରେମ ନଜର, ନାରେ ନାରେ, ଫାଷ୍ଟ ଟାଇମ ଗୋଟେ ଝିଅ ତୁ, ଛାତି ଟା ଗରତି ଦେଲାରେ, ବେବି ଓ ବେବି, ବାପା... ପ୍ରମୁଖ ।

ସୁନିଲ୍ ମେହେର୍ ହେବେ ବରଗଡ଼ ଧନୁଯାତ୍ରା କଂସ

ବରଗଡ଼, ୧୮/୧୧ (ଆ.ପ୍ର) : ବୃହତ୍ ମୁକ୍ତାକାଶ ରଙ୍ଗମଂଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହେବ । ଦୀର୍ଘ ୧୧ଦିନ ବ୍ୟାପୀ ଆସନ୍ତା ୨୦୨୬ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ । ଏଥର ମହୋତ୍ସବରେ ଅଭିନୟ ପାଇଁ କଂସ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ କରାଯାଇଛି । ଏଥିରେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଟିଟିଣ୍ଡା ଗ୍ରାମର ସୁଶୀଲ ମେହେର ବରଗଡ଼ କଂସ ଅଭିନେତା ଭାବେ ମନୋନୀତ ହୋଇଛନ୍ତି । ସେହିପରି ପ୍ରଭାସ କୁମାର ତ୍ରିପାଠୀ ମୁଷ୍ଟିକ, ହିମାଂଶୁ ସାହୁ ଚାଣୁର, ଆର୍ତ୍ତତ୍ରାଣ ମହାପାତ୍ର ଉଗ୍ରସେନ, କାମରାଜ ଭୋଇ ନାରଦ, ମନୋଜ ସାହୁ ବସୁଦେବ, ଜଗନ୍ନାଥ ସାହୁ ଅକ୍ରୂର, ଜଗବନ୍ଧୁ ମହାଲିଙ୍ଗ ସାର୍ଥକୀ, ଅମ୍ୱାଭୋନାର ହେମନ୍ତ ପ୍ରଧାନ ସେନାପତି, ଗୁଲାବ ଚନ୍ଦ୍ର ଦାଶ ମହାମନ୍ତ୍ରୀ ଚରିତ୍ର ପାଇଁ ଚୟନ ହୋଇଛନ୍ତି । ଧନୁଯାତ୍ରା ମହୋତ୍ସବ ସମିତି ଉପସଭାପତି ବରଗଡ଼ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହା ଘୋଷଣା କରିଛନ୍ତି । ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୪ ତାରିଖରୁ ଜାନୁଆରି ୩ ତାରିଖ ଯାଏଁ ଅନୁଷ୍ଠିତ ହେବ ବୋଲି ମହୋତ୍ସବ ସମିତି ପକ୍ଷରୁ କୁହାଯାଇଛି । ଏଥିପାଇଁ ଆଜି ପ୍ରଥମ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଥିଲା । ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଅତାବିରା ବିଧାୟକ ନିହାର ରଂଜନ ମହାନନ୍ଦ, ପୌରାଧ୍ୟକ୍ଷା କଳ୍ପନା ମାଝୀଙ୍କ ସମେତ ସମିତିର ବିଭିନ୍ନ କମିଟିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ସମିତିର ସଂପାଦକ ସୁରେଶ୍ୱର ଶତପଥିଙ୍କ ସଂଯୋଜନାରେ ବୈଠକରେ କଳାକାର ଚୟନ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ ୩ ବର୍ଷରେ ଥରେ କଳାକାର ଚୟନ ପ୍ରକ୍ରିୟା ହୁଏ । ଏଥିପାଇଁ ଏଥର କଳାକାର ଉପଦେଷ୍ଟା କମିଟିକୁ ଚୟନ ଦାୟିତ୍ୱ ଦିଆଯାଇଛି । ୫ ଜଣିଆ କୁରି କମିଟି ଗଠନ କରାଯାଇ ମହାରାଜ କଂସଙ୍କଠାରୁ ନେଇ ସମସ୍ତ କଳାକାରମାନଙ୍କୁ ଚୟନ କରିବା ପାଇଁ ନିଷ୍ପତ୍ତି କରାଯାଇଛି । ସେହିପରି ଧନୁଯାତ୍ରାକୁ ଆକର୍ଷଣୀୟ କିପରି ଅଧିକ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା । ଏହାସହ ଭିଡକୁ ଦୃଷ୍ଟିରେ ରଖି ସବୁ ପ୍ରକାର ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଥିଲା । ବିଗତ ବର୍ଷର କିଛି ତ୍ରୁଟିକୁ ମଧ୍ୟ ସୁଧାର ଆଣିବା ଦିଗରେ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ନିଆଯାଇଛି । ବିଧାୟକ ଶ୍ରୀ ଷଡଙ୍ଗୀ ଧନୁଯାତ୍ରାକୁ ସଫଳ କରିବା ଦିଗରେ ଯାହା ପଦକ୍ଷେପ ନେବା କଥା ନିଆଯାଉ ଓ ସେ ସବୁ ପ୍ରକାର ସହାୟତା ଦେବେ ବୋଲି କହିଥିଲେ ।

ଅଲ-ଫଲାହ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠାତା ଗିରଫ

ଫରିଦାବାଦ, ୧୮/୧୧(ନ୍ୟୁ.ଏ): ଦିଲ୍ଲୀ ବୋମା ବିସ୍ଫୋରଣ ପରେ, ତଦନ୍ତକାରୀ ସଂସ୍ଥାଗୁଡ଼ିକର ତଦନ୍ତର କେନ୍ଦ୍ରରେ ହରିୟାଣାର ଫରିଦାବାଦରେ ଥିବା ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ ରହିଛି । ଏହି କ୍ରମରେ ମଙ୍ଗଳବାର ଏହି ବିଶ୍ୱବିଦ୍ୟାଳୟ ଚଳାଉଥିବା ଅଲ-ଫଲାହ ଗ୍ରୁପର ଅଧ୍ୟକ୍ଷ ଜାଭେଦ ଅହମ୍ମଦ ସିଦ୍ଦିକିଙ୍କୁ ଗିରଫ କରାଯାଇଛି । ସୂଚନା ଅନୁସାରେ ସିଦ୍ଦିକିଙ୍କୁ ଇଡି ପକ୍ଷରୁ ମନି ଲଣ୍ଡରିଂ ନିବାରଣ ଆଇନ (PMLA), ୨୦୦୨ ର ଧାରା ୧୯ ଅନୁଯାୟୀ ଗିରଫ କରାଯାଇଛି । ଅଲ୍-ଫଲାହ ଗ୍ରୁପ ସହିତ ଜଡିତ ପରିସରରେ ତଲାସ ସମୟରେ ସଂଗୃହୀତ ପ୍ରମାଣର ବିସ୍ତୃତ ବିଶ୍ଳେଷଣ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଦିଲ୍ଲୀ ପୁଲିସ କ୍ରାଇମବ୍ରାଂଚ ଦ୍ୱାରା ପଞ୍ଜିକୃତ ଦୁଇଟି ଏଫଆଇଆର ଆଧାରରେ ଇଡି ଅଲ୍-ଫଲାହ ଗ୍ରୁପ ବିରୁଦ୍ଧରେ ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ହୋଇଛି ଯେ ଫରିଦାବାଦର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ ଛାତ୍ର, ଅଭିଭାବକ ଏବଂ ଅଂଶୀଦାରମାନଙ୍କୁ ଠକିବା ଏବଂ ଅଯଥା ଲାଭ କରିବା ଉଦ୍ଦେଶ୍ୟରେ ଘଇଇଭ ମାନ୍ୟତା ସମ୍ପର୍କରେ ମିଥ୍ୟା ଏବଂ ଭ୍ରାମକ ଦାବି କରିଥିଲା । ଏଫଆଇଆରରେ ଏହା ମଧ୍ୟ ଅଭିଯୋଗ କରାଯାଇଛି ଯେ ବିଶ୍ୱବିଦ୍ୟାଳୟଟି ୟୁଜିସି ଆଇନ, ୧୯୫୬ର ଧାରା ୧୨(ଖ) ଅନୁଯାୟୀ ୟୁଜିସି ସ୍ୱୀକୃତି ପାଇବାକୁ ମିଥ୍ୟା ଦାବି କରିଥିଲା ।

ଏନ୍‌କାଉଂଟରରେ କୁଖ୍ୟାତ ମାଓବାଦୀ ମାଡଭୀ ହିଡମା ମୃତ

ବିଶାଖାପାଟନା, ୧୮/୧୧(ନ୍ୟୁ.ଏ):କୁଖ୍ୟାତ ମାଓବାଦୀ ମାଡଭୀ ହିଡମାର ସବୁ ଖେଳ ଶେଷ । ଏକାଧିକ ରାଜ୍ୟରେ ପୁଲିସ୍‌ର ନିଦ ହଜାଇ ଦେଇଥିବା ହିଡମାର ହୋଇଛି ଦି ଏଣ୍ଡ । ଦୀର୍ଘ ବର୍ଷ ହେଲାଣି ନକ୍ସଲ ସାମ୍ରାଜ୍ୟରେ ନିଜର ଦବଦବା ଜାରି ରଖିଥିବା ହିଡମା ଶେଷରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛି । ସୁରକ୍ଷାକର୍ମୀ ଓ ସାଧାରଣ ଲୋକଙ୍କ ଉପରେ ୨୬ ଥର ଆକ୍ରମଣ କରିଥିବା ହିଡମା ଓ ତା'ର କିଛି ସାଥୀ ଆଜି ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି । ଆନ୍ଧ୍ର ପ୍ରଦେଶର ଆଲୁରି ସୀତାରାମରାଜ ଜିଲ୍ଲାରେ ଆଜି ହୋଇଥିବା ଏନକାଉଂଟରେ ଏଭଳି ସଫଳତା ମିଳିଛି । ଆନ୍ଧ୍ର-ଛତିଶଗଡ଼-ଓଡ଼ିଶା ସୀମାରେ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା । ଏହି ସୂଚନା ପରେ ଆରମ୍ଭ ହୋଇଥିଲା ଅପରେସନ । ଏହି ସମୟରେ ମାରେଡୁମିଲ୍ଲି ଜଙ୍ଗଲ ନିକଟରେ ଆନ୍ଧ୍ର ପୁଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଉଭୟଙ୍କର ଗୁଳି ବିନିମୟ । ଏଥିରେ ହିଡମା ଓ ତା'ର ପତ୍ନୀ ସମେତ ୬ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି । ଏବେ ବି ଅପରେସନ ଜାରି ରହିଥିବାରୁ ଆଗକୁ ଆହୁରି ଅନେକ ମାଓବାଦୀଙ୍କ ମୃତଦେହ ମିଳିବାର ଆଶା ରହିଛି । ଆନ୍ଧ୍ର ପ୍ରଦେଶ ଡିଜିପି ହରିଶ କୁମାର ଗୁପ୍ତା କହିଛନ୍ତି ଯେ ଆଜି ସକାଳ ୬ଟାରୁ ୭ଟା ମଧ୍ୟରେ ଏନକାଉଂଟର ହୋଇଥିଲା । ଏହି ଗୁଳି ବିନିମୟରେ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଜଣେ ଟପ ମାଓବାଦୀ ଲିଡର ରହିଛି । ଏବେ ଗୋଟିଏ ବଡ଼ଧରଣର କମ୍ବିଂ ଅପରେସନ ଜାରି ରହିଥିବା ସେ କହିଛନ୍ତି । ଜିଲ୍ଲା ଏସ୍‌ପି ଅମିତ ବରଦର କହିଛନ୍ତି, ଏନକାଉଂଟରରେ ୪ ଜଣ ପୁରୁଷ ଓ ୨ ଜଣ ମହିଳା ପ୍ରାଣ ହରାଇଛନ୍ତି । ମୃତକଙ୍କ ମଧ୍ୟରେ ହିଡମା, ତା'ର ପତ୍ନୀ ରାଜେ ଓ ସେମାନଙ୍କ ବଡିଗାର୍ଡସ ରହିଛନ୍ତି । ୧୯୮୧ରେ ମଧ୍ୟପ୍ରଦେଶରେ ଥିବା ସୁକମାରେ ଜନ୍ମ ଗ୍ରହଣ କରିଥିବା ହିଡ୍‌ମା ସମୟକ୍ରମେ ପିପୁଲ୍ସ ଲିବେରେସନ ଗରିଲା ଆର୍ମିର ନେତୃତ୍ୱ ନେଇଥିଲା । ସେ ସିପିଆଇ ମାଓବାଦୀର କେନ୍ଦ୍ର କମିଟିରେ କନିଷ୍ଠ ସଦସ୍ୟ ଭାବେ ନିଜକୁ ସାମିଲ କରିବାକୁ ସକ୍ଷମ ହୋଇଥିଲା । ମାଓବାଦୀ କାର୍ଯ୍ୟକଳାପର ନିଷ୍ପତ୍ତି ଏହି କେନ୍ଦ୍ରୀୟ କମିଟି ନେଇଥାଏ । ସେ ବସ୍ତର ରିଜନର ଏକମାତ୍ର ଆଦିବାସୀ ସଦସ୍ୟ ଭାବେ କେନ୍ଦ୍ରୀୟ କମିଟିରେ ରହିଥିଲା । ୪୩ ବର୍ଷୀୟ ହିଡମାର ମୁଣ୍ଡ ଉପରେ ୫୦ ଲକ୍ଷରୁ ୧ କୋଟି ଟଙ୍କା ଯାଏ ପୁରସ୍କାର ରହିଥିଲା । ତା' ପତ୍ନୀ ରାଜେ ଓରଫ ରାଚାକ୍କା ମଧ୍ୟ ସବୁବେଳେ ତା' ସହ ରହିଥାଏ । ଆଜି ଏନକାଉଂଟରରେ ରାଜେ ମଧ୍ୟ ନିହତ ହୋଇଛି । ୨୦୧୦ ମସିହାରେ ଦାନ୍ତେୱାଡାରେ ହୋଇଥିବା ନକ୍ସଲ ଆଟାକ ଠାରୁ ଆରମ୍ଭ କରି ୨୦୧୩ ଝିରାମ ଘାଟିରେ ହୋଇଥିବା ଆମ୍ବୁସ ଭଳି ବଡ଼ବଡ଼ ନକ୍ସଲ ହମଲାରେ ହିଡମା ସକ୍ରିୟ ଭୂମିକା ଗ୍ରହଣ କରିଥିଲା । ଦାନ୍ତେୱାଡା ହମଲାରେ ୭୬ ଜଣ ସିଆରପିଏଫ ଯବାନ ସହିଦ ହୋଇଥିବା ବେଳେ ୨୦୧୩ ଝିରାମ ଘାଟି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା । ମୃତକଙ୍କ ମଧ୍ୟରେ ଅନେକ କଂଗ୍ରେସ ନେତା ରହିଥିଲେ । ୨୦୨୧ ସୁକମା-ବିଜାପୁର ଆମ୍ବୁସରେ ମଧ୍ୟ ହିଡମା ସାମିଲ ଥିଲା । ଏଥିରେ ୨୨ ଜଣ ଯବାନ ସହିଦ ହୋଇଥିଲେ । ଏବେ ଏନକାଉଂଟର୍‌ରେ ହିଡମା ନିହତ ହେବା ମାଓବାଦୀ ସଂଗଠନ ପ୍ରତି ଶକ୍ତ ଝଟକା । ଏବେ ଅଧିକାଂଶ ମାଓବାଦୀ ଆତ୍ମସମର୍ପଣ କରୁଥିବା ବେଳେ ହିଡମାର ମୃତ୍ୟୁ ନକ୍ସଲବାଦର ଅଂଟା ଭାଙ୍ଗି ଦେଇଛି ।

ଭଦ୍ରକରେ ବଙ୍ଗଳାଦେଶୀ ସନ୍ଦେହରେ ୧୭ ଅଟକ

ଭଦ୍ରକ, ୧୮/୧୧ (ଆ.ପ୍ର) : ଭଦ୍ରକରେ ବଙ୍ଗଳାଦେଶୀ ସନ୍ଦେହରେ ୧୭ ଅଟକ । ଭଦ୍ରକ ଏସପି ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଚାଲିଛି ତଦନ୍ତ । ଅଟକ ୧୭ ଜଣଙ୍କର ପ୍ରମାଣପତ୍ର ଯାଂଚ ଚାଲିଛି । ଯାଂଚ ପରେ ଜଣା ପଡ଼ିବ ପ୍ରକୃତ ତଥ୍ୟ । କଲିକତାର ମୁର୍ଶିଦାବାଦ ଅଂଚଳର ୧୭ ଜଣ ଲୋକ ଭଦ୍ରକ ଆସୁଥିଲେ । ସେମାନଙ୍କୁ ଭଦ୍ରକର ଟାଉନ ପୁଲିସ ଭଦ୍ରକ ବସଷ୍ଟାଣ୍ଡ ନିକଟରୁ ଠାବ କରିବା ସହ ପଚରାଉଚରା କରିଥିଲା । ସେମାନଙ୍କ ଗତିବିଧି ଓ କଥାବାର୍ତ୍ତାରୁ ପୁଲିସର ସନ୍ଦେହ ହେବାରୁ ପୁଲିସ ସେମାନଙ୍କୁ ଭଦ୍ରକ ନୂଆ ବସ୍ ଷ୍ଟାଣ୍ଡ ନିକଟସ୍ଥ ରାତ୍ରି କାଳୀନ ବିଶ୍ରାମାଗାରରେ ଅଟକ ରଖିଛି । ଅଟକ ଥିବା ଏହି ବ୍ୟକ୍ତିମାନଙ୍କର ଆଧାର ଓ ଅନ୍ୟାନ୍ୟ କାଗଜପତ୍ର ଯାଂଚ କରୁଛି ପୁଲିସ । ଯାଂଚ ପରେ ପ୍ରକୃତ ତଥ୍ୟ ଜଣା ପଡ଼ିବ ବୋଲି ଏସ ପି ଶ୍ରୀ ରାଉତ କହିଛନ୍ତି । ଏଣେ ଓଡ଼ିଶାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ସେ କହିଛନ୍ତି, ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ସେମାନଙ୍କ ବିରୁଦ୍ଧରେ ସରକାରଙ୍କ ଆଭିମୁଖ୍ୟ କଠୋର ରହିଛି । ସରକାର ଆସିବା ପରେ ଗୋଟିଏ ପର୍ଯ୍ୟାୟରେ ଏହି କାର୍ଯ୍ୟ କରାଯାଇଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ । ଯେଉଁଠି ଯେଉଁଠି ଅନୁପ୍ରବେଶକାରୀ ଅଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ, ସେମାନଙ୍କ କାର୍ଯ୍ୟକୁ ତଦାରଖ କରାଯିବ ଏବଂ ସେମାନଙ୍କୁ ଦେଶରୁ ବାହାର କରିବା ପାଇଁ ନିଷ୍ପତ୍ତି ମଧ୍ୟ ହୋଇଛି । ଏନେଇ ସରକାର ସମସ୍ତ ବ୍ୟବସ୍ଥା ଗ୍ରହଣ କରିବେ । ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରର ଯେଉଁ ଭୂମିକା ରହିଛି, ରାଜ୍ୟ ସରକାରଙ୍କ ମଧ୍ୟ ସମାନ ଭୂମିକା ରହିଛି । ଏଣେ ବାଂଲାଦେଶୀ, ରୋହିଙ୍ଗ୍ୟା ହଟାଇବା ଦାବିରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦିଆଯାଇଥିବା କେନ୍ଦୁଝର ୧୨ ଘଂଟିଆ ବନ୍ଦ ଡାକରାରେ ସମ୍ପୂର୍ଣ୍ଣ କେନ୍ଦୁଝର ଠପ ହୋଇଯାଇଛି । ଏପରିକି କେନ୍ଦୁଝର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ଲୋକମାନେ ସ୍ୱତଃପ୍ରବୃତ୍ତ ଭାବେ ଏହାକୁ ସମର୍ଥନ କରି ଦୋକାନ ବଜାର, ଗାଡ଼ି ମଟର ବନ୍ଦ କରିଦେଇଥିବା ଦେଖିବାକୁ ମିଳିଛି । ଜଗତସିଂହପୁର ସହରଠାରୁ ମାତ୍ର ୫/୬ କିଲୋମିଟର ଦୂର ଧନୀପୁର ବେହେରାମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ଆଡ୍ଡା ଜମାଇଥିଲେ । ଗତକାଲି ଚଢ଼ଉ ବେଳେ ପୁଲିସକୁ ଆକ୍ରମଣ କରି ଘର ମାଲିକ ସିକନ୍ଦର ଆଲାମ୍ ସହ ୧୦ରୁ ଅଧିକ ଫେରାର ହୋଇଯାଇଥିଲେ । ସେମାନଙ୍କ ଭିତରେ ଅନେକ ବାଂଲାଦେଶୀ ଥିବାବେଳେ ବନ୍ଧୁକ ଓ ମାରଣାସ୍ତ୍ର ସହ ଫେରାର ହୋଇ ଯାଇଥିବା ସନ୍ଦେହ କରାଯାଉଛି । ଅନ୍ୟପଟେ ଗୋଚର ଜମିରେ ଥିବା ୧୦ ବଖରା ଘରକୁ ଆଜି ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବୁଲ୍‌ଡୋଜର ଲଗାଇ ମାଟିରେ ମିଶାଇ ଦିଆଯାଇଛି । ତରିକୁନ୍ଦ କଲେଜ ପଛପାଖ ଧନୀପୁର ସାତପୁରା ବେଆଇନ ବସ୍ତିରେ ବାଂଲାଦେଶୀ ରହୁଥିବା ଅଭିଯୋଗ ଆସିବା ପରେ ଅତିରିକ୍ତ ଏସ୍‌ପି ଓ ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ବି ଚଢ଼ଉ କରିଥିଲେ । ସେଠାରେ ମଧ୍ୟ ବୁଲ୍‌ଡୋଜର ଲଗାଇ ୭ଟି ଘର ଭାଙ୍ଗି ଦିଆଯାଇଛି । ପୁଲିସ୍ ମୋଟ ୧୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ପୁଲିସ ଗତକାଲି ଯେଉଁ ଦମ୍ପତିଙ୍କୁ ଅଟକ ରଖିଥିଲା ସେମାନେ କୌଣସି ପରିଚୟପତ୍ର ଏଯାଏଁ ଦେଖାଇ ପାରିନାହାନ୍ତି । ସେହିପରି ଆଜି ଯେଉଁ ୧୦ ଜଣଙ୍କୁ ଅଟକ ରଖାଯାଇଛି ସେମାନେ ପଶ୍ଚିମବଙ୍ଗର ଆଧାର କାର୍ଡ ଏବଂ ଓଡ଼ିଶାର ଭୋଟର ପରିଚୟପତ୍ର ଦେଖାଉଛନ୍ତି । ଅନ୍ୟପକ୍ଷରେ ଗତକାଲି ପୁଲିସକୁ ଆକ୍ରମଣ ଘଟଣାରେ ଗିରଫ ଦୁଇ ମହିଳାଙ୍କୁ କୋର୍ଟଚାଲାଣ କରାଯାଇଛି । କେନ୍ଦ୍ରାଂଚଳ ଡିଆଇଜି ସତ୍ୟଜିତ ନାୟକ ଆଜି ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବାଂଲାଦେଶୀଙ୍କୁ ଚିହ୍ନଟ କରି ସେମାନଙ୍କ ଦେଶକୁ ପଠାଇଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି । ଜିଲ୍ଲାପାଳ ଜେ. ସୋନାଲ କହିଛନ୍ତି ଯେ ବାଂଲାଦେଶୀ ଚିହ୍ନଟ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA

ପୁରୀ ଜିଲ୍ଲା ସ୍ତରୀୟ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ



ପୁରୀ, ୧୮/୧୧ (ଆ.ପ୍ର) : ମଙ୍ଗଳବାର ପୂର୍ବାହ୍ନରେ ଟାଉନ ହଲ ପରିସରରେ ସମବାୟ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲ୍ଲା ସ୍ତରୀୟ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅର୍ଥନୀତି ସୁଦୃଢ଼ୀକରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ ଓ ସଶକ୍ତ କରିବାରେ ସମବାୟ ସମିତିର ଭୂମିକା ସର୍ବଦା ଗୁରୁତ୍ୱ ବହନ କରି ଆସିଛି । କୃଷକ ମାନଙ୍କୁ ବିବିଧ ସରକାରୀ ଯୋଜନାରେ ସାମିଲ କରିବା, ସେମାନଙ୍କ ଆବଶ୍ୟକତା ଅନୁସାରେ କମ ସୁଧରେ ଋଣ ପ୍ରଦାନ, ସେମାନଙ୍କ ଉତ୍ପାଦର ସଠିକ ବିକ୍ରି ବ୍ୟବସ୍ଥା ଉପରେ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପୂର୍ବରୁ ବ୍ୟବସାୟୀ ମାନେ କମ ଦାମରେ ଚାଷୀ ମାନଙ୍କ ଠାରୁ ସେମାନଙ୍କ ଉତ୍ପାଦକ ନେଇ ଯାଉଥିଲେ, କିନ୍ତୁ ବର୍ତ୍ତମାନ ସମୟରେ ଚାଷୀ ମାନଙ୍କୁ ସେମାନଙ୍କ ଉତ୍ପାଦକର ସଠିକ ମୂଲ୍ୟ ବ୍ୟାଙ୍କ ଆକାଉଂଟ ମାଧ୍ୟମରେ ପ୍ରଦାନ କରାଯାଉଛି ଯାହା ସେମାନଙ୍କ ହକ ବୋଲି ଶ୍ରୀ ବେହେରା କହିଥିଲେ । ଉପ ଜିଲ୍ଲାପାଳ ରାଜ କିଶୋର ଜେନା ସମବାୟ ଆନ୍ଦୋଳନର ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଧାନ ସଂଗ୍ରହ ସମୟରେ ନିରପେକ୍ଷତା ବଜାୟ ରଖିବା, ମଣ୍ଡି ଗୁଡିକର ଭିତିଭୂମିକୁ ସୁଦୃଢ଼ କରିବା,ପାନ କୃଷକ ମାନଙ୍କୁ ସହଯୋଗ କରିବା ପାଇଁ ମତ ବ୍ୟକ୍ତ କରିଥିଲେ । ପୁରୀ ନିମାପଡା ସମ୍ମିଳିତ ବ୍ୟାଙ୍କର ସଭାପତି କିଶୋର କୁମାର ଛୋଟରାୟ ସମବାୟ ସମିତିକୁ ଅଧିକ କ୍ରିୟାଶୀଳ କରିବା, ସମସ୍ତଙ୍କ ସହଯୋଗ ନେବା, ନିର୍ବାଚିତ ସମବାୟ ପ୍ରତିନିଧି ମାନଙ୍କୁ ଉପଯୁକ୍ତ ସମ୍ମାନ ଓ ପରାମର୍ଶ ନେବା ସମ୍ପର୍କରେ ସେ ଆଲୋକପାତ କରିଥିଲେ । ଡିଆରସିଏସ ସୁନୀତା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାବାର୍ଡର ଡିଡିଏମ ସସ୍ମିତା ପୃଷ୍ଟି, ବ୍ୟାଙ୍କ ସମୂହର ସିଇଓ ବନଶ୍ରୀ ମଲ୍ଲିକ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହସ୍ତଶିଳ୍ପର ଉପ ନିର୍ଦ୍ଦେଶକ ବିଷ୍ଣୁ ପଦ ମାରାଣ୍ଡି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗ ଦେଇ ସମବାୟ ଆନ୍ଦୋଳନର ଆବଶ୍ୟକତା, ଆତ୍ମନିର୍ଭର ଭାରତ ପାଇଁ ସମବାୟର ଯୋଗଦାନ, କୃଷକ, ପାନ ମାନଙ୍କର ସମସ୍ୟା, ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ବିଭିନ୍ନ ସମବାୟ ସମିତିର କର୍ମକର୍ତ୍ତା ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ଅତିଥି ମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସଂଚାଳକ ଶ୍ୟାମ ପ୍ରକାଶ ସେନାପତି ମଂଚ ପରିଚାଳନା କରିଥିଲେ ।

ବିଷଧର ସରୀସୃପଙ୍କ ଆଶ୍ରୟସ୍ଥଳ ପାଲଟିଛି ଶ୍ମଶାନ ସ୍ଥଳ



ଖଣ୍ଡପଡ଼ା, ୧୮/୧୧ (ଆ.ପ୍ର) : ଖଣ୍ଡପଡ଼ା ସହରର ୧୩ ନଂ ୱାର୍ଡରେ ଅବସ୍ଥିତ ଶ୍ମଶାନ ସ୍ଥଳ ଏବେ ବିଷଧର ସରୀସୃପଙ୍କ ନିରାପଦ ଆଶ୍ରୟସ୍ଥଳ ପାଲଟିଥିବା ଜଣାପଡିଛି । ନିୟମିତ ଭାବେ ସ୍ଥାନୀୟ ବାସିନ୍ଦା ଉକ୍ତ ଶ୍ମଶାନ ସ୍ଥଳରେ ଶବ ସତ୍କାର କରୁଥିଲେ ହେଁ ଶ୍ମଶାନ ସ୍ଥଳ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନଥିବା ଜଣାପଡିଛି । ଶ୍ମଶାନ ମଧ୍ୟସ୍ଥ ଶବଦାହ ସ୍ଥାନ ଚାରିପାଖ ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇଥିବା ବେଳେ ରାତ୍ରୁ କାଳରେ ଉଚ୍ଚଳ ଆଲୋକୀକରଣର ବ୍ୟବସ୍ଥା ନଥିବାରୁ ଶବଦାହ ନିମନ୍ତେ ସେଠାକୁ ଯାଉଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଶ୍ମଶାନସ୍ଥଳରେ ବିଶ୍ରାମ ନେବା ନିମନ୍ତେ ନିର୍ମାଣଧୀନ ଗୃହ କାର୍ଯ୍ୟ ଅଧାରେ ଅଟକିଥିବାରୁ ବିଶେଷ କରି ବର୍ଷା ଦିନେ ଓ ଶୀତ ଦିନେ ଶବଦାହ ନିମନ୍ତେ ସେଠାକୁ ଯାଉଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ତେଣୁ ସର୍ବସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶ୍ମଶାନ ସ୍ଥଳରେ ଉଚ୍ଚଳ ଆଲୋକୀକରଣ ଓ ପାନୀୟଜଳର ବ୍ୟବସ୍ଥା କରିବାକୁ ସହରବାସୀ ଦାବି କରିଛନ୍ତି । ସେହିପରି ଅଧାରେ ଅଟକିଥିବା ବିଶ୍ରାମ ଗୃହ ନିର୍ମାଣ କାର୍ଯ୍ୟ ଶେଷ ନିମନ୍ତେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷା ସେଥିପ୍ରତି ଦୃଷ୍ଟି ଦେବାକୁ ୧୩ ନଂ ୱାର୍ଡବାସୀ ଦାବି କରିଛନ୍ତି ।

ଖଣ୍ଡପଡ଼ା ବ୍ଲକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ଉଦଘାଟନ କଲେ ବିଧାୟକ

ଖଣ୍ଡପଡ଼ା, ୧୮/୧୧ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା ବିଶ୍ୱରଞ୍ଜନ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ।ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ନୟାଗଡ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ବସନ୍ତ କୁମାର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀ, ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ନୟାଗଡ କୃଷି ବିଜ୍ଞାନ କେନ୍ଦ୍ର ଅଧିକାରୀ ଅନିଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଡା ରାଜଶ୍ରୀ ବିଶୋଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଗୁଡିକ ସଂପର୍କରେ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ସବିଶେଷ ସୂଚନା ପ୍ରଦାନ କରିବା ସହ ସମସ୍ତ ଲୋକହିତକର ଯୋଜନା ଗୁଡିକର ସଫଳ ରୂପାୟନ ନେଇ ଅଂଚଳବାସୀ ଓ ପଂଚାୟତ ଜନପ୍ରତିନିଧି ମାନଙ୍କ ସହଯୋଗ କାମନା କରିଥିଲେ ।ସରକାରଙ୍କ ସମସ୍ତ ଜନ କଲ୍ୟାଣକାରୀ ଯୋଜନା ଗୁଡିକ କିପରି ସାଧାରଣ ଲୋକଙ୍କ ପାଖରେ ପହଂଚି ପାରିବ ସେ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିବାର ମହତ ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ସଂପର୍କରେ ଅତିଥିମାନେ ମତ ଦେଇଥିଲେ । ପାଲା କଳାକାରମାନଙ୍କ ଦ୍ୱାରା ସଚେତନ ଧର୍ମୀ ନାଟକ ଜୀବନ ଓ ଜୀବିକା ମଂଚସ୍ଥ ହୋଇଥିଲା । ଖଣ୍ଡପଡ଼ା ବ୍ଲକର ଶ୍ରେଷ୍ଠ ପ୍ରାଣୀ ସମ୍ପଦ କୃଷକ ଭାବେ ଯମୁନା ବେହେରା, ତୁଳସୀ ବାଲିଆ, ନିର୍ମଳା ନାୟକଙ୍କ ସହ ରୟତ ଢୋଳମରା ଗ୍ରାମର ମା ତାରିଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ପୁରସ୍କାର ବାବଦରେ ଅର୍ଥ ରାଶି ପ୍ରଦାନ କରାଯାଇଥିଲା ।ସେହିପରି ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟ ଚାଷ ନିମନ୍ତେ ସୋନାଲି ମଲ୍ଲ, ହର୍ଷ ରାଉତ, ପ୍ରମିଳା ଜେନାଙ୍କ ସମେତ ନଟବରପୁର ଶାସନ ଗ୍ରାମର ମା ଭଗବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏ ଅବସରରେ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ସେହିପରି ମତ୍ସ୍ୟ ଚାଷ ନିମନ୍ତେ କଂଟିଲୋ ଅଂଚଳର ଅନନ୍ୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ପୁରସ୍କାର ବାବଦରେ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଶେଷରେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦେବାଶିଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗୀୟ କର୍ମଚାରୀ ଓ ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏ ଅବସରରେ ୧୨ ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ଖଣ୍ଡପଡ଼ା ବ୍ଲକ ଅଧିନ ୨୨ ଟି ପଂଚାୟତରୁ ମହିଳାଙ୍କ ସମେତ ୫୦୦ ରୁ ଉର୍ଦ୍ଧ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ ।

ଜିଲ୍ଲା ରେଡକ୍ରସ ଶିକ୍ଷା ତାଲିମ ଶିବିର ଉଦଯାପିତ

ଚିଲିକା/ବାଲୁଗାଁ, ୧୮/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମହାବିଦ୍ୟାଳୟ ଯୁବ ରେଡକ୍ରସ ଦ୍ୱାରା ଆୟୋଜିତ ତିନିଦିନିଆ ଜିଲ୍ଲା ସ୍ତରୀୟ ଶିକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ ଯୋଗଦେଇ କହିଲେ ଯେ ସ୍ୱେଚ୍ଛାସେବୀମାନେ ହେଉଛନ୍ତି ଆମ ସମାଜର ପରିବର୍ତ୍ତନର ବାହକ । ସେମାନେ ଯେ କୌଣସି ପରିବର୍ତ୍ତନ ଚାହିଁବେ ତାହା ସମ୍ଭବ କରିପାରିବେ । ଚିଲିକାର ଅତିଥିପକ୍ଷୀ ମାନଙ୍କ ସୁରକ୍ଷା ଓ ସଚେତନତାରେ ସେମାନଙ୍କ ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ । ଉକ୍ତ ସଭାରେ ରେଡକ୍ରସ ତାଲିମଦାତା ଡ଼କ୍ଟର ତ୍ରିନାଥ କୁମାର ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କ ଦାୟିତ୍ୱବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ । ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ରବି ଶଙ୍କର ହୋତା ମଂଚ ସଂଯୋଜନା କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଧୋବି ଚରଣ ପରିଡା.ଜିଲ୍ଲା ରେଡକ୍ରସ ସଂଯୋଜକ ରଞ୍ଜନ କୁମାର ମହାପାତ୍ର ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ତାଲିମ ଶିବିରରେ ଅଧିକ ସଂଖ୍ୟକ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଧନ୍ୟବାଦ ଦେଇଥିଲେ ଶିବିର ସଂଯୋଜିକା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ । ଏହି ଶିବିରରେ ତିନିଦିନ ଧରି ସ୍ୱେଚ୍ଛାସେବୀ ମାନଙ୍କୁ ବିଭିନ୍ନ ବିଷୟରେ ତାଲିମ ଓ ଶିକ୍ଷା ପ୍ରଦାନ କରିଥିବା ତାଲିମଦାତା ଡ଼କ୍ଟର ବି.ଗୋବିନ୍ଦ ରାଓ, ଡ଼କ୍ଟର ଲୋକନାଥ ମହାନ୍ତି, ଡ଼କ୍ଟର ଅଜୟ କୁମାର ତ୍ରିପାଠୀ, ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣା ,ଅନନ୍ତ ଚରଣ ଖଟେଇ, ସୁଦେଶ କୁମାର ସେଠି,ବବୁଲ କୁମାର ସ୍ୱାଇଁଙ୍କର ଭୂମିକା ଶିବିର ସଫଳତା ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ଶିବିରରେ ଶ୍ରେଷ୍ଠ ରେଡକ୍ରସ ପରାମର୍ଶଦାତା ଭାବେ ଅଧ୍ୟାପିକା ପୁଷ୍ପାଞ୍ଜଳି ନରେନ୍ଦ୍ର ଓ ଅଧ୍ୟାପକ ରବି ଶଙ୍କର ହୋତାଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ସେହିଭଳି ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଅମରେଶ ମହାପାତ୍ର ଓ ଚିନ୍ମୟୀ ତରାଇଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ସ୍ୱେଚ୍ଛାସେବୀମାନଙ୍କ ବୌଦ୍ଧିକ ଜ୍ଞାନ, ବ୍ୟକ୍ତିତ୍ୱ ଓ ନେତୃତ୍ୱ ବିକାଶ ପାଇଁ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ,କୁଇଜ, କଣ୍ଠ ସଂଗୀତ,ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ଶିବିରାର୍ଥୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ସୋରିଷଡିହ ମଦ୍ରସାର ଛାତ୍ର ଛାତ୍ରୀଙ୍କୁ ପୋଷାକ ବଂଟନ



ଧାମନଗର, ୧୮/୧୧ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ବୁଡ଼ାକୁଟି ଗ୍ରାମ ପଂଚାୟତ ଅଧିନସ୍ଥ ସରେଇ ସ୍ଥିତ ମଦ୍ରାସା କାଦରିୟା ଗାଜିନଗର, ସୋରିଷଡିହ ଠାରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମଦ୍ରାସାର ପ୍ରଧାନ ଶିକ୍ଷକ ସାହା ମୁମତାଜଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆରସିସି ଦେବେନ୍ଦ୍ର କୁମାର କବି ଯୋଗଦେଇଥିବା ବେଳେ ପୂର୍ବତନ ସିଆରସିସି ପ୍ରଶାନ୍ତ କୁମାର ବେହେରା, ଓଡିଶା ମଦ୍ରାସା ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଏସ କେ ନାସିରୁଦ୍ଦିନ,ସୋରିଷଡିହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ପୋଷାକ ବଂଟନର ଉଦ୍ଦେଶ୍ୟ ଓ ଲକ୍ଷ ବିଦ୍ୟାଳୟର ପାଠପଢା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ୬୦ରୁ ଉର୍ଦ୍ଧ୍ୱ ଉପା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଦୁଇ ହଳ ଲେଖାଏଁ ପୋଷାକ, ଜୋତା, ମୌଜା, ଟି ଶାର୍ଟ, ଟ୍ରାକ ପେଂଟ, ଟୋପି ଓ ଆଇ କାର୍ଡ ବଂଟନ କରିଥିଲେ । ଏହି ପୋଷାକ ବଂଟନ ଉତ୍ସବରେ ଗ୍ରାମର ଅଭିଭାବକ ଗାଁର ମୁରବି ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶେଖ ସବିର ଅହେମ୍ମଦ ଅତିଥି ମାନଙ୍କୁ ସ୍ୱାଗତ ଅଭିଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲିଗୁଡାରେ ବ୍ଲକ ସ୍ତରୀୟ ସର୍ଗିଫୁଲ ମହୋତ୍ସବ ଉଦଯାପିତ



ବାଲିଗୁଡା, ୧୮/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ସ୍ତରୀୟ ସର୍ଗିଫୁଲ ମହୋତ୍ସବ-୨୦୨୫ ବଡ଼ଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ଅତିଥି ଭାବେ କାଉନସିଲର ଅଜୟ ଦିଗାଲ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୀପକ କନ୍ଧାର ଯୋଗଦେଇ ଶୁଭାରମ୍ଭ କରିଥିଲେ । ବ୍ଲକର ସମସ୍ତ ୧୪ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଜୁନିୟର ଓ ସିନିୟର ରେ ମୋଟ ୨୨ ଟା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସମସ୍ତ ପ୍ରତିଯୋଗିତାକୁ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ପରିଚାଳନା କରି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । ଅପରାହ୍ନ ଦ୍ୱିତୀୟ ଅଧିବେଶନରେ ସର୍ଗିଫୁଲ ମହୋତ୍ସବର ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ବାଲିଗୁଡା ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ବାଗ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୀପକ କନ୍ଧାର, ପ୍ରଧାନ ଶିକ୍ଷୟତ୍ରୀ ପଦ୍ମିନୀ ପ୍ରଧାନ, ପ୍ରଫୁଲ୍ଲ ମହାରଣା, କୈଳାଶ ଚନ୍ଦ୍ର ସିଂ, ସସ୍ମିତା ଡାକୁଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ପୁରସ୍କାର ବିତରଣରେ ଜିତେନ୍ଦ୍ର ନାଥ ପାତ୍ର ସହଯୋଗ କରିଥିବା ବେଳେ ଗଟାଙ୍ଗି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତୀର୍ଥବାସୀ ଘଡେଇ ଉପସ୍ଥିତ ରହି ମଂଚ ପରିଚାଳନା କରିବା ସହ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରି ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ।

ବାବା ପ୍ରତାପେଶ୍ୱର ଦେବ ଫୁଟବଲ ଟୁର୍ଣ୍ଣାମେଂଟ ଉଦଘାଟନୀ ଉତ୍ସବ

ଚିଲିକା/ବାଣପୁର, ୧୮/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମସ୍ଥ ଲକ୍ଷ୍ମୀଧର ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡିଆ ପରିସରରେ ଫୁଟବଲ ଟୁର୍ଣ୍ଣାମେଂଟ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାବା ପ୍ରତାପେଶ୍ୱର ଦେବ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଂଟରେ ସ୍ୱତନ୍ତ୍ର ଆମନ୍ତ୍ରିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସକ ଡ଼ଃ ସଞ୍ଜୟ ରାୟ ଓ ଧର୍ମପତ୍ନୀ ଶର୍ମିଷ୍ଠା ରାୟ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଂଚ ଗୀତାଞ୍ଜଳି ବେହେରା, ସମ୍ମାନିତ ଅତିଥି ଭାବେ ଚିଲିକା ବ୍ଲକ ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଲକ୍ଷ୍ମୀଧର ସରକାରୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସତ୍ୟସାରଥୀ ବେଦମତା, ଆରକ୍ଷୀ ନିରୀକ୍ଷକ ଅକ୍ଷୟ କୁମାର ଭୋଳ, ବରିଷ୍ଠ ଶାରୀରିକ ଶିକ୍ଷାଧିକାରୀ ମହେନ୍ଦ୍ର ବିଶ୍ୱାଳ, ବରିଷ୍ଠ କ୍ରୀଡ଼ାବିତ ମକରଧ୍ୱଜ ପଲାଇ, ବିଶିଷ୍ଟ ଶିଳ୍ପଉଦ୍ୟୋଗୀ ସରୋଜ ମହାନ୍ତି, ଚିରିବାଡ଼ି ପୂର୍ବତନ ସରପଂଚ ଧର୍ମାନନ୍ଦ ସେଣ, ଅଁଳାଡ଼ିହ ସ୍କୁଲ ଶାରୀରିକ ଶିକ୍ଷକ ପବିତ୍ର ମୋହନ ପରିଡ଼ା, ସମାଜସେବୀ ପ୍ରଫୁଲ୍ଲ କୁମାର ରଥ, କ୍ରୀଡ଼ାବିତ ମନୋଜ ଶ୍ରୀଚନ୍ଦନ, ବ୍ୟବସାୟୀ ସତ୍ୟନାରାୟଣ ସୁବୁଦ୍ଧି,ପୂର୍ବତନ ସରପଂଚ ବଳଭଦ୍ର ବଳବନ୍ତରାୟ, ସମାଜସେବୀ ଗୋଦାବରୀଶ ବିଶ୍ୱାଳ, ଶିକ୍ଷାବିତ ପ୍ରଦୀପ କୁମାର ବଳବନ୍ତରାୟ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅତିଥି ମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସହିତ ଉଦଘାଟନୀ ଉତ୍ସବରେ ଅତିଥି ମାନେ ଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ପ୍ରଥମଲିଗ ମ୍ୟାଚରେ ଡାଇମଣ୍ଡ ଫୁଟବଲ କ୍ଲବ ଖୋର୍ଦ୍ଧା ସହିତ ବଡରଙ୍ଗୀ ଫୁଟବଲ କ୍ଲବ ଘାଟିକିଆ ଭୁବନେଶ୍ୱର ସହିତ କଡ଼ା ମୁକାବିଲା ହୋଇଥିଲା । ଖେଳର ସଂଘର୍ଷ ମଧ୍ୟରେ ଡାଇମଣ୍ଡ ଫୁଟବଲ କ୍ଲବ ଖୋର୍ଦ୍ଧା ୨-୧ରେ ବିଜୟୀ ହୋଇଥିଲା । ରେଫରୀ ଭାବେ ଭୁବନେଶ୍ୱରସ୍ଥିତ ଫୁଟବଲ ଏକାଡେମୀର ବିଜୟ ମଙ୍ଗରାଜ, ସହଯୋଗୀ ଭାବେ ଜାନି ସିଂହ ଓ ପ୍ରଫୁଲ୍ଲ ବେହେରା ତତସହିତ ଫୋର୍ଥ ରେଫରୀ ଭାବେ ବିନୋଦ କୁମାର ଗୁରୁ ଖେଳ ପରିଚାଳନା କରିଥିଲେ । ହଜାର ହଜାର ଦର୍ଶକ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ସହିତ ଖେଳ ଉପଭୋଗ କରିଥିଲେ ।

ନବରଙ୍ଗପୁର ଜିଲ୍ଲାରେ 'ଏକତା ପଦଯାତ୍ରା' ପ୍ରଥମ ଦିନ ମହାସମାରୋହରେ ଅନୁଷ୍ଠିତ

ନବରଙ୍ଗପୁର, ୧୮/୧୧ (ଆ.ପ୍ର) : ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମତିଥି ପାଳନ ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଭବ୍ୟ ସମାରୋହ 'ଏକତା ପଦଯାତ୍ରା' ରେ ଆଜି ମୁଖ୍ୟ ଅତିଥି ରୂପେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ । ବିଶିଷ୍ଟ ଅତିଥି ରୂପେ ମାନ୍ୟବର ଲୋକସଭା ସାଂସଦ ବଳଭଦ୍ର ମାଝି, ସମ୍ମାନୀତ ଅତିଥି ରୂପେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ,ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ପ୍ରମୁଖ ଯୋଗ ଦେଇ ପାପଡ଼ା ହାଣ୍ଡି ସ୍ଥିତ ସହିଦ ମିନାର ସ୍ମୃତିସ୍ତମ୍ଭ ଠାରେ ସହିଦ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଏକତା ପଦଯାତ୍ରା ରେ ସାମିଲ ହୋଇ ଥିଲେ । ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଂଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରଧ୍ୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସମାଜସେବୀ କୁଞ୍ଜ ବିହାରୀ ଦାସ, ପିଏ, ଆଇଟିଡିଏ ରାଜୀବ ସାହୁ , ଡିଇଓ ଛତ୍ରପତି ସାହୁ, ଡି ଡବ୍ଲୁ ଓ ରବୀନ୍ଦ୍ର ପାଳକା, ଡିଆଇପିଆର୍ ଓ ମନୋଜ ବେହେରା, ବି ଡି ଓ ନନ୍ଦାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁ, ବିଡିଓ ଡେବ୍ଲୁଲିଖୁଟି ମନୋଜ ପାଣିଗ୍ରାହୀ, ବି ଡି ଓ ନବରଙ୍ଗପୁର ସୁନିଲ ଖୁରା, ଡିସିଓ ଘାଷିଆ ହରିଜନ, କ୍ରୀଡ଼ା ଅଧିକାରୀ ସୁଶାନ୍ତ ନାୟକ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ, ଅନ୍ୟ ବିଭାଗୀୟ ଅଧିକାରୀ , ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା, ଯୁବକ, ଏସ ଏଚ୍ ଜି ମହିଳା, ଅଙ୍ଗନୱାଡ଼ି କର୍ମୀ,ବହୁ ଜନସାଧାରଣ , ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଯୋଗ ଦେଇ ବନ୍ଦେ ମାତରଂ,ଭାରତ ମାତା କି ଜୟ ,ଜାତୀୟ ଏକତା ଜିନ୍ଦାବାଦ ନାରା ସହ ପ୍ରାୟ ୧୫ କିମି ପାଦରେ ଯାତ୍ରା ପୂର୍ବକ ଆର୍ ସି ଡି ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ସମାବେଶ ହୋଇଥିଲେ । ପଦଯାତ୍ରାରେ ପାଇକ ଆଖଡ଼ା, ବିଭିନ୍ନ ସାଂସ୍କୃତିକ ଦଳ ନିଜ ନିଜର ରଣକୌଶଳ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ । ଆର୍ ସି ଡି ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ପଦଯାତ୍ରା ରେ ସାମିଲ ଥିବା ଅତିଥି ଗଣ ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ସାଂସଦ ବଳଭଦ୍ର ମାଝି, ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ ଓ ବିଶ୍ୱଜିତ ବର୍ମନ୍,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକ, ସମାଜ ସେବୀ କୁଞ୍ଜ ବିହାରୀ ଦାସ ପ୍ରମୁଖ ମଂଚାସିନ ଥିଲେ । ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ନିଜ ବକ୍ତବ୍ୟରେ ଆଜିର ଯୁବପିଢ଼ି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଦେଶ ମାତୃକାର ସେବା ରେ ନିଜକୁ ନିୟୋଜିତ ଏବଂ ନିଜକୁ ସ୍ୱାବଲମ୍ବୀ ମଣିଷ ରୂପେ ଗଢି ତୋଳିବା ପାଇଁ ଆହ୍ୱାନ କଲେ । ମାନ୍ୟବର ସାଂସଦ ବଳଭଦ୍ର ମାଝି ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀଙ୍କ 'ଏକ ଭାରତ ଆତ୍ମ ନିର୍ଭର ଭାରତ' ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ଉତ୍ପାଦ ଦ୍ରବ୍ୟର ବ୍ୟବହାର ଓ 'ଶ୍ରେଷ୍ଠ ଓ ସମୃଦ୍ଧ ଭାରତ' ର ସ୍ୱପ୍ନକୁ ସାକାର କରିବା ରେ ନିଜ ଉଦ୍ୟମ ଓ ସହଯୋଗ କୁ ଗୁରୁତ୍ୱ ଦେଲେ । ମାନ୍ୟବର ବିଧାୟକ ଗୌରୀ ଶଙ୍କର ମାଝୀ ନିଜ ବକ୍ତବ୍ୟରେ ଦେଶର ଏକତା,ସଦ୍ଭାବ, ଜାତୀୟ ସଂହତି ଓ ଭାଇଚାରାର ବାର୍ତ୍ତା ଦେଉଥିବା ଏହି ପଦଯାତ୍ରାରେ ସାମିଲ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସହ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସଭାରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ସମସ୍ତଙ୍କୁ 'ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଓ ଆତ୍ମନିର୍ଭର ଭାରତ' ର ଶପଥ ପାଠ କରାଇଥିଲେ । ଏହି ଅବସରରେ ହାଇସ୍କୁଲ ସ୍ତର ପ୍ରବନ୍ଧ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ । ସଭା ପରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପାପଡ଼ାହାଣ୍ଡି ସହିଦମିନାର ସଭା ଏବଂ ଆର୍ ସି ଡି ହାଇସ୍କୁଲ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶାନ୍ତ ନାୟକ କାର୍ଯ୍ୟକ୍ରମ ର ସଫଳ ରୂପାୟନ ରେ ସହଯୋଗ କରିଥିଲେ ।

୭ଲକ୍ଷରେ ମୁଣ୍ଡ ଜାମିନ୍ ରଖି ହତ୍ୟା ଧମକ ଦେଇଥିଲେ ଅପହରଣକାରୀ

ବଣାଇ, ୧୮/୧୧ (ଆ.ପ୍ର) : ବଣାଇ ଥାନା ଅଂଚଳରେ ବାରମ୍ବାର ଡକାୟତି ଘଟୁଥିବା ବେଳେ ଏବେ ଜଣେ ବ୍ୟକ୍ତିଙ୍କୁ ଅପହରଣ କରି ୭ ଲକ୍ଷ ଟଙ୍କା ନ ଦେଲେ ତାଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେବା ଘଟଣା ଚାଂଚଲ୍ୟ ସୃଷ୍ଟି କରିଛି । ବଣାଇ ଥାନା ଅନ୍ତର୍ଗତ ବଡ଼ ତୁରାମୁରା ଗାଁର କୁନ୍ତଳା ବେହେରା ଥାନାରେ ଅଭିଯୋଗ କରିଥିଲେ ଯେ ୧୬ ତାରିଖ ଅପରାହ୍ନ ୩ ସମୟରେ ମହୁଲପଡ଼ା ଥାନା ଦେଓ୍ବଲା ଗ୍ରାମର ବିଜୟ କୁମାର ମହାକୁଡ ଓ ତାଙ୍କ ସହଯୋଗୀମାନେ ବୋଲେରୋ (ଓଡି ୧୪ଏ ଜେ - ୯୩୫୬) ରେ ଆସି ତାଙ୍କ ସ୍ୱାମୀ ଜଗବନ୍ଧୁ ବେହେରାଙ୍କୁ ଅପହରଣ କରି ନେଇଯାଇଥିଲେ । ସେହି ସନ୍ଧ୍ୟା ୬ ସମୟରେ ସେମାନେ ଜଗବନ୍ଧୁଙ୍କ ପତ୍ନୀଙ୍କୁ ଫୋନକରି ୭ ଲକ୍ଷ ଟଙ୍କା ନଦେଲେ ଜଗବନ୍ଧୁଙ୍କୁ ଛାଡ଼ିବେ ନାହିଁ ବୋଲି ଧମକ ଦେଇଥିଲେ ଓ ଫୋନ ଫେରେ ୫୦ ହଜାର ଟଙ୍କା ଅଗ୍ରୀମ ମାଗିଥିଲେ । ଟଙ୍କା ନ ଦେଲେ ଜଗବନ୍ଧୁଙ୍କୁ ମାରି ଦିଆଯିବ ବୋଲି ସେମାନେ ଫୋନରେ ଧମକ ଦେଇଥିଲେ । ରାତି ୨ଟା ବେଳେ ପୁଣି ଫୋନ ଆସିଥିଲା । ଅପହରଣକାରୀମାନେ ଜଗବନ୍ଧୁଙ୍କ ଭାଇଙ୍କୁ ଫୋନ କରି ୫୦ ହଜାର ଟଙ୍କା ଆଉ ଥରେ ମାଗିଥିଲେ । ତେବେ ଭୋର ସମୟରେ ଜଗବନ୍ଧୁ ଅପହରଣକାରୀମାନଙ୍କ କବଳରୁ କୌଶଳେନ୍ଦ୍ର ମହାକୁଡ (୩୨) ଓ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବାୟାକୁମୁଟିଆ ଗାଁର ଉଦୟ ଘନ (୨୪) କୁ ଗିରଫ କରିଛି । ଏମାନଙ୍କ ପାଖରୁ ଏକ ବୋଲେରୋ, ୭୫୦୦ ଟଙ୍କା ଓ ଅପୋ ଫୋନ ଜବତ ହେଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଆହୁରି ୫ ଜଣ ଫେରାର ଅଛନ୍ତି । କୌଣସି ପ୍ରକାରେ ଖସି ପଳାଇ ଆସିଥିବା ସକ୍ଷମ ହୋଇଥିଲେ । ସେ ବିବ୍ରତ ଓ ଭୟଭୀତ ଅବସ୍ଥାରେ ଜଙ୍ଗଲ ରାସ୍ତାରେ ବୁଲୁଥିବା ବେଳେ ପୁଲିସ ତାଙ୍କୁ ଉଦ୍ଧାର କରିଥିଲା । ଅପହରଣକାରୀମାନେ ତାଙ୍କୁ ନିଜ କବଜାରେ ରଖିଥିବା ବେଳେ ତାଙ୍କୁ ମାଡ଼ପିଟ କରିଥିଲେ । ଧମକଚମକ ଦେଇଥିଲେ ଏବଂ ତାଙ୍କ ମୋବାଇଲ ଫୋନ ଓ ୨୦ ହଜାର ଟଙ୍କା ଲୁଟି ନେଇଥିଲେ । ପୁଲିସ ଏହି ଚାଂଚଲ୍ୟକର ଘଟଣାର ତଦନ୍ତ କରି ଦେଓ୍ବଲା ଗ୍ରାମର ବିଜୟ କୁମାର ମହାକୁଡ (୨୯),ରାଜେନ୍ଦ୍ର ମହାକୁଡ (୩୨) ଓ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବାୟାକୁମୁଟିଆ ଗାଁର ଉଦୟ ଘନ (୨୪) କୁ ଗିରଫ କରିଛି । ଏମାନଙ୍କ ପାଖରୁ ଏକ ବୋଲେରୋ, ୭୫୦୦ ଟଙ୍କା ଓ ଅପୋ ଫୋନ ଜବତ ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଆହୁରି ୫ ଜଣ ଫେରାର ଅଛନ୍ତି ।

ବୟସ୍କ ନାଗରିକ କଲ୍ୟାଣ ପରିଷଦର ପରିଚାଳନା କମିଟି ଗଠନ

ସିମୁଳିଆ, ୧୮/୧୧ (ଆ.ପ୍ର) : ସିମୁଳିଆ ବ୍ଲକ ବୟସ୍କ ନାଗରିକ କଲ୍ୟାଣ ପରିଷଦ ଆନନ୍ଦପୁର ପଂଚାୟତ ଶାଖା ପକ୍ଷରୁ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ଓ ପରିଚାଳନା କମିଟି ଗଠନ ହୋଇଯାଇଛି । ଏହି ସଭାକୁ ସିମୁଳିଆ ବ୍ଲକ କମିଟିର ସାଧାରଣ ସମ୍ପାଦକ ବୀରେନ୍ଦ୍ର କୁମାର ନାୟକ ଓ ସଂଗଠନ ସମ୍ପାଦକ ରଘୁନାଥ ପାଡି ଯୋଗଦେଇ ସଂଘର ଆଭିମୁଖ୍ୟ, କାର୍ଯ୍ୟକାରୀତା ଓ ବୃଦ୍ଧା ବ୍ୟକ୍ତିଙ୍କର ସେବା ଓ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ବରିଷ୍ଠ ସଦସ୍ୟ ମହେଶ୍ୱର ପାଣିଗ୍ରାହୀଙ୍କ ପରିଚାଳନାରେ ସଭାପତିଙ୍କ ପରାମର୍ଶ କ୍ରମେ ପଂଚାୟତର ଏକ ସ୍ଥାୟୀ ପରିଚାଳନା କମିଟି ଗଠନ କରାଯାଇଥିଲା । ସର୍ବସମ୍ମତି କ୍ରମେ ଗଣେଶ ପ୍ରସାଦ ପଣ୍ଡାଙ୍କୁ ସଭାପତି ଓ ମହେଶ୍ୱର ପଣ୍ଡାଙ୍କୁ ଉପସଭାପତି ରୂପେ ମନୋନୀତ କରାଯାଇଥିଲା । ସମ୍ପାଦକ ଭାବେ ନରେନ୍ଦ୍ର ଭାରତୀ, ସହ ସମ୍ପାଦକ ଉମାକାନ୍ତ ପାଢ଼ି, ସଂଗଠନ ସମ୍ପାଦକ ଗଜେନ୍ଦ୍ର ନାୟକ, କୋଷାଧ୍ୟକ୍ଷ କୃଷ୍ଣ ମାଝୀ, ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ସାବିତ୍ରୀ ଭାରତୀ, ଗଜେନ୍ଦ୍ର ଦାସ, ରବୀନ୍ଦ୍ର ଭାରତୀ, ଅଭୟ ବେହେରା, ଗଜେନ୍ଦ୍ର ପାଢ଼ି, ଏବଂ ଉପଦେଷ୍ଟା ଭାବେ ମଧୁସୂଦନ ଦାଶ, ରଘୁନାଥ ପାଢ଼ି, ସହଯୋଗୀ ସଦସ୍ୟ ଭାବେ ଗୌରାଙ୍ଗ ଉପାଧ୍ୟାୟ, କୈଳାଶ ଭାରତୀ, ମନୋନିତ ହୋଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ସ୍ୱାଗତ କରାଯାଇଥିଲା ।

‘ଚନ୍ଦ୍ରଭାଗା’ର ଆଜୀବନ ଉପଦେଷ୍ଟା ବୁଦ୍ଧିଜୀବୀ ପ୍ରାଧାପକ ଡ ପ୍ରହ୍ଲାଦ ମହାନ୍ତିଙ୍କୁ ପୁଷ୍ପାର୍ଘ୍ୟ

ବାଲେଶ୍ୱର, ୧୮/୧୧ (ଆ.ପ୍ର) :‘ଚନ୍ଦ୍ରଭାଗା’ ଅନୁଷ୍ଠାନର ଗତ ୩୫ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପଥପ୍ରଦର୍ଶକ ତଥା ବରିଷ୍ଠ ଉପଦେଷ୍ଟା ଭାବରେ ଓଡ଼ିଶାର ସାରସ୍ୱତ ସାଧକ ଗବେଷକ ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସନ୍ଧ୍ୟା ସ୍ଥାନୀୟ ଷ୍ଟେସନ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶିକ୍ଷଣ ଶିକ୍ଷାକେନ୍ଦ୍ରର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଭାଗବତ ପାଣିଗ୍ରାହୀ ଏବଂ ସାମ୍ୟବାଦୀ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀଙ୍କ ମିଳିତ ପୌରୋହିତ୍ୟରେ ସହସ୍ରାଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସହ ସର୍ବଜନାଦୃତ ହୋଇଥିବା ସ୍ୱର୍ଗୀୟ ମହାନ୍ତିଙ୍କ ସ୍ତୁତିଗାନ କରିବା ସହ ତାଙ୍କର ପ୍ରଚଣ୍ଡ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ । ସେହି ମହାନ୍ ବ୍ୟକ୍ତିଙ୍କ ଅବର୍ତ୍ତମାନରେ ଉପସ୍ଥିତ ସାରସ୍ୱତ ସାଧକମାନଙ୍କ ଦ୍ୱାରା ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଆଦର୍ଶର ପଥାନୁସରଣ କରିବାପାଇଁ ସଂକଳ୍ପ ନିଆଯାଇଥିଲା । ଡକ୍ଟର ପ୍ରହ୍ଲାଦ ମହାନ୍ତିଙ୍କ ସ୍ମାରକୀ ପାଇଁ ‘ଚନ୍ଦ୍ରଭାଗା’ ଆନୁକୂଲ୍ୟରେ ଯୋଗ୍ୟ ପ୍ରତିଭାମାନଙ୍କୁ

ସମ୍ବର୍ଦ୍ଧିତ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ‘ଚନ୍ଦ୍ରଭାଗା’ର ଅନ୍ୟତମ କାର୍ଯ୍ୟନିର୍ବାହୀ ସଦସ୍ୟ ଡକ୍ଟର ଶଶିକାନ୍ତ ମହାନ୍ତିଙ୍କ ସଂଚାଳନରେ ଆଇନଜୀବୀ ଅଶୋକ ସେନାପତି, ଆଇନଜୀବୀ ତୃଷାରକାନ୍ତୀ ମହାପାତ୍ର, ନାଟ୍ୟକାର ଅଶିଷ ଚକ୍ରବର୍ତ୍ତୀ, ସମାଜସେବୀ ବିନୋଦ ନାୟକ, ନାଟ୍ୟକାର ଡ. ଦିଲ୍ଲୀପ ରଥ, କବି ସିତାଂଶୁ ଲେଙ୍କା, ଅଧ୍ୟାପିକା ଡ. ଦୀପିକା ସେନାପତି, ଏସ୍‌ଜେପିଏସ୍‌ର ନିର୍ଦ୍ଦେଶକ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସରୋଜିନୀ ପାଣିଗ୍ରାହୀ, ଚିତ୍ରଶିଳ୍ପୀ ମରୁତ କୁମାର ରାଉତ, କାର୍ଯ୍ୟକାରୀ ସଂଯୋଜକ ଅରୁଣାଂଶୁ ପାଣିଗ୍ରାହୀ, ରୋନାଲିସା ପଣ୍ଡା, ସୁଲେଖକ ରମେଶ ଚନ୍ଦ୍ର ମହାରଣା, ଆଜୀବନ ସଦସ୍ୟ ସନ୍ତୋଷ ପଣ୍ଡା ଏବଂ ଷ୍ଟେସନକ୍ଲବ୍‌ର କାର୍ଯ୍ୟକାରୀ ନିଷ୍ପାଦକ ହୀରାଲାଲ ମହାପାତ୍ର ପ୍ରମୁଖ ନିଜନିଜ ମତବ୍ୟକ୍ତ କରିଥିଲେ । ସର୍ବଶେଷରେ ‘ଚନ୍ଦ୍ରଭାଗା’ର ସମାଜସେବୀ ସଂଯୋଜକ ଅବନୀ କୁମାର ଜେନା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

ପ୍ରଥମଙ୍କୁ ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ

ସିମୁଳିଆ, ୧୮/୧୧ (ଆ.ପ୍ର) : ରାଜ୍ୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସଂଗୀତରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସ୍କୁଲ ଓ ଅଂଚଳ ପାଇଁ ଗୌରବ ଆଣିଛନ୍ତି । ଆଜି ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରଥମ କୁମାର ବେହେରା ବ୍ଲକ, ତଥା ଜିଲ୍ଲାରେ ସୁରଭି କାର୍ଯ୍ୟରେ ପ୍ରଥମ ହୋଇ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଆଜି ବିଦ୍ୟାଳୟ ପ୍ରାର୍ଥନା କ୍ଲାସରେ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ମାଝୀଙ୍କ ସଭାପତିତ୍ୱରେ ପୂର୍ବତନ ବ୍ଲକ ସଭାପତି ତଥା ପୁରାତନ ଛାତ୍ର ସଂସଦ ସଭାପତି ଗୋକୁଳାନନ୍ଦ ମିଶ୍ର, ମାର୍କୋଣା ଆଥଲେଟିକ ସଭାପତି ରମାକାନ୍ତ ପଣ୍ଡା, ପରିଚାଳନା କମିଟି ସଭାପତି ମାଧବ ଚନ୍ଦ୍ର ପଣ୍ଡା ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ରାଜ୍ୟରେ ପ୍ରଥମ ହୋଇଥିବା ଖବର ପାଇ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ମାର୍କୋଣା ପଂଚାୟତର ସରପଂଚ କମଳାକାନ୍ତ ନାୟକ ଶୁଭେଚ୍ଛା ଜଣାଇଛନ୍ତି ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଓ ଗବେଷଣା ପାଇଁ ନୂତନ ଅଧ୍ୟାୟ : ‘ଭାଇସ ଚାନସ୍‌ଲରସ୍ କର୍ଣ୍ଣର’ ଓ ନବୀକୃତ ପଠନକକ୍ଷ ଉଦ୍‌ଘାଟିତ

ନୀଳଗିରି, ୧୮/୧୧ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟ ତାହାର ଶିକ୍ଷାଗତ ଓ ସାଂସ୍କୃତିକ ପୃଷ୍ଠଭୂମିକୁ ଆହୁରି ସୁଦୃଢ଼ କରିବା ଉଦ୍ୟମରେ ଏକ ନୂତନ ପଦକ୍ଷେପ ଗ୍ରହଣ କରିଛି । ୧୮/୧୧ (ଆ.ପ୍ର) :ଏହି କ୍ରମରେ ବିଶ୍ୱବିଦ୍ୟାଳୟସ୍ଥିତ ଡକ୍ଟର ହରେକୃଷ୍ଣ ମହାତାବ କେନ୍ଦ୍ରୀୟ ଗ୍ରନ୍ଥାଗାର ରେ ‘ଭାଇସ ଚାନସ୍‌ଲରସ୍ କର୍ଣ୍ଣର’ ଓ ନବନିର୍ମିତ ଉନ୍ନତ ପଠନକକ୍ଷ, ମୁଖ୍ୟ ଅତିଥି ତଥା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗ୍ରନ୍ଥାଗାର ନିର୍ଦ୍ଦେଶକ ପ୍ରଫେସର ସୁଧାଂଶୁ କୁମାର ଦେ, ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ଅର୍ଥନିୟନ୍ତ୍ରକ କରଣ ସୋରେନ, ବିକାଶ ଅଧିକାରୀ ଡ଼କ୍ଟର ପବିତ୍ର ମୋହନ ନାୟକଙ୍କ ସହିତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଗ୍ରନ୍ଥାଗାରର ସହକାରୀ ଅଧିକାରୀ ମୁକ୍ତେଶ୍ୱର ମହାପାତ୍ର ଓ ରତିକାନ୍ତ ବେହେରାଙ୍କ ନେତୃତ୍ୱରେ ଓ ସମସ୍ତ କର୍ମଚାରୀମାନଙ୍କ ସହଯୋଗରେ ଆୟୋଜିତ ହୋଇଥିଲା । ଉଦ୍‌ଘାଟନୀ ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ‘ପୁସ୍ତକାଳୟ ହେଉଛି ଶିକ୍ଷା ଉତ୍କର୍ଷ, ଗବେଷଣା ବିକାଶ ଓ ମାନସିକ ସଂସ୍କୃତିକୁ ଅଗ୍ରସର କରିବାର ମୂଳ ଭିତି । ‘ଭାଇସ ଚାନସ୍‌ଲରସ୍ କର୍ଣ୍ଣର’ ସହ ନବୀକୃତ ପଠନ ସ୍ଥଳୀମାନଙ୍କ ସ୍ଥାପନା ବିଶ୍ୱବିଦ୍ୟାଳୟର ଛାତ୍ରମୁଖୀ ଶିକ୍ଷାଗତ ପରିବେଶ ସୃଷ୍ଟି ପ୍ରତି ଦୃଢ଼ ସଂକଳ୍ପକୁ ପରିପ୍ରକାଶ କରିପାରିଛି ।’ ଏହାସହିତ ଗବେଷକ, ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ପାଇଁ ଭିନ୍ନ ଭିନ୍ନ ଭାବରେ ଡିଜାଇନ୍ କରାଯାଇଥିବା ଓ ଆଧୁନିକ ସୁବିଧାଯୋଗ୍ୟ ଯୁକ୍ତ ପାଠାଗାର କକ୍ଷଗୁଡିକ ଏକାଗ୍ର ଅଧ୍ୟୟନ, ଗବେଷଣାମୂଳକ ଦିଗକୁ ଉତ୍ସାହିତ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ପୁସ୍ତକାଳୟର ‘ହେରିଟେଜ୍ କର୍ଣ୍ଣର’ ବା ‘ଐତିହ୍ୟ କକ୍ଷ’ ର ଅଂଶ ଭାବେ ନବ ସ୍ଥାପିତ ‘ଭାଇସ ଚାନ୍‌ସ୍‌ଲରସ୍ କର୍ଣ୍ଣର’ ପୂର୍ବରୁ ସ୍ଥାପିତ ‘ଫକୀରମୋହନ ଆର୍କାଇଭ୍’, ‘ଡ଼କ୍ଟର କବିପ୍ରସାଦ ମିଶ୍ର ଗ୍ୟାଲେରୀ’, ‘ପଦ୍ମଶ୍ରୀ ଡ଼କ୍ଟର ଜୟନ୍ତ ମହାପାତ୍ର ଗ୍ୟାଲେରୀ’ ଓ ‘ପଦ୍ମଭୂଷଣ ମନୋଜ ଦାସ ଗ୍ୟାଲେରୀ’-କୁ ମିଶି ଗ୍ରନ୍ଥାଗାରକୁ ନୂତନତ୍ୱ ଓ ଉତ୍କୃଷ୍ଟତା ଦେଇଛି । ବର୍ତ୍ତମାନର ସମୃଦ୍ଧ ଐତିହ୍ୟ ପଠନକକ୍ଷ ବିଶ୍ୱବିଦ୍ୟାଳୟର ସାହିତ୍ୟ, ସାଂସ୍କୃତିକ ପାରମ୍ପରିକତା ଓ ଶିକ୍ଷା ଐତିହ୍ୟ ପ୍ରତି ଶ୍ରଦ୍ଧାର ଏକ ପ୍ରତୀକ ହୋଇପାରିଛି । ପ୍ରଫେସର ସୁଧାଂଶୁ କୁମାର ଦେ, ଗ୍ରନ୍ଥାଗାରକୁ ବିଶ୍ୱବିଦ୍ୟାଳୟର “ଜ୍ଞାନପୀଠ” ବୋଲି ବର୍ଣ୍ଣନା କରି କୁଳପତି ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଏହି ସମୃଦ୍ଧ ସୁବିଧାମାନଙ୍କୁ ସଫଳତାର ସହିତ ବ୍ୟବହାର କରିବାକୁ ଆହ୍ୱାନ କରିଥିଲେ । ଏଠାରେ ଚୟିତ ଶିକ୍ଷାଗତ ସଂଗ୍ରହ, ବିଷୟଭିତ୍ତିକ ସାମଗ୍ରୀ ଓ ବିଚାରକ ସ୍ଥାନ ପ୍ରଭୃତି ରହିଛି ଯାହା ଛାତ୍ରଛାତ୍ରୀଙ୍କୁ ନେତୃତ୍ୱ ଗଠନରେ ପ୍ରେରିତ କରିବ ତଥା ନବୀକୃତ ପଠନ କକ୍ଷ ଗୁଡିକ ସୁସ୍ଥ ଆଲୋକ ବ୍ୟବସ୍ଥା ଓ ସୁଗମ ସୁବିଧା ସହିତ ଶାନ୍ତ ଓ ଅଧ୍ୟୟନମୁଖୀ ପରିବେଶ ପ୍ରଦାନ କରିବ ବୋଲି ଗ୍ରନ୍ଥାଗାରର ଅଧିକାରୀମାନେ ମତବ୍ୟକ୍ତ କରିଥିଲେ ।

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜନ୍ମ ଦିବସ ଅବସରରେ ଭୋଗରାଇ ବିଜେପିର ମିଶ୍ରଣ ପର୍ବ

ଭୋଗରାଇ, ୧୮/୧୧ (ଆ.ପ୍ର) : ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚନ୍ଦନେଶ୍ୱର ନିୟୁ ଯାତ୍ରୀ ନିବାସ ଠାରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ଉତର ବାଲେଶ୍ୱର ସଭାପତି ପ୍ରଦୀପ କୁମାର ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବସ୍ତା ବିଜେପି ନେତା ରବିନ୍ଦ୍ର ଅଣ୍ଡିଆ, ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନ,

ବରିଷ୍ଠ ନେତା ଅଂଶୁମାନ ମହାନ୍ତି, ଦିଲ୍ଲୀପ କାମିଲା, ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମହେଶପୁର ସରପଂଚ ବରେନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ନାଏବ ସରପଂଚ ଅଞ୍ଜନା ପାତ୍ର, ୱାର୍ଡ଼ ମେମ୍ବର ବିଷ୍ଣୁପ୍ରିୟା ଦାସ, ରାମଚନ୍ଦ୍ର ଧଳ, ଅନାମ ସେଠୀ, କବିତା ଦାସ, ଭାନୁମତୀ ବଳାଇ, ଭାବଗ୍ରାହୀ ମିଶ୍ର, ପୂର୍ବତନ ସମିତି ସଦସ୍ୟ କବିତା ଦେଙ୍କ ସହିତ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଲୋକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ବିଜେପିରେ ଯୋଗଦାନ କରିଥିଲେ ।

ମେ ଆଇ ହେଲ୍ପ ୟୁର ପଂଚମ ବାର୍ଷିକ ଉତ୍ସବ ଓ ରକ୍ତଦାନ ଶିବିର ଅନୁଷ୍ଠାନ

ଜଳେଶ୍ୱର, ୧୮/୧୧ (ଆ.ପ୍ର) : ଜଳେଶ୍ୱର ଅଗ୍ରଣୀ ସାମାଜିକ ସଂଗଠନ‘ମେ ଆଇ ହେଲ୍ପ ୟୁ ମୋ ପରିବାର’ ଆଜକୁ ଦୀର୍ଘ ପାଂଚବର୍ଷ ଧରି ତାର ସେବା କାର୍ଯ୍ୟକ୍ରମ ଜଳେଶ୍ୱର ଏବଂ ଆଖ ପାଖ ଅଂଚଳରେ କରାଇ ଆସୁଛି । ସଂଗଠନ ବହୁ ସମୟରେ ରକ୍ତଦାନ, ବୃକ୍ଷ ରୋପଣ, ଶବ ଶତ୍କାର, ଖାଦ୍ୟ ଓ ବସ୍ତ୍ର ବଂଟନ କରି ଆସୁଅଛି । ଏହି ଅବସରରେ ସଂଗଠନର ଏବର୍ଷ ପଂଚମ ବାର୍ଷିକ ଉତ୍ସବ ଉପଲକ୍ଷେ ଜଳେଶ୍ୱର ବାସନ୍ତୀ ପଡ଼ିଆ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ରକ୍ତଦାନ ଶିବିରକୁ ବସ୍ତା ଏସଡିପିଓ ମାନସ କୁମାର ଦେଓ ଓ ସମାଜସେବୀ ସୁମନ୍ତ କୁମାର ଜେନା ଏବଂ ସଂଗଠନର ରାଜ୍ୟ ସଭାପତି କିଶୋର ହୋତା ରାଜ୍ୟ ଉପସଭାପତି ଚନ୍ଦନ ପ୍ରଧାନ ମିଳିତ ଭାବେ ଉଦଘାଟନ କରିଥିଲେ । ସନ୍ଧ୍ୟା ସମୟରେ ନୃତ୍ୟଶିଖା ଫାଉଣ୍ଡେସନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ତାରଙ୍ଗା ସମ୍ମାନ ପ୍ରଦାନ କରା ଯାଇଥିଲା । ଜଳେଶ୍ୱର ଓ ବାଲେଶ୍ୱର ବାହାରୁ ପ୍ରାୟ ପଚାଶରୁ ଅଧିକ ସଂଗଠନ ସହିତ ଜଳେଶ୍ୱର ଅଂଚଳରୁ କୋଡିଏ ରୁ ଅଧିକ ସାମ୍ବାଦିକ ଏବଂ ଶହେ ଜଣ କୁନି କୁନି ପିଲା ମାନଙ୍କୁ ସମ୍ମାନୀତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ମେ ଆଇ ହେଲ୍ପ ୟୁ ମୋ ପରିବାର ସଂଗଠନର ମୁଖ୍ୟ ଜଗନ୍ନାଥ ପରିଡ଼ା, ଜଳେଶ୍ୱର ଶାଖା ସଭାପତି ଶିବ ସୁନ୍ଦର ଜେନା, ଉପଦେଷ୍ଟା ଅମୀୟ ମହାନ୍ତି, ଅଭିଷେକ ପରିଡା, ସୁଶାନ୍ତ କୁମାର ବେହେରା, ବରୁଣ ଜେନା, ନରହରି ବେହେରା, ଶୁଚିସ୍ମିତା ବେଜ, ତୁଳସୀ ଦାସ ଅଧିକାରୀ, ଅଙ୍କିତା ପାତ୍ର, ମଧୁସ୍ମିତା ପାତ୍ର, କୁମୁଦିନୀ ବ୍ରହ୍ମଙ୍କ ସହ ଅନ୍ୟ ମେମ୍ବର ମାନେ ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ ।

ଡକ୍ଟର ତ୍ରିନାଥ ପଲ୍‌ଙ୍କ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି, ୧୮/୧୧ (ଆ.ପ୍ର) : ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘ ପକ୍ଷରୁ ନୀଳଗିରି ଉପଖଣ୍ଡ ଚିକିତ୍ସା ଳୟ ପରିସରରେ ସ୍ୱର୍ଗତଃ ଡ଼ା.ତ୍ରିନାଥ ପାଲ ପାଇଁ ଏକ ଶ୍ରଦ୍ଧାଂଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ସରୋଜିନୀ ପ୍ରଧାନ ସଭାପତିତ୍ୱ କରିଥିଲେ । ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ସଭାରେ ଡକ୍ଟର ରାମକୃଷ୍ଣ ସାହୁ, ଡକ୍ଟର ଶୁଭ୍ରାଂଶୁ ଶେଖର ପରିଡା, ଡକ୍ଟର ଅଭୀପସା ମହାନ୍ତି, ଡକ୍ଟର ରାଧା ପ୍ରସାଦ ମିଶ୍ର, ଶିବାଶିଷ ନାୟକଙ୍କ ସମେତ ଡାକ୍ତରଖାନାର ସମସ୍ତ କର୍ମଚାରୀ ଯୋଗ ଦେବା ସହିତ ରକ୍ତଦାତା ସଂଘ ର ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ରବି ରାଉତ, ତପସ୍ୱିନୀ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଲୋକ ସାମିଲ ହୋଇଥିଲେ । ଡକ୍ଟର ତ୍ରିନାଥ ପାଲ ନିଜର ଦୁଇଟି ଚକ୍ଷୁ ଦାନ କରି ସମସ୍ତଙ୍କ ମନ ଓ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ନେଇଛନ୍ତି ବୋଲି କୁହାଯାଇ ପାରିବ । ଏହି ସଭାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ମାନେ ମତ ପ୍ରକାଶ କରିଥିଲେ । ତାଙ୍କ ମୃତ୍ୟୁ ନୀଳଗିରି ରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ଅପୂରଣୀୟ ରହିବ । ତାଙ୍କ ସମୟରେ ରକ୍ତ କେନ୍ଦ୍ରରେ ବହୁ ଉନ୍ନତି ସାଧନ ହୋଇଛି । ତାଙ୍କ ପାଇଁ ନୀଳଗିରି ରକ୍ତ କେନ୍ଦ୍ର ସାରା ଓଡିଶାରେ ଗୌରବ ଅର୍ଜନ କରିଛି । ତାଙ୍କର ଅବର୍ତ୍ତମାନରେ ନୀଳଗିରି ଉପଖଣ୍ଡ ଚିକିତ୍ସା ଳୟ ରେ ରୋଗୀ ସେବା ରେ ବହୁ ବାଧା ସୃଷ୍ଟି ହେବ ଏଥିରେ ସଂଦେହ ନାହିଁ । ତାଙ୍କ ସ୍ଥାନରେ ନୂତନ ଭାବେ ନିଯୁକ୍ତି ପାଇଁ ରକ୍ତଦାତା ସଂଘ ତରଫରୁ ସରକାରଙ୍କ ପାରେ ଦାବି କରାଯାଇଛି । ଶେଷରେ ଡକ୍ଟର ଶୁଭ୍ରାଂଶୁ ଶେଖର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଗରିବ ମେଧାବୀ ଛାତ୍ରଙ୍କୁ ଡାକ୍ତରୀ ଶିକ୍ଷା ପାଇଁ ସହାୟତା ରାଶି ପ୍ରଦାନ

ନୀଳଗିରି, ୧୮/୧୧ (ଆ.ପ୍ର) : ନୀଳଗିରି ବାଲିଗୋହିରି ସ୍ଥିତ ରତ୍ନାକର ଟାଉନ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ମାନଙ୍କ ଦ୍ୱାରା ନବ ଗଠିତ ଆରଟିଏଚଏସ୍ ରାଧାକ୍ରିଷ୍ଣ ଚାରିଟେବୁଲ ଫାଉଣ୍ଡେସନ ଦ୍ୱାରା ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ, ଖନ୍ତାପଡ଼ା ଥାନା ଅଧୀନସ୍ଥ ଚକଜଗନ୍ନାଥ ପୁର ଗ୍ରାମର ଶଶିକାନ୍ତ ପାତ୍ର, ହରୀଶ ଚନ୍ଦ୍ର ପାତ୍ର ଙ୍କ ର ଜଣେ ସୁଯୋଗ୍ୟ ସନ୍ତାନ ତଥା ଜଣେ ମେଧାବୀ ଛାତ୍ର ଭାବେ ବେଶ ପରିଚିତ । ଶଶିକାନ୍ତ ପାତ୍ର ଯିଏକି ଡାକ୍ତରୀ ପରୀକ୍ଷା ରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ପ୍ରଥମ ବର୍ଷ ଶିକ୍ଷା ପାଇଁ ଅର୍ଥାଭାବରୁ ଆଡ଼ମିଶନ ହୋଇ ପାରୁନଥିଲେ । ଏହି ଖବର ପାଇବା ପରେ ନାବାର୍ଡର ଡି ଜି ଏମ ତଥା ଆରଟି ଏଚ ଏସ୍‌ର ପୁରାତନ ଛାତ୍ର ତାପସ ରଂଜନ ପ୍ରଧାନ, ତାଙ୍କୁ ତାଙ୍କ ଘରେ ଯାଇ ଭେଟିଥିଲେ ଓ ସହାୟତା ରାଶି ପ୍ରଦାନ କରିଥିଲେ । ଆରଟିଏଚଏସ୍ ରାଧାକ୍ରିଷ୍ଣ ଚାରିଟେବୁଲ ଫାଉଣ୍ଡେସନ ଟ୍ରଷ୍ଟର ଚେୟାରମେନ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡା ଶିକ୍ଷକ ଅଚିନ୍ତ୍ୟକୁମାର ଦାସ, ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି, ସମସ୍ତ ସଦସ୍ୟ , ସଦସ୍ୟା ଓ ଗ୍ରାମ ବାସୀଙ୍କ ଉପସ୍ଥିତିରେ ମେଧାବୀ ଛାତ୍ର ଶଶିକାନ୍ତ ପାତ୍ରଙ୍କୁ ତାଙ୍କ ଖନ୍ତାପଡ଼ା ସ୍ଥିତ ବାସ ଭବନ ରେ ଦ୍ୱିତୀୟ ବର୍ଷର ଆଡ଼ମିଶନ ପାଇଁ ଅର୍ଥ ରାଶି ପ୍ରଦାନ କରିଥିଲେ । ଶଶିକାନ୍ତ ପାତ୍ର ତାଙ୍କ ପିତା ଓ ମାତାଙ୍କର ପଂଚମ ସନ୍ତାନ ତଥା ଏକ ମାତ୍ର ପୁତ୍ର । ଭବିଷ୍ୟତରେ ଡାକ୍ତର ନୀଳମାଧବ ରଥ ଓ ବିଦ୍ୟୁତ ଦାସଙ୍କ ଭଳି ଜଣେ ଭଲ ଡାକ୍ତର ହେବା ସହିତ ଗରିବ ଲୋକ ମାନଙ୍କୁ ସହାୟତା କରିବା ତାଙ୍କର ଲକ୍ଷ୍ୟ ବୋଲି କହିଥିଲେ । ଏଥି ସହ ଟ୍ରଷ୍ଟର ସଦସ୍ୟ ମାନେ ଆଗାମୀ ଦିନରେ ଶଶିକାନ୍ତ ପାତ୍ରଙ୍କର ସମସ୍ତ ପାଠ ପଢ଼ା ଖର୍ଚ୍ଚ ବହନ କରିବା ସହ ଅସୁବିଧା ସମୟରେ ଯଥା ସମ୍ଭବ ସାହାଯ୍ୟ କରିବେ ବୋଲି ତାଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି । ଏଥି ପାଇଁ ପରିବାର ବର୍ଗ ଖୁସିରେ ଆତ୍ମ ବିଭୋର ହୋଇ ଲୋତକ ଭରା ଚକ୍ଷୁରେ ଟ୍ରଷ୍ଟର ଚେୟାରମେନ ତଥା ସଦସ୍ୟ ମାନଙ୍କୁ ଅଜସ୍ର କୃତଜ୍ଞତା ଅର୍ପଣ କରିଥିଲେ ।

ଭୋଗରାଇରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଏକତାର ଗଣ ଦୌଡ଼ ଅନୁଷ୍ଠିତ



ଭୋଗରାଇ, ୧୮/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀରେ ଏକତାର ଗଣ ଦୌଡ଼ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲ, କଲେଜର ଛାତ୍ର ଛାତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ବିଭିନ୍ନ ରାଜନୈତିକ କର୍ମୀ, ସାଧାରଣ ଜନତା ଓ ପ୍ରଶାସନିକ ଅଧିକାରୀ ମାନେ ସାମିଲ ହୋଇଥିଲେ । ଏହି ଗଣ ଦୌଡ଼କୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ଚନ୍ଦନେଶ୍ୱର ଠାରୁ ଏହି ରାଲି ବାହାରି ଥାନାଛକ ପର୍ଯ୍ୟନ୍ତ ଆସିଥିଲେ । ଏକ ଭାରତ ଆତ୍ମନିର୍ଭର ଭାରତ ନାରା ଦେଇ ଭାରତକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଛି । ଦେଶର ଏକତାକୁ ସୁଦୃଢ଼ କରିବା ପାଇଁ ହାତରେ ତ୍ରିରଙ୍ଗା ଧରି ଦୀର୍ଘ ୮ କିମି ପର୍ଯ୍ୟନ୍ତ ପିଲାଙ୍କ ସହ ଚାଲି ଥାନାଛକ ହେଲିପେଡ ପଡିଆରେ ପହଂଚିଥିଲେ । ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନୀଳଗିରି ଉପଜିଲ୍ଲାପାଳ ଡ଼ଃ ମୁଧୁସ୍ମିତା ସାମନ୍ତରାୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ସାଂସଦ ଶ୍ରୀ ଷଡ଼ଙ୍ଗୀ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନୀ ସଂପର୍କରେ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ଶିବ ମାଲବିୟ, ଅତିରିକ୍ତ ଜିଲ୍ଲାପାଳଙ୍କ (ରାଜସ୍ୱ) ହେମନ୍ତ କୁମାର ସିଂ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସଂଜୟ କୁମାର ରାଉତ, ଜିଲ୍ଲା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅଧିକାରିଣୀ ମନଶିଳୀ ରାଉତ, ସମାଜସେବୀ ଆଶିଷ କୁମାର ପାତ୍ର, ରବୀନ୍ଦ୍ର ଅଣ୍ଡିଆ, ବ୍ରଜମୋହନ ପ୍ରଧାନ, ଭୋଗରାଇ ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା, ତହସିଲଦାର ସୂର୍ଯ୍ୟ କୁମାର ନାୟକ, ସମାଜସେବୀ ପ୍ରଦୀପ ପଣ୍ଡା, ନାରୀନେତ୍ରୀ ସିପ୍ରା ବାଜପେୟୀ, ଅଂଶୁମାନ ମହାନ୍ତି, ଜିଲ୍ଲା ଆତ୍ମନିର୍ଭରଶୀଳ ସଂଯୋଜକ ଅରବିନ୍ଦ ବେହେରା, ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ ଶୁଭେଚ୍ଛୁ ସାମିଲ ହୋଇଥିଲେ ।

ସମବାୟ ସମିତିର ଉପନିବନ୍ଧକଙ୍କୁ ଦାବୀପତ୍ର ଦେଲେ ମାଟିଆଳୀ ସମିତିର ଚାଷୀ ୨୧ ଦିନରେ କାର୍ଯ୍ୟନୁଷ୍ଠାନ ନହେଲେ ରାସ୍ତାରୋକ୍ ଚେତାବନୀ

ନୀଳଗିରି, ୧୮/୧୧ (ଆ.ପ୍ର) : ନୀଳଗିରି ଉପଖଣ୍ଡ ମାଟିଆଳୀ ବୃହଦାକାର ବହୁମୁଖୀ ସମବାୟସମିତି ଅଧୀନରେ ମାଟିଆଳୀ, ଛତ୍ରପୁର ଏବଂ ବରହମପୁର ନାମକ ତିନୋଟି ଶାଖାସମିତି ଗଠିତହୋଇ ଚାଷୀମାନଙ୍କୁ ସେବାଯୋଗାଇ ଆସୁଥିବାବେଳେ ବିଗତ କିଛିବର୍ଷ ଧରି ବ୍ୟାପକ ଅନିୟମିତତା ହେଉଥିବାର ଉକ୍ତ ଅଂଚଳର ଚାଷୀସମୂହକୁ ନେଇ ଗଠିତ ‘ଚାଷୀସୁରକ୍ଷା ସମିତି’ ଅଭିଯୋଗ କରିଛି । ଫଳରେ ଚାଷୀସମୂହ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୨୧ଦିନ ମଧ୍ୟରେ ଏହାର ସଠିକ ସମାଧାନ ନହେଲେ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇବା ସହିତ ରାସ୍ତାରୋକ କରିବାକୁ ଆଜି ବାଲେଶ୍ୱର ଡିଆରସି ଏସଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ମୁଖ୍ୟତଃ ଚଳିତ ବର୍ଷ ଚାଷୀଙ୍କୁ ସରକାରୀ ସାର ଯୋଗାଣ କରାନଯାଇ ନଥିବା ବେଳେ ପୂର୍ବ ବର୍ଷ ଗୁଡିକରେ ଯେଉଁ ସଂସ୍ଥା ଠାରୁ ସାର କ୍ରୟ କରାଯାଇଥିଲା

ତାହାର ଟଙ୍କା ପୈଠ କରାନଯାଇ ହଡପ କରାଯାଇଥିବା ଅଭିଯୋଗ ହେଉଛି । ସେହିପରି ବିନା ରସିଦରେ ଚାଷୀମାନଙ୍କ ଠାରୁ ଋଣ ପରିଶୋଧ ବାହାନାରେ ୫୦ରୁ ୫୦୦ ଟଙ୍କା ଆଦାୟ କରାଯାଇଛି । ଛତ୍ରପୁର ଓ ମାଟିଆଳୀ ଶାଖାରେ ଅଫିସ ଓ ଗୋଦାମ ଘର ନଥିବାରୁ ଅନ୍ୟତ୍ର ଭଡା ଘରେ ଧାନ ରଖାଯାଇ ଡଂଚକତା କରାଯାଇଛି । ଖରିଫ ଧାନ ବିକ୍ରି ଅନଲାଇନ ରେଜିଷ୍ଟ୍ରେସନରେ ହେରଫେର, ନିର୍ଦ୍ଦିଷ୍ଟ କିଛି ଗୋଷ୍ଠୀଙ୍କଠାରୁ ଶହ ଶହ ଟନ ଧାନ ମିଲରକୁ ପଠାଯାଇଥିବା ବେଳେ ପ୍ରକୃତ ଚାଷୀଙ୍କୁ ବିଭିନ୍ନ ବାହାନା ଦେଖାଇ ବାଦ କରାଯାଇଛି । ଲ୍ୟାମ୍ପର ତିନୋଟି ଶାଖା ଥିବା ବେଳେ ବରହମପୁର ଶାଖାରେ ସମସ୍ତ ଅଧିକାରୀ ରହୁଛନ୍ତି ଓ ସେଠାରେ ମଦର ଆଖର ଜମୁଥିବା ଅଭିଯୋଗ ହେଉଛି । ଚଳିତ ବର୍ଷ ମାଟିଆଳୀ ଲ୍ୟାମ୍ପରେ ସାର କିଣାନଯାଇଥିବାରୁ ସରକାରଙ୍କ ନୂଆ ନିୟମ ଅନୁଯାୟୀ ଖରିଫ ଧାନ କିଣା ପାଇଁ ଲିଷ୍ଟ ଆସିବ କି ନାହିଁ ଆଶଙ୍କା ରହିଥିବା ଅଭିଯୋଗ ହୋଇଛି । ଏହି ଦାବୀପତ୍ର ପ୍ରଦାନ ସମୟରେ ଚାଷୀ ଅକ୍ଷୟ ବେହେରା, ଅମରେନ୍ଦ୍ର ନାୟକ, ଅରୁଣ କୁମାର ଦାସ, ଉପେନ୍ଦ୍ର ଦାସ, ରାହାସମଣୀ ମଣ୍ଡଳ, ତ୍ରିଲୋଚନ ବେହେରା, କୌଶଲ୍ୟା ସାହୁ, ଜ୍ୟୋତିନ୍ଦ୍ରନାଥ ବେହେରା, ରବୀନ୍ଦ୍ର ମଣ୍ଡଳ, ଅଶ୍ୱିନୀ ଦାସ, ପ୍ରଫୁଲ୍ଲ ସାହୁ, ମହେନ୍ଦ୍ର ସାହୁ ପ୍ରମୁଖ ବହୁଚାଷୀ ନେତା ଉପସ୍ଥିତ ରହିଥିଲେ । ଏ ନେଇ ସମବାୟ ସମିତିର ଉପନିବନ୍ଧକ ସରୋଜିନୀ ନାୟକଙ୍କୁ ପଚାରିବାରୁ ମୋ ପାଖରେ ଦାବୀ ପତ୍ର ପହଂଚିଛି ଖୁବ ଶୀଘ୍ର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଯିବ ଯଦି କୌଣସି ତ୍ରୁଟି ବା ଅନିୟମିତତା ଦେଖାଯାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ବାଟବଣା ଶୈଶବ

ମଣିଷ ଜୀବନର ପ୍ରାଥମିକ ଅବସ୍ଥା ହେଉଛି ଶୈଶବ । ମାତୃଗର୍ଭରୁ ଜନ୍ମନେବାଠାରୁ କୈଶୋର ଅବସ୍ଥା ପର୍ଯ୍ୟନ୍ତ ତା'ର ଚପଳ ଗୁଣ ସମସ୍ତଙ୍କୁ ବିମୋହିତ କରେ । ଏହି ଅବସ୍ଥା ମଧ୍ୟରେ ତା'ର ପ୍ରତିଟି କାର୍ଯ୍ୟକଳାପ ସ୍ମରଣୀୟ ହୋଇଥାଏ । ଦୁନିଆକୁ ନୂଆକରି ଦେଖୁଥିବା ଶିଶୁ ମଧ୍ୟରେ ନଥାଏ ହିଂସା, ଈର୍ଷା, କପଟତା । କେବଳ ଥାଏ ଆବିଳତା । ଶିଶୁର କୋମଳ ସ୍ପର୍ଶରେ ମନରୁ ସମସ୍ତ ରାଗ, ଅଭିମାନ ଅକସ୍ମାତ୍ ମିଳେଇ ଯାଏ । ପ୍ରତିଟି ଶିଶୁର କଥାରେ ଥାଏ ଆତ୍ମୀୟତା । ତେଣୁ ଶିଶୁକୁ ଭଗବାନଙ୍କ ରୂପ ବୋଲି କୁହାଯାଏ । ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ । ତେଣୁ ସମାଜ ସବୁବେଳେ ଶିଶୁ ପାଇଁ ଯତ୍ନଶୀଳ ହୋଇଥାଏ । ହେଲେ ବର୍ତ୍ତମାନ ସମୟରେ ଆମେ ଶିଶୁଙ୍କ ସଠିକ ଯତ୍ନ ନେଇ ପାରୁନୁ । ଯେଉଁସବୁ ସାମଗ୍ରୀଠାରୁ ଶିଶୁଙ୍କୁ ଦୂରେଇ ରଖିବା ଉଚିତ ଆମେ ସେହିସବୁ ସାମଗ୍ରୀ ସହ ଖେଳିବା ପାଇଁ ତାକୁ ଉତ୍ସାହିତ କରୁଛୁ । ଯାହାଫଳରେ ଶିଶୁର ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଛି । ସେ କ୍ରମଶଃ ନିଜ ପାଠପଢ଼ାଠାରୁ ଦୂରେଇ ଯାଉଛି । ଯାହାକି ଅଭିଭାବକଙ୍କ ମୁଣ୍ଡବିନ୍ଧାର କାରଣ ହେଉଛି । ଶୈଶବ ଅବସ୍ଥାରେ ପିଲାଟି ଯାହା ଶିଖେ ତାହାକୁ ସଙ୍ଗେ ସଙ୍ଗେ ମନେ ରଖିବିଏ । ତେଣୁ ବାଲ୍ୟାବସ୍ଥାରୁ ଶିଶୁକୁ ଉତ୍ତମ ଶିକ୍ଷା ଦେବା ଜରୁରୀ । ସେଥିପାଇଁ ଶିଶୁର ଶରୀରର ଗଠନ ଓ ସ୍ମରଣଶକ୍ତିର ବିକାଶ ପାଇଁ ବାଲ୍ୟାବସ୍ଥାରୁ ତା'ର ଯତ୍ନ ନିଆଯାଏ । ଶିଶୁର ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିବ ବୋଲି ପାଞ୍ଚବର୍ଷ ପର୍ଯ୍ୟନ୍ତ ତାକୁ ପାଠପଢ଼ାଠାରୁ ଦୂରେଇ ରଖାଯାଏ । ପାଞ୍ଚବର୍ଷ ପରେ ଶିଶୁମାନେ ସ୍କୁଲକୁ ଯାଇ ଅଧ୍ୟୟନ କରିଥାନ୍ତି । ଶିଶୁଙ୍କ ଶରୀରର ହାଡ଼ ଦୁର୍ବଳ ଓ ମାଂସ କୋମଳ ହୋଇଥାଏ । ତେଣୁ ତାକୁ ବାଲ୍ୟାବସ୍ଥାରେ ମାଡ଼ ମାରିବା ଉଚିତ ନୁହେଁ । ସେଥିପାଇଁ ସ୍କୁଲଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳଭାବେ ଘୋଷଣା କରାଯାଇଛି । ଆଜିର ସମୟରେ ଆମେ ସାଧାରଣତଃ ଯନ୍ତ୍ରମାନର ଜ୍ଞାନକୌଶଳ ଉପରେ ନିର୍ଭର କରୁଛୁ । ତେଣୁ ଅଧିକାଂଶ ସମୟ ଟେଲିଭିଜନ୍, ମୋବାଇଲ୍ ଦେଖିବାରେ ସମୟ ଅତିବାହିତ କରିଥାଉ । ଏହାର ସିଧାସଳଖ ପ୍ରଭାବ ଶିଶୁ ଉପରେ ପଡ଼ିଥାଏ । କାରଣ ଶିଶୁଟି ମଧ୍ୟ ଟିଭି, ମୋବାଇଲ ଧରିବା ପାଇଁ ଜିଦ୍ କରିଥାଏ । କେମିତିମିତି ଶିଶୁର ଜିଦ୍ ଆଗରେ ବାପାମାଆ ହାରିଯାଇ ଶିଶୁଟିକୁ ମୋବାଇଲ ସହ ଖେଳିବାକୁ ଦେଇଥାନ୍ତି । ଯାହାଫଳରେ ଶିଶୁଟି ନିଜ ପାଠପଢ଼ାଠାରୁ ଦୂରେଇ ଯାଇ ଅଧିକାଂଶ ସମୟ ଟିଭି ଓ ମୋବାଇଲ ଦେଖିଥାଏ । ବିଶେଷ କରି ମୋବାଇଲ ତାକୁ ଏତେମାତ୍ରାରେ ଆକର୍ଷଣ କରେ ଯେ ସେ ନିଜ ଖାଇବା ପିଇବା ଭୁଲି ମଧ୍ୟ ମୋବାଇଲରେ ବ୍ୟସ୍ତ ରହେ । ଆଜିକାଲି ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଖରେ ମଧ୍ୟ ମୋବାଇଲ ରହିଛି । ସ୍କୁଲ କ୍ୟାମ୍ପସରୁ ଛାତ୍ରଛାତ୍ରୀଙ୍କ ପାଖରୁ ମଧ୍ୟ ମୋବାଇଲ୍ ଜବତ କରାଯାଉଛି । କରୋନା ମହାମାରୀ ପାଇଁ ସ୍କୁଲ, କଲେଜ ବନ୍ଦ ରହିବାରୁ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ କ୍ଲାସ୍ କଲେ । ଫଳରେ ଦିନ ତମାମ୍ ସେମାନେ ମୋବାଇଲ୍ ବ୍ୟବହାର କଲେ । ଅଧିକାଂଶ ଛାତ୍ରଛାତ୍ରୀ ଅନ୍‌ଲାଇନ୍ କ୍ଲାସ୍ ବାହାନାରେ ମୋବାଇଲ୍‌କୁ ଅପବ୍ୟବହାର କଲେ । ଯେଉଁ ବୟସରେ ଅଭିଭାବକମାନେ ନିଜ ପିଲାମାନଙ୍କୁ ମୋବାଇଲ୍‌ଠାରୁ ଦୂରେଇ ରଖିବା କଥା ସେହି ସମୟରେ ସେମାନେ ବାଧ୍ୟ ହୋଇ ପିଲାଙ୍କୁ ମୋବାଇଲ୍ ଧରିବାକୁ ସୁଯୋଗ ଦେଲେ । ଆଜିକାଲି ଅତି କମ୍ ବୟସର ପିଲାମାନେ ମୋବାଇଲ୍ ଚଳାଇବାରେ ପାରଙ୍ଗମ ହୋଇଗଲେଣି । ସେମାନେ ଯେତେ ସହଜରେ ନିଜ ପାଠକୁ ଗ୍ରହଣ କରିପାରୁନାହାନ୍ତି ତା'ଠାରୁ ଅଧିକ ସହଜରେ ମୋବାଇଲ୍ ଚଳାଇବାର କୌଶଳ ଜାଣିପାରୁଛନ୍ତି । ଶିଶୁମାନଙ୍କ ପାଇଁ ମୋବାଇଲ୍ ଫୋନ୍ ଏବେ ଖେଳନା ସହିତ ସମାନ ହୋଇଗଲାଣି । ସେମାନେ ମୋବାଇଲ୍‌ରେ ଥିବା ବିଭିନ୍ନ ପ୍ରକାର ଗେମ୍ ଖେଳିବାର କୌଶଳ ମଧ୍ୟ ଶିଖିଗଲେଣି । ଏପରିକି ବୟସ୍କ ଲୋକମାନେ ଯେଉଁସବୁ ଗେମ୍ ଖେଳି ପାରୁନାହାନ୍ତି ପିଲାମାନେ ତାକୁ ଅତି ସହଜରେ ଖେଳି ଦେଉଛନ୍ତି । ଘଣ୍ଟା ଘଣ୍ଟା ଗେମ୍ ଖେଳୁଥିବାରୁ ସେମାନଙ୍କର ମସ୍ତିଷ୍କ ଉପରେ ଏହାର ଗଭୀର ପ୍ରଭାବ ପଡୁଛି । ଏହାସତ୍ତ୍ୱେ ମଧ୍ୟ ସେମାନେ ପାଠପଢ଼ା ଭୁଲି ଗେମ୍ ଖେଳିବାରେ ବ୍ୟସ୍ତ ରହୁଛନ୍ତି । ସେମାନେ କ୍ରମଶଃ ବିଭିନ୍ନ ମାରାତ୍ମକ ଗେମ୍ ଭିତରକୁ ପଶିଯାଉଛନ୍ତି ।

ବିଶ୍ୱତ୍ରାଣ ସତ୍ୟସାଇ

।। ଇଂ.ସଚ୍ଚିଦାନନ୍ଦ ନନ୍ଦ ।।

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି । ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି । ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁନର୍ବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି । ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି । ଏହିକି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି । ପ୍ରତି ପାଂଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ନେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ । ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ । କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ । ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଂଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ । ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା । ପୃଥିବୀର ସମସ୍ତ ଭାଷାରେ ଅନୂଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା । ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ । ଇତି ମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ । ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ ।

ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଇନଥିବା ଅଂଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି । ସତ୍ୟସାଇଙ୍କ ପ୍ରବଚ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ । ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଅନୁଭୂତିରେ ଆସିଯିବ । ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ । ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ । ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ । ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ । ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ । ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ । ଅଳ୍ପରୁ ଆରମ୍ଭ କରି ଅଧିକରେ ପହଂଚିବା ସମ୍ଭବ । ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ । ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ । ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ ।

ସମ୍ପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ' ଅଲିଶା ବଜାର, କଟକ, ଦୂରଭାଷ : ୯୩୩୭୨୪୨୯୫୫

ପ୍ରେମମୟ ସତ୍ୟ ସାଇ

।। ଶ୍ରୀମତୀ ବିଜୟଲକ୍ଷ୍ମୀ ଶତପଥୀ ।।

ଯୁଗେ ଯୁଗେ ଧର୍ମାଚରଣରେ ଗ୍ଲାନୀ ହେଲେ ଭଗବାନ ଧରା ପୃଷ୍ଠକୁ ଅବତରି ଆସନ୍ତି ଧର୍ମ ସଂସ୍ଥାପନା ପାଇଁ । ପ୍ରତି ଯୁଗରେ ତାଙ୍କ ଧର୍ମ ସଂସ୍ଥାପନାର ଶୈଳୀ ଯୁଗ ଅନୁରୂପ ଏବଂ ଅନନ୍ୟ । ପ୍ରଭୁ ଶ୍ରୀରାମ ଓ ଶ୍ରୀକୃଷ୍ଣ ଅବତାରରେ ଆସିଥିଲେ ଦୁଷ୍ଟ ସଂହାର କରି ଧର୍ମ ସଂସ୍ଥାପନା ପାଇଁ । କୋଦଣ୍ଡ ତଥା ସୁଦର୍ଶନ ଚକ୍ର ଥିଲା ତାଙ୍କ ଆୟୁଧ । କିନ୍ତୁ କଳି ଯୁଗରେ ଯେତେବେଳେ ପ୍ରତି ବ୍ୟକ୍ତି ମଧ୍ୟରେ ଦାନବ ପ୍ରବୃତ୍ତିର ପ୍ରାବଲ୍ୟ ରହିଛି, ଆମକୁ ଦାନବ ପ୍ରବୃତ୍ତିର କବଳରୁ ମାନବକୁ ଏବଂ ମାନବରୁ ମାଧବକୁ ଉତରିତ କରିବାକୁ ଭଗବାନ ଅବତରି ଆସିଛନ୍ତି ଶ୍ରୀ ସତ୍ୟସାଇ ରୂପରେ କେବଳ ପ୍ରେମକୁ ଆୟୁଧ କରି । ଏହି ଅବତାର ସଂହାର ପାଇଁ ନୁହ ଦିବ୍ୟ ପ୍ରେମର ସ୍ପର୍ଶରେ ସଂସ୍କାର ପାଇଁ । ପ୍ରେମ ସ୍ୱରୂପଙ୍କ ଅନନ୍ତ ପ୍ରେମର ସ୍ପର୍ଶ କେତେ ଯେ ହୃଦୟକୁ ରୂପାନ୍ତରିତ କରିଛି ତାର ପଟାନ୍ତର ନାହିଁ । ତ୍ରେତୟାରେ ପ୍ରଭୁ ଶ୍ରୀରାମ ସତ୍ୟ ଓ ଧର୍ମକୁ ନେଇ, ଦ୍ୱାପରରେ ଶ୍ରୀକୃଷ୍ଣ ପ୍ରେମ ଓ ଶାନ୍ତିକୁ ନେଇ ଅବତରି ଆସିଥିବା ବେଳେ କଳି ଯୁଗ ଅବତାର ଭଗବାନ ଶ୍ରୀ ସତ୍ୟସାଇ ବାବା ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ବାର୍ତ୍ତା ନେଇ ଧରା ଧାମକୁ ଆସିଛନ୍ତି । ପ୍ରଭୁ ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରି ଆସି ନାହାନ୍ତି, ସତ୍ୟ ତାଙ୍କର ଶଙ୍ଖ, ଧର୍ମ ଚକ୍ର, ଶାନ୍ତି ଗଦା ଏବଂ ପ୍ରେମ ତାଙ୍କର ପଦ୍ମ । ଭଗବାନ କହନ୍ତି, ସତ୍ୟ ମୋର ଆଚାର, ଧର୍ମ ମୋର ପ୍ରଚାର, ଶାନ୍ତି ମୋର ସ୍ୱଭାବ ଓ ପ୍ରେମ ମୋର ସ୍ୱରୂପ । ଦୁଃଖୀ ଦରିଦ୍ର ନିଷ୍ପେସିତଙ୍କୁ ପ୍ରେମର ଔଷଧ ଦେଇ ଜୀବନକୁ ଆନନ୍ଦମୟ କରିବାକୁ ସେହି ଦିବ୍ୟ ହସ୍ତ ସଦା ତତ୍ପର । ପ୍ରଫେସର କସ୍ତୁରୀଜୀ କହନ୍ତି, ସେହି ପ୍ରେମଶିଳା ମାଆଙ୍କ ଅନାବିଳ ପ୍ରେମ ରୂପରେ, ପିତାଙ୍କ ଅନୁଶାସନ ଭାବରେ, ବନ୍ଧୁର ସର୍ତ୍ତକବାଣୀ ରୂପେ ଏବଂ ଗୁରୁଙ୍କ ଉପଦେଶ ଭାବରେ ପ୍ରକଟିତ ହୋଇଥାଏ । ତେବେ ପ୍ରେମର ସାଧନା ହିଁ ଆମକୁ ସଦା ପ୍ରେମମୟଙ୍କ ନିକଟରେ ପହଂଚାଇବାର, ପ୍ରେମର ସ୍ପର୍ଶ ଲାଭ କରିବାର ମାଧ୍ୟମ ।

କେବଳ ମନୁଷ୍ୟ ନୁହଁ ଜୀବ ଜନ୍ତୁ ବୃକ୍ଷଲତା ସମସ୍ତଙ୍କ ପ୍ରତି ତାଙ୍କ ଅନିର୍ବଚନୀୟ ପ୍ରେମ ସବୁବେଳେ ପ୍ରବାହିତ । ସାଇ ଗୀତା ଭଗବାନଙ୍କ ପ୍ରେମରେ ଏଭଳି ବନ୍ଧା ଥିଲା ଯେ ପ୍ରଭୁଙ୍କ ଆଗମନକୁ ଜାଣି ଆନନ୍ଦରେ ଦଉଡ଼ି ଆସୁଥିଲା । ଭଗବାନଙ୍କ ଦିବ୍ୟ ପ୍ରେମକୁ ବୁଝିବା, ବର୍ଣ୍ଣନା କରିବା ଆମ ସାଧ୍ୟ ବାହାରେ । ଏହି ସଂପୂର୍ଣ୍ଣ ସୃଷ୍ଟି ହିଁ ଭଗବାନଙ୍କ ଦିବ୍ୟ ପ୍ରେମର ପରିପ୍ରକାଶ । ଭଗବାନ ଆମକୁ ସବୁବେଳେ ପ୍ରେମ ସ୍ୱରୂପ ବୋଲି ସମ୍ବୋଧନ କରନ୍ତି । ପ୍ରଭୁ କହନ୍ତି, ପ୍ରେମର ପ୍ରତି ବିହାକ୍ଷର ଏକ ଏକ ଦିବ୍ୟ ଗୁଣକୁ ସୂଚିତ କରେ । ପ୍ରେମମୟଙ୍କୁ ପାଇବା ପାଇଁ ତୁମେ ପ୍ରେମମୟ ହୁଅ । ଏହି ଦିବ୍ୟ ଗୁଣାବଳୀ ତୁମଠାରେ ପ୍ରକାଶିତ ହେଉ । ଆଲୋକ ଜ୍ୟୋତିର୍ମୟ ପରଂବ୍ରହ୍ମଙ୍କୁ ସୂଚିତ କରେ । ଅନୁଭବ କର, ମୁଁ ହେଉଛି ଆଲୋକ, ସମସ୍ତଙ୍କୁ ପ୍ରେମାଲୋକ ପ୍ରଦାନ କରିବା ମୋର ଲକ୍ଷ୍ୟ ହେଉ । ଭଗବାନଙ୍କ ସହ ଏକତ୍ୱକୁ ସୂଚିତ କରେ । ଅନୁଭବ କର, ମୁଁ ଓ ଭଗବାନ ଏକ ଓ ଅଭିନ୍ନ । କେବଳ ସେତିକି ନୁହ, ଦୃଶ୍ୟମାନ ଜଗତରେ ସମସ୍ତ ଜୀବ ଓ ଜଡ ଭଗବାନଙ୍କ ପ୍ରତିରୂପ । ସମସ୍ତଙ୍କ ମଧ୍ୟରେ ସାଇଙ୍କୁ ଦର୍ଶନ କରିବା ସୂଚିତ କରେ, ମୁଁ ସମସ୍ତଙ୍କ ମଧ୍ୟରେ ସାଇଙ୍କୁ ଦର୍ଶନ କରିବି ଯେପରି ଗୋପୀମାନେ କୃଷ୍ଣଙ୍କୁ ସର୍ବତ୍ର ଦେଖୁଥିଲେ ଓ ପ୍ରହ୍ଲାଦ ନାରାୟଣଙ୍କୁ ସର୍ବତ୍ର ଦେଖୁଥିଲେ । ଏ ଭାବ ଜାଗରଣ କର । ଏହା ଦୈବୀ ଶକ୍ତିକୁ ସୂଚିତ କରେ । ମୁଁ ସେହି ଦୈବୀ ଶକ୍ତିର ଆଧାର ଏହା ଅନୁଭବ କର । ଭଗବାନ କହନ୍ତି," ପ୍ରେମ ହିଁ ଭଗବାନ,ପ୍ରେମରେ ବାସ କର । ଦିନଟିକୁ ପ୍ରେମରେ ଆରମ୍ଭ କର, ପ୍ରେମର ସହ ଅତିବାହିତ କର, ପ୍ରେମରେ ପୂର୍ଣ୍ଣ କର ଏବଂ ପ୍ରେମର ସହ ସମାପ୍ତ କର । ଏହାହିଁ ଭଗବାନଙ୍କ ନିକଟକୁ ପଥ ।" ପରମ ପ୍ରେମରୂପା ଆମ ହୃଦୟକୁ ଦିବ୍ୟ ପ୍ରେମରେ ଭରି ଦିଅନ୍ତୁ ଏବଂ ତାଙ୍କରି ଦିବ୍ୟ ପବିତ୍ର ନିର୍ମଳ ପ୍ରେମ ବର୍ଷାରେ ଅହରହ ସିକ୍ତ ହେବାର ସୌଭାଗ୍ୟ ପ୍ରଦାନ କରନ୍ତୁ, ଏତିକି ପ୍ରାର୍ଥନା ।

ଖରିଆର ରୋଡ,ନୂଆପଡ଼ା

ଭାରତବର୍ଷ ଓ ବିଶ୍ୱଗୁରୁ ହେବାର ତଥା-କଥା

।। ଗୋପାଳ ମହାପାତ୍ର ।।

ଭାରତ ବର୍ଷ ଏମିତି ଏକ ଦେଶ ଯାହାର ସଂସ୍କୃତି ଅନ୍ୟ କେଉଁ ଦେଶରେ ଦେଖିବାକୁ ମିଳେନାହିଁ । ଏହି ସଂସ୍କୃତି କାରଣରୁ ସାରା ବିଶ୍ୱ ଭାରତକୁ ଗୁରୁତ୍ୱ ଦେଇ ଆସିଥିଲେ । ବିଦେଶୀ ଆକ୍ରାନ୍ତାଙ୍କ ଆକ୍ରମଣ ଓ ଇଂରେଜଙ୍କ ଶାସନ କାରଣରୁ ଯଦିଓ କିଛି ବିଦେଶୀ ପ୍ରଭାବ ଭାରତବର୍ଷ ଉପରେ ପଡିଛି କିନ୍ତୁ ଏବେବି ଭାରତବର୍ଷ ବିଶ୍ୱକୁ ସକ୍ଷମ ସାଂସ୍କୃତିକ ନେତୃତ୍ୱ ଦେବା ଅବସ୍ଥାରେ ଅଛି । ଭାରତବର୍ଷ ଏଭଳି ଏକ ଦେଶ ଯିଏ ଶହ ଶହ ବର୍ଷ ପୂର୍ବରୁ ଓ ଏବେବି ସାରା ବିଶ୍ୱକୁ ଜ୍ଞାନ, ସଂସ୍କୃତି, ବିଜ୍ଞାନ ଏବଂ ନୈତିକତାର ସନ୍ଦେଶ ଦେଇ ଆସୁଛି । ଅନେକ ସମୟରେ ଆମ ନେତାମାନେ ଭାରତବର୍ଷ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି କହୁଛନ୍ତି । କିନ୍ତୁ ପ୍ରକୃତ କଥା ହେଉଛି ଭାରତବର୍ଷ ଶହ ଶହ ବର୍ଷ ପୂର୍ବରୁ ମଧ୍ୟ ବିଶ୍ୱଗୁରୁ ଥିଲା । ବିଶ୍ୱଗୁରୁ ହେବାର ଅର୍ଥ କେବଳ ସାମରିକ ଶକ୍ତି ବା ଅର୍ଥ (ଡ଼ଲାର) ନୁହେଁ, ବରଂ ଜ୍ଞାନ, ସଂସ୍କୃତି ଏବଂ ନୈତିକ ନେତୃତ୍ୱରେ ଦୁନିଆଁ ପାଇଁ ଉଦାହରଣ ସୃଷ୍ଟି କରିବା । ଏସବୁ କଥା ଭାରତ ପ୍ରାଚୀନ କାଳରୁ ଅଦ୍ୟାବଧି ହାସଲ କରିବାର ଉଦ୍ୟମ କରିଆସିଛି । ପ୍ରାଚୀନ ଭାରତରେ ଶିକ୍ଷା ଏବଂ ବିଜ୍ଞାନର ସ୍ତର ଅତି ଉପରେ ଥିଲା । ଏଠି ବେଦ ଏବଂ ଉପନିଷଦରେ ଥିବା ଜୀବନ, ବ୍ରହ୍ମାଣ୍ଡ ଏବଂ ମାନବ ଚେତନାର ରହସ୍ୟର ଅଧ୍ୟୟନ କରାଯାଏ । ଗାଣିତୀୟ ଜ୍ଞାନର ପ୍ରାରମ୍ଭ ଏହିଠାରୁ ହୋଇଥିଲା । ଆର୍ଯ୍ୟଭଟ୍ଟ ଏବଂ ବରାହମିହିରଙ୍କର ଖଗୋଳ ବିଜ୍ଞାନ ଏବଂ ଗଣିତ କ୍ଷେତ୍ରରେ ଅଦ୍ୱିତୀୟ ଯୋଗଦାନ ଥିଲା । ସୁଶ୍ରୁତ ଏବଂ ଚରକ ଆୟୁର୍ବେଦ ଏବଂ ଶଲ୍ୟ ଚିକିତ୍ସାରେ ଏଭଳି ଉଦ୍‌ଭାବନ କରିଥିଲେ ଯାହା ଆଜିବି ବିଶ୍ୱରେ ମାନ୍ୟ ଅଟେ । ଯୋଗ ଏବଂ ଧ୍ୟାନ ହିଁ ମାନସିକ ଏବଂ ଶାରିରୀକ ସୁସ୍ଥତା ପାଇଁ ଅପରିହାର୍ଯ୍ୟ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରସ୍ତୁତ କରାଯାଇଛି ।

ଧର୍ମ ଏବଂ ଦର୍ଶନ କ୍ଷେତ୍ରରେ ଭାରତ ମଧ୍ୟ ବିଶ୍ୱକୁ ଦିଗ୍ ଦର୍ଶନ ଦେଇଛି । ବୌଦ୍ଧ ଧର୍ମ ଏବଂ ଜୈନ ଧର୍ମ ସାରା ବିଶ୍ୱରେ ଅହିଂସା ଏବଂ ନୈତିକତାର ସନ୍ଦେଶର ବାର୍ତ୍ତା ପ୍ରଚାର କରିଛନ୍ତ । ରାମାୟଣ ଏବଂ ମହାଭାରତ ଭଳି ଗ୍ରନ୍ଥ ଜୀବନ, ନୈତିକତା ଏବଂ ଭୁଲ ଠିକ୍‌କୁ ଚିହ୍ନିବାର ଏବଂ ଏସବୁ ସହ ପରିଚିତ ହେବାର ମାର୍ଗ ଦେଖାଇଛନ୍ତି । ଭାରତୀୟ ସଙ୍ଗୀତ, ନୃତ୍ୟ, କଳା ଏବଂ ବାସ୍ତୁକଳା ସାରା ବିଶ୍ୱରେ ଭାରତବର୍ଷର ସାଂସ୍କୃତିକ ପରିଚୟ ସୃଷ୍ଟି କରାଇ ପାରିଛନ୍ତି । ପ୍ରାକ୍ କାଳରେ ଭାରତ କେବଳ ଶକ୍ତିର କେନ୍ଦ୍ର ନଥିଲା ବରଂ ଜ୍ଞାନ ଏବଂ ସଂସ୍କୃତିର ମାର୍ଗଦର୍ଶକ ଥିଲା । ମଧ୍ୟକାଳରେ ଯେତେବେଳେ ରାଜନୈତିକ ସ୍ଥିତି ଅସ୍ଥିର ଥିଲା ଏବଂ ଅନେକବାର ବିଦେଶୀଙ୍କ ଆକ୍ରମଣ ହୋଇଥିଲା ସେତେବେଳେ ମଧ୍ୟ ଭାରତବର୍ଷର ସଂସ୍କୃତି ଏବଂ ଶିକ୍ଷା ବଞ୍ଚି ରହିଥିଲା । ସଂସ୍କୃତ ସାହିତ୍ୟ, ଆୟୁର୍ବେଦ, ଜ୍ୟୋତିଷ ଏବଂ ତତ୍ତ୍ୱର ଅଧ୍ୟୟନ ଜାରି ରହିଥିଲା, ଖଗୋଳ ବିଜ୍ଞାନ ଏବଂ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମଧ୍ୟ ପ୍ରଗତି ହୋଇଥିଲା । ସେ ସମୟରେ ଭାରତବର୍ଷ ତାର ଶକ୍ତି ପାଇଁ ନୁହେଁ ବରଂଜ୍ଞାନ ଏବଂ ସଂସ୍କୃତି ପାଇଁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା ।

ବ୍ରିଟିଶ (ଇଂରେଜ) ଶାସନ କାଳରେ ଭାରତବର୍ଷର ରାଜନୈତିକ ସ୍ୱାଧିନତା ଏବଂ ଆର୍ଥିକ ଶକ୍ତି ସୀମିତ ହୋଇଯାଇଥିଲା କିନ୍ତୁ ଜ୍ଞାନ ଏବଂ ସଂସ୍କୃତିର ଗୁରୁତ୍ୱ କମିନଥିଲା । ରାଜା ରାମମୋହନ ରାୟ ଏବଂ ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତିକୁ ସାରାବିଶ୍ୱରେ ପରିଚୟ କରାଇଥିଲେ । ମହାତ୍ମାଗାନ୍ଧୀ ସତ୍ୟ ଓ ଅହିଂସାର ମାର୍ଗରେ ସାରା ବିଶ୍ୱପାଇଁ ନେତୃତ୍ୱର ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲେ । ଏହି ସମୟରେ ଜଗଦୀଶ ଚନ୍ଦ୍ର ବୋଷ ଏବଂ ସି ଭି ରମଣଙ୍କ ଭଳି ବୈଜ୍ଞାନିକ ମାନେ ଆନ୍ତର୍ଜାତୀୟ ସ୍ତରରେ ଭାରତବର୍ଷର ନାମକୁ ଚମକାଇଥିଲେ । ସ୍ୱାଧିନତା ପରେ ଭାରତବର୍ଷ ଆଧୁନିକ ବିଜ୍ଞାନ, ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏପରିକି ସଂସ୍କୃତି କ୍ଷେତ୍ରରେ ଅଧିକ ପ୍ରଗତି କରିପାରିଛି । ଆଇଟି ଏବଂ ଡ଼ିଜିଟାଲ ଇଣ୍ଡିଆ ଦେଶକୁ ବିଶ୍ୱସ୍ତରରେ ନୂଆ ପରିଚୟ ଦେଇଛି । ଚନ୍ଦ୍ରଯାନ ଏବଂ ମଙ୍ଗଳଯାନ ଅଭିଯାନ ସାରା ବିଶ୍ୱକୁ ସନ୍ଦେଶ ଦେଇଛି ଯେ ଭାରତ ମହାକାଶ ଅନୁସନ୍ଧାନରେ ମଧ୍ୟ ଅଗ୍ରଣୀ ଅଟେ । ଫାର୍ମାସ୍ୟୁଟି କାଲାସ ଏବଂ ବାୟୋଟିକ କ୍ଷେତ୍ରରେ ଭାରତ ଏବେ ଶୀର୍ଷସ୍ଥାନରେ ରହିଛି ଏବଂ ବିଶ୍ୱର ଅନେକ ଦେଶକୁ ଔଷଧ ଯୋଗାଉଛି । ଯୋଗ ଏବଂ ଆୟୁର୍ବେଦର ପ୍ରଚାର, ଭାରତୀୟ ସଙ୍ଗୀତର ପ୍ରସାର ସର୍ବୋପରି ଜାତିସଂଘ ଭଳି ମଞ୍ଚରେ ଭାରତର ସକ୍ରିୟ ଭାଗିଦାରୀ ଭାରତବର୍ଷକୁ ବିଶ୍ୱଗୁରୁ ହେବା ଦିଗରେ ରାସ୍ତା ପ୍ରଶସ୍ତ କରି ଦେଇଛି । ଭାରତବର୍ଷ ପାଇଁ ଅନେକ ଚାଲେ ମଧ୍ୟ ରହିଛି । ଦେଶରେ ଦାରିଦ୍ର୍ୟ, ଅସମାନତା, ଶିକ୍ଷା ଏବଂ ଅନୁସନ୍ଧାନ କ୍ଷେତ୍ରକୁ ସୁଧାରିବାର ଆବଶ୍ୟକତା ରହିଛି । ଏପରିକି ବୈଶ୍ୱିକ ରାଜନୀତିରେ ସନ୍ତୁଳନ ବଜାୟ ରଖିବା ମଧ୍ୟ ଜରୁରୀ । କିନ୍ତୁସୁଯୋଗ ଅନେକ ରହିଛି । ଜ୍ଞାନ, ନୈତିକତା ଏବଂ ସଂସ୍କୃତିର ସଠିକ୍ ଉପଯୋଗ କରାଯାଇପାରିଲେ ଭାରତବର୍ଷ ବିଶ୍ୱ ପାଇଁ ପ୍ରେରଣା ପାଲଟିଯାଇପାରିବ । ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳଠାରୁ ଆଗକୁଯାଇ ପରିବେଶ ଏବଂ ସତତ ବିକାଶ ଦିଗରେ ଉଦ୍ୟମ ମଧ୍ୟ କରାଯିବାର ଆବଶ୍ୟକତା ରହିଛି ।

ଭାରତବର୍ଷ ସବୁବେଳେ ସବୁ ଯୁଗରେ ଶିକ୍ଷା ଦେଇ ଆସିଛି ଯେ ପ୍ରୟାସ ଏବଂ ଦୃଢ଼ଦୃଷ୍ଟି ଯଦି ଠିକ୍, ତେବେ ସବୁକିଛି ସମ୍ଭବ ହୋଇପାରିବ । ପ୍ରାଚୀନ କାଳରେ ଜ୍ଞାନ ଏବଂ ସଂସ୍କୃତି ମାଧ୍ୟମରେ, ମଧ୍ୟକାଳରେ ସଂରକ୍ଷଣ ଏବଂ ଅନୁକୂଳନ ଦ୍ୱାରା, ଔପନିବେଶିକ କାଳରେ ପୁନରୁତ୍ଥାନ ଏବଂ ଦେଶ ସ୍ୱାଧିନ ହେବାପରେ ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏବଂ ସଂସ୍କୃତିର ସଂଯୋଜନ କାରଣରୁ ଭାରତବର୍ଷ ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିପାରିଛି । ଭାରତବର୍ଷର ବିଶ୍ୱଗୁରୁ ହେବା କଥାକୁ କେବଳ ଶକ୍ତି ବା ସମ୍ପତ୍ତିରେ ମପାଯାଇ ପାରିବ ନାହିଁ ବରଂ ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ନୈତିକତାର ସନ୍ତୁଳନରେ ମପାଯିବ । ଯଦି ଆମେ ଏସବୁ କଥାକୁ ନେଇ ଚାଲିବା ତେବେ ଭାରତବର୍ଷ ବିଶ୍ୱଗୁରୁ ହେବାର ଯେଉଁ ସ୍ୱପ୍ନ ଆମେ ଦେଖୁଛେ ତାହା ନିଶ୍ଚୟ ସାକାର ହେବ । ଭାରତବର୍ଷ ପୁନଃ ବିଶ୍ୱଗୁରୁ ହୋଇପାରିବ କେବଳ ଇତିହାସ ପାଇଁ ନୁହେଁ ବରଂ ଆମର ଶ୍ରମ ଓ ଆଗାମୀ ପିଢ଼ୀର ଦୂରଦୃଷ୍ଟି (ଚିନ୍ତାଧାରା) କାରଣରୁ ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ସାମ୍ବାଦିକତା ଦିବସର ଅନୁଚିନ୍ତା

।। ରାଜସ୍ମିତା ବାରିକ୍ ।।

ଗଣତନ୍ତ୍ର ସୁଦୃଢ଼ୀକରଣ ପାଇଁ ଗଣମାଧ୍ୟମ ହେଉଛି ଜାଗ୍ରତ ପ୍ରହରୀ । ଜନ ସାଧାରଣ ଓ ସରକାରଙ୍କ ମଧ୍ୟରେ ଏକ ଅଦୃଶ୍ୟ ସେତୁ ଭାବେ କାମ କରୁଥିବା ଗଣମାଧ୍ୟମ ଯେତେ ନିରପେକ୍ଷ, ନିର୍ଭୀକ, ସଶକ୍ତ ଓ ସ୍ୱାଧୀନ ଭାବେ କାର୍ଯ୍ୟ କରିବ ରାଷ୍ଟ୍ରର ବିକାଶ ତ୍ୱରାନ୍ୱିତ ହେବ । ସାମ୍ପ୍ରତିକ ସମୟରେ ଗଣମାଧ୍ୟମର ସ୍ୱତନ୍ତ୍ରତା ଓ ସୁରକ୍ଷା ପ୍ରଭାବିତ ହେଉଥିବା ଲକ୍ଷ୍ୟ କରାଯାଏ । ପ୍ରତିଯୋଗିତା ମନୋଭାବ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଗଣମାଧ୍ୟମ ଆଜି ଅନେକ ସମୟରେ ନିଜର ଦାୟିତ୍ୱ ଭୁଲି ଯାଉଛି । କେତେବେଳେ ଅଧିକ ମୁଦ୍ରଣ ଓ ବିତରଣ ହେଉ ଅବା ବ୍ରେକିଂ ନିଉଜ ନାଁ ରେ ଦିନକୁଦିନ ଏହା ଲୋକପ୍ରିୟତା ହରାଇବାରେ ଲାଗିଛି । ଯାହାର ଅନେକ ଗୁଡିଏ କାରଣ ରହିଛି, ରାଜନୈତିକ ଚାପ ଓ ସମର୍ଥନ, ବିଜ୍ଞାପନ ସଂଗ୍ରହ, କମ୍ ସମୟରେ ଦ୍ରୁତ ଲୋକପ୍ରିୟ ହେବା ପ୍ରମୁଖ । ଗଣମାଧ୍ୟମର ମାଲିକ ମାନେ ମଧ୍ୟ ଇଜତ ନାଁରେ କିଛି ବି ଖବର ଓ ଅବାସ୍ତବ thumb ପକାଇବା ପାଇଁ ଅନେକ ସମୟରେ ବାଧ୍ୟ କରୁଥିବା ଲକ୍ଷ୍ୟ କରାଯାଏ । କିଛି ଅନୁଷ୍ଠାନ ସିଧା ସଳଖ ନେତା ମାନଙ୍କ ଭୁଲକୁ ଆଖି ବୁଜି ସମର୍ଥନ ଦେବା ସହ ଜନ ସାଧାରଣଙ୍କ ସ୍ୱାର୍ଥ ବିରୋଧରେ ଖବର ପ୍ରସାରଣ କରିଥାନ୍ତି । ଫଳରେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା ଅପହଂ ହେବା ସହ ଅନେକ ସମୟରେ ଭୋଟ ବର୍ଜନ କରିବା ପାଇଁ ସେମାନେ ବାଧ୍ୟ ହେଉଥିବା ଲକ୍ଷ୍ୟ କରାଯାଏ । ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ସଂଗ୍ରହ କରିବା ସମୟରେ ମରଣାନ୍ତକ ଆକ୍ରମଣ ପ୍ରସଙ୍ଗ, ଯାହାକି ବେଶ୍ ଉଦବେଗ ଜନକ । ସେହିପରି ଗବେଷଣା, ତଥ୍ୟ ଭିତିକ ଯୁକ୍ତି ଉପସ୍ଥାପନ ତଥା ତର୍କ ବିତର୍କ କାର୍ଯକ୍ରମ ଗୁଡ଼ିକ ବର୍ତ୍ତମାନ ସମୟରେ ସତେ ଯେମିତି ରଣଭୂମି ପାଲଟି ଯାଇଛି । ଯଦି ଉପସ୍ଥାପକଙ୍କ ପ୍ରଶ୍ନ କୌଣସି ଅତିଥିଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରେ, ତେବେ ସିଧା ସଳଖ ଉପସ୍ଥାପକଙ୍କୁ ସେମାନେ କୌଣସି ନା କୌଣସି ରାଜନୈତିକ ଦଳର ପ୍ରତିନିଧି ଭାବେ ଉପସ୍ଥାପିତ କରିଥାନ୍ତି । ଖାଲି ସେତିକି ନୁହେଁ ଅନେକ ଉପସ୍ଥାପକ ମାନେ ମଧ୍ୟ ଛୋଟ ବଡ଼ ବିଷୟକୁ ଜୋର୍‌ରେ ଗର୍ଜନ କରି ଉପସ୍ଥାପନା ଦ୍ୱାରା ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ଘଟଣାରେ ସୁପ୍ରିମକୋର୍ଟ ଏହାକୁ ବାରଣ କରି ରାୟ ଦେଇଛନ୍ତି । ବର୍ତ୍ତମାନ ସମୟରେ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଅଶ୍ଳୀଳତାକୁ ଖବର ନାଁ ରେ ପ୍ରସାରଣ କରୁଛନ୍ତି, ଯାହାକି ଚିନ୍ତାର ବିଷୟ । ଛୋଟ ପିଲା ଠୁ ବୟସ୍କଙ୍କ ଯାଏଁ ଉଦ୍ଦିଷ୍ଟ ଗଣମାଧ୍ୟମ ଯଦି ଏହିପରି ଚିନ୍ତାଧାରାରେ ବିଶ୍ୱାସ କରେ ତେବେ ଏହାର ଭବିଷ୍ୟତ କେଉଁ ଆଡ଼େ ଯାଉଛି ତାହା ଆପଣ ମାନେ ବିଚାର କରିବେ । ସମାଜକୁ ଏକ ନିଆଁରା ଢଙ୍ଗରେ ପ୍ରତିଫଳନ ହିଁ ସାମ୍ବାଦିକତା । ଆମ ସମାଜ ରେ ଘଟୁଥିବା ବାସ୍ତବ ଘଟଣାକୁ ସମ୍ବାଦ ମାଧ୍ୟମରେ ଆଣି ଅସହାୟର ସହାୟ ହୋଇଥାନ୍ତି । ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ଏହି ଗଣମାଧ୍ୟମ ଦ୍ୱାରା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାନ୍ତି । ବିଭିନ୍ନ ବଡ ବଡ ବାତ୍ୟା ଏବଂ ମହାମାରୀ ସମୟରେ ସାମ୍ବାଦିକ ମାନେ ନିଜ ଜୀବନକୁ ବିପଦରେ ପକାଇ ଅସହାୟଙ୍କ ପାଖରେ ପହଂଚିଛନ୍ତି । ତେଣୁ ସେତୁ ସୁରକ୍ଷିତ ରହିଲେ ଯେପରି ଯୋଗଯୋଗ ସମ୍ଭବ, ଠିକ୍ ସେହିପରି ଗଣତନ୍ତ୍ରର ସୁରକ୍ଷା ପାଇଁ ଚତୁର୍ଥ ସ୍ତମ୍ଭର ସୁରକ୍ଷିତ ରହିବା ନିହାତି ଜରୁରୀ । ଗଣମାଧ୍ୟମ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ମୁଖବନ୍ଧ । ତେଣୁ ଦେଶର ସାମଗ୍ରିକ ବିକାଶ ପାଇଁ ଗଣତନ୍ତ୍ରର ସ୍ୱାଧୀନତା ରହିଲେ ହିଁ ଅନ୍ୟ ତିନିଟି ସ୍ତମ୍ଭ ସୁରକ୍ଷିତ ରହିପାରିବ ।

ନୀଳଗିରି, ବାଲେଶ୍ୱର

ସେଇଠୁ ଆରମ୍ଭ

SEITHO ARAMBHA

ବୁଧବାର, ୧୯ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୫

ରାୟଗଡ଼ା ଜିଲ୍ଲା ଜାତୀୟ ଜଳ ସଂଚୟ ଜନ ଭାଗିଦାରୀ – ୧.୦ ପୁରସ୍କାରରେ ଗୌରବାନ୍ୱିତ

ରାୟଗଡ଼ା, ୧୮/୧୧ (ଆ.ପ୍ର) : ରାୟଗଡ଼ା ଜିଲ୍ଲା "ଜଳ ସଂଚୟ ଜନ ଭାଗିଦାରୀ – ୧.୦" ପୁରସ୍କାର–୨୦୨୪ ରେ ଜାତୀୟ ସ୍ତରରେ ଅସାଧାରଣ ସଫଳତା ପାଇଁ ଭାରତବର୍ଷରେ ପୂର୍ବାଂଚଳର କ୍ୟାଟେଗୋରୀ–୩ ରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଜାତୀୟ ସ୍ତରରେ ଗୌରବ ଅର୍ଜନ କରିଛି । ଜିଲ୍ଲାପକ୍ଷରୁ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରାୟଗଡ ଏବଂ ଜିଲ୍ଲା ନୋଡାଲ୍ ଅଫିସର ଜାତୀୟ ପୁରସ୍କାର— (ସାଇଟେସନ, ଟ୍ରୋଫି ଏବଂ ନଗଦ ୨୫ ଲକ୍ଷ ଟଙ୍କା ରାଶି) ମାନ୍ୟବର ଜଳଶକ୍ତି ମନ୍ତ୍ରୀ ସି. ଆର୍ ପାଟିଲ, ଭାରତ ସରକାରଙ୍କ ଠାରୁ ଗ୍ରହଣ କରିଛନ୍ତି । ଏହି ଗୌରବମୟ ଅବସରକୁ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ଶୋଭା ବଢ଼ାଇଥିଲେ ଏବଂ ଦେଶର ବିଭିନ୍ନ ବିଜେତାଙ୍କୁ ରାଷ୍ଟ୍ରୀୟ ଜଳ ପୁରସ୍କାର ୨୦୨୪ ପ୍ରଦାନ କରିଥିଲେ । ବିଜ୍ଞାନ ଭବନ, ନୂଆଦିଲ୍ଲୀରେ ଖେମୁଣ୍ଡୁ ପୁରସ୍କାର ଗ୍ରହଣ ପରେ କହିଥିଲେ ଯେ ଏହି ସଫଳତା ରାୟଗଡା ଜିଲ୍ଲାର ସମଗ୍ର ଟିମ୍‌ର ସମନ୍ୱିତ ପ୍ରୟାସର ଫଳ । ବିଶେଷତଃ ପଂଚାୟତୀରାଜ ବିଭାଗର ଯନ୍ତ୍ରୀମାନେ ଅସାଧାରଣ କାମ କରିଛନ୍ତି । କ୍ଷୁଦ୍ର ଜଳ ସେଚନ , ବନ ବିଭାଗ ଓ ଜଳଛାୟା ବିଭାଗର ଅଧିକାରୀମାନଙ୍କ ଅବଦାନ ମଧ୍ୟ ଅତୁଳନୀୟ । ମିଶନ୍ "ଜଳ ସଂଚୟ ଜନ ଭାଗିଦାରୀ – ୧.୦"ର ମୁଖ୍ୟ ଲକ୍ଷ୍ୟ ହେଉଛି ବିଭିନ୍ନ ପଦ୍ଧତି ରେ ଜଳ ସଂଚୟ ଏବଂ ଏହାର ସଂରକ୍ଷଣ, ଯାହା ପାଇଁ ଜଳଶକ୍ତି ମନ୍ତ୍ରାଳୟ ବିଭିନ୍ନ ନୂତନ ପ୍ରୟାସ ଓ ସୃଜନଶୀଳ ଉପାୟ ଅବଲମ୍ବନ କରୁଛି । ଜିଲ୍ଲାପାଳ ତଥା ଜିଲ୍ଲା ମ୍ୟାଜିଷ୍ଟ୍ରେଟ, ରାୟଗଡ଼, ଅଶୁତୋଷ କୁଳକର୍ଣ୍ଣି ଏହି ଅସାଧାରଣ ସଫଳତା ପାଇଁ ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ପରି ପ୍ରେକ୍ଷିରେ ସେ ମତ ବ୍ୟକ୍ତ କରିଛନ୍ତି ଯେ "ଏହି ସଫଳତା ରାୟଗଡା ଜିଲ୍ଲାକୁ ଜାତୀୟ ସ୍ତରରେ ଏକ ନୂତନ ପରିଚୟ ସୃଷ୍ଟି କରିଛି । ଜଳ ସଂଚୟ ଜନ ଭାଗିଦାରୀ – ୨.୦ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଏହି ଗତିକୁ ବଜାୟ ରଖି ଆଗାମୀଦିନରେ ଅଧିକ ସଫଳତା ଓ ସମ୍ମାନ ଆଣିବାକୁ ଆପଣମାନେ ଏହି ପ୍ରକାରର କାମ ଜାରି ରଖନ୍ତୁ ।"

ଚାଷୀ ଭାଇଭ ଉଣୀମାନଙ୍କୁ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଉ ଏକ ବଡ଼ ଉପହାର

ନୂଆଦିଲ୍ଲୀ, ୧୮/୧୧ (ନ୍ୟୁ.ଏ) : କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅଧୀନରେ ଚାଷୀମାନଙ୍କୁ ଏକ ବଡ଼ ଉପହାର ଘୋଷଣା କରିଛି । ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ସମସ୍ୟା ଯୋଗୁଁ ଫସଲ କ୍ଷତି ଲାଗି କ୍ଷତିପୂରଣପ୍ରଦେବା ପାଇଁ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ନୂତନ ପ୍ରକ୍ରିୟାକୁ ଅନୁମୋଦନ କରିଛି । ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ସ୍ଥାନୀୟ ବିପଦ ବର୍ଗ ଅଧୀନରେ ବନ୍ୟ ପ୍ରାଣୀମାନଙ୍କ ଦ୍ୱାରା ଫସଲ ନଷ୍ଟକୁ ପଂଚମ 'ଆଡ୍-ଅନ୍ କଭର' ଭାବରେ ସ୍ୱୀକୃତି ଦିଆଯାଇଛି । ରାଜ୍ୟ ସରକାରଗୁଡ଼ିକ ବନ୍ୟପ୍ରାଣୀଙ୍କ ଅଧିସୂଚୀତ କରିବେ ତଥା ଐତିହାସିକ ତଥ୍ୟ ଆଧାରରେ ଅତ୍ୟଧିକ ପ୍ରଭାବିତ ଜିଲ୍ଲା/ବୀମା ୟୁନିଟ ଗୁଡ଼ିଗୁଡ଼ିକୁ ଚିହ୍ନଟ କରିବେ । ଚାଷୀମାନଙ୍କୁ ଫସଲ କ୍ଷତି ସୂଚନା ୭୨ ଘଂଟା ମଧ୍ୟରେ ଫସଲ ବୀମା ଆପ୍ରେପ୍ ଜିୟୋ ଜି -ଟ୍ୟାଗ ହୋଇଥିବା ଫଟୋ ସହିତହି ଦାଖଲ କରିବାକୁହେବ । ବିଭିନ୍ନ ରାଜ୍ୟର ଦୀର୍ଘକାଳୀନ ଦାବି ଏବଂ ଚାଷୀମାନଙ୍କୁ ଆକସ୍ମିକ, ସ୍ଥାନୀୟ ଓ ଗୁରୁତ୍ରରତର ଫସଲ କ୍ଷତିରୁ ସୁରକ୍ଷା ଦେବାପାଇଁ ଏହି ନିଷ୍ପତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପ୍ରକ୍ରିୟାଗୁଡ଼ିକୁ ପିଏମଏଫବିୱାଇ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଅନୁସାରେ ବୈଜ୍ଞାନିକ, ସ୍ୱଚ୍ଛ ଏବଂ ବ୍ୟବହାରିକ ଭାବରେ ଡିଜାଇନ୍

କରାଯାଇଛି ଏବଂ ଖରିଫ ୨୦୨୬ରୁ ସାରା ଦେଶରେ କାର୍ଯ୍ୟକାରୀ କରାଯିବ । ହାତୀ, ଜଙ୍ଗଲି ଘୁଷୁରୀ, ନୀଳଗାଈ, ହରିଣ ଏବଂ ମାଙ୍କଡ଼ ଭଳି ବନ୍ୟ ପ୍ରାଣୀଙ୍କ ଆକ୍ରମଣ ଯୋଗୁଁ ସାରା ଦେଶର ଚାଷୀମାନେ ଦୀର୍ଘ ଦିନ ଧରି ଫସଲ କ୍ଷତିର ସମ୍ମୁଖୀନ ହୋଇଆସୁଛନ୍ତି । ବିଶେଷକରି ବନାଂଚଳ, ଜଙ୍ଗଲ କରିଡର ଏବଂ ପାହାଡିଆ ଅଂଚଳ ନିକଟରେ ରହୁଥିବା ଚାଷୀମାନେ ପ୍ରାୟତଃ ଏହି ସମସ୍ୟାର ସାମ୍ନା କରିଥା'ନ୍ତି । ଏପର୍ଯ୍ୟନ୍ତ, ଫସଲ ବୀମା ଯୋଜନା ଦ୍ୱାରା ଏପରି କ୍ଷତିକୁ କଭର କରାଯାଇ ନଥିଲା, ଯାହା ଫଳରେ ସେମାନେ ଯଥେଷ୍ଟ ଆର୍ଥିକ କ୍ଷତି ସହିଥା'ନ୍ତି । ଅନ୍ୟପକ୍ଷରେ, ଉପକୂଳ ଓ ବନ୍ୟାପ୍ରବଣ ଅଂଚଳର ଧାନ ଚାଷୀମାନେ ବର୍ଷା ଯୋଗୁଁ ଜଳବନ୍ଦୀ ଏବଂ ନଦୀ ଓ ଝରଣାରେ ବଢ଼ି ପାଣି ଆସିବା କାରଣରୁ ପ୍ରଚୁର କ୍ଷତି ସହିଥା ନ୍ତି । ୨୦୧୮ରେ ସ୍ଥାନୀୟ ବିପର୍ଯ୍ୟୟ ବର୍ଗରୁ ଏହି ବିପଦକୁବାଦ ଦେବା ପରେ ଚାଷୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବଧାନ ସୃଷ୍ଟି ହୋଇଥିଲା । ଏହି ପରିବର୍ତ୍ତିତ ଆହ୍ୱାନଗୁଡ଼ିଗୁଡ଼ିକୁଦୃଷ୍ଟିରେ ରଖି, କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଏକ ବିଶେଷଜ୍ଞ କମିଟି ଗଠନ କରିଛି । କମିଟିର ରିପୋର୍ଟକୁ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଅନୁମୋଦନ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ସହିତହିଁ, ସ୍ଥାନୀୟ ସ୍ତରରେ ଫସଲ କ୍ଷତି ସହୁଥିବା ଚାଷୀମାନେ ଏବେ ପିଏମଏଫବିୱାଇ ଅଧୀନରେ ସମୟୋଚିତ ଓ ପ୍ରଯୁକ୍ତି ବିଦ୍ୟା ଆଧାରିତ ଦାବି ସମାଧାନର ଲାଭ ପାଇବେ । ନୂଆ ବ୍ୟବସ୍ଥା ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଉତରାଖଣ୍ଡ ସମେତ ଆସାମ, ମେଘାଳୟ, ମଣିପୁଣିରପୁ, ମିଜୋରାମ, ତ୍ରିପୁରା, ସିକିମ ଓ ହିମାଚଳ ପ୍ରଦେଶ ଭଳି ହିମାଳୟ ଏବଂ ଉତର-ପୂର୍ବ ରାଜ୍ୟଗୁଡ଼ିକର ଚାଷୀମାନଙ୍କୁ ସର୍ବାଧିକ ଲାଭ ଦେବ, ଯେଉଁଠାରେ ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ କ୍ଷତି ଏକ ପ୍ରମୁଖ ଆହ୍ୱା ନ ପାଲଟିଥାଏ । ଧାନ ଫସଲ ଜଳବନ୍ଦୀ ହେବା ସମସ୍ୟାକୁସ୍ଥାନୀୟ ବିପର୍ଯ୍ୟୟ ବର୍ଗରେ ପୁନଃ ସାମିଲ କରିବା ଦ୍ୱାରା ଓଡ଼ିଶା, ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତରାଖଣ୍ଡ ଭଳି ଉପକୂଳବର୍ତୀ ଓ ବନ୍ୟାପ୍ରବଣ ରାଜ୍ୟଗୁଡ଼ିଗୁଡ଼ିକର ଚାଷୀମାନେ ସିଧାସଳଖ ଲାଭ ପାଇବେ, ଯେଉଁଠାରେ ପ୍ରତିବର୍ଷ ଜଳବନ୍ଦୀ କାରଣରୁ ବାରମ୍ବାର ଧାନ ଫସଲ କ୍ଷତି ଘଟୁଛି । ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ କ୍ଷତି ଏବଂ ଧାନ ଫସଲ ଜଳବନ୍ଦୀ ହେବା ଉଭୟ ସମସ୍ୟାକୁ ସାମିଲ କରିବା ଦ୍ୱାରା ପିଏମଏଫବିୱାଇ ଅଧିକ ସମାବେଶୀ, ପ୍ରତିକ୍ରିୟାଶୀଳ ଏବଂ ଚାଷୀ ଅନୁକୂଳ ହୋଇଛି, ଯାହା ଭାରତର ଫସଲ ବୀମା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସ୍ଥିର କରିବାରେ ସାହାଯ୍ୟ କରିବ ।

ଜଗତସିଂହପୁରରେ ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶୂନ୍ୟ ମୃତାହତ ପକ୍ଷ ସଚେତନତା ରଥ ଉଦଘାଟିତ

ଜଗତସିଂହପୁର,୧୮/୧୧ (ଆ.ପ୍ର) : ଜଗତସିଂହପୁର ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ପରିସରରେ ଶୂନ୍ୟ ମୃତାହତ ପକ୍ଷ ସଚେତନତା ରଥ ଉଦଘାଟିତ ହୋଇ ଯାଇଛି । ନଭେମ୍ବର ୧୮ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲା ବୁଲିବାକୁ ଥିବା ଏହି ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଏବଂ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପତାକା ଦେଖାଇ ଉଦଘାଟନ କରିଥିଲେ । ଆଂଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ପୌରହିତରେ ଏହି ସଚେତନତା ରଥ ଉଦ୍ଘାଟନ ହୋଇ ଥିଲା । ଏଥିରେ ଜନିଷ୍ଠ ମଟର ଯାନ ନିରିକ୍ଷକ ମନୋରମା ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ପ୍ରତାପ କୁମାର ବେହେରା ଗୁରୁଗୋରେଖ ଟ୍ରାଭେଲରସ୍ ପରିଚାଳକ ସୂର୍ଯ୍ୟ ନାରାୟଣ ମହାନ୍ତି ଉପସ୍ଥିତ ଥିଲେ । ଆଂଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କୁକୁଡାଖଣ୍ଡି, ୧୮/୧୧ (ଆ.ପ୍ର) : ସଦର ଥାନା ନିକଟସ୍ଥ ଅଙ୍କୁଶପୁର ଲକ୍ଷ୍ମୀ ବିହାର ଅଂଚଳରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ପୋଲିସ । ମଙ୍ଗଳବାର ଦିନ ସ୍ଥାନୀୟ ଅଂଚଳର କିଛି ଲୋକେ ଉକ୍ତ ରାସ୍ତା ଦେଇ ଯିବା ସମୟରେ ମୃତ ଦେହକୁ ଦେଖି ସଦର ଥାନା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ସଦର ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଙ୍କ ପରିଚୟ ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହିଛି । ସଦର ପୋଲିସ ଓ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ମୃତ ଦେହ ଚାରି ପାଂଚ ଦିନରୁ ଉକ୍ତ ସ୍ଥାନରେ ପଡିରହିଥିବା ପୋଲିସ ସନ୍ଦେହ କରୁଛି । ମୃତଦେହ ନିକଟରୁ ଏକ ଗାମୁଛା, ପ୍ୟାଂଟ୍, ସିମ୍ କାର୍ଡ ନିମନ୍ତେ ବ୍ୟବହାର କରାଯାଉଥିବା ଏକ ପିନ୍ ସହିତ ଏକ କାଗଜ ଜବତ କରିଛି ପୋଲିସ । ପୋଲିସ ପକ୍ଷରୁ ଥାନାରେ ୩୩/୨୫ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଶବକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ପଠାଯାଇଛି । ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ହେବ ବୋଲି ସବ୍ ଇନ୍‌ସପେକ୍ଟର ପ୍ରଫୁଲ୍ଲ ସାହୁ କହିଛନ୍ତି । ବର୍ତ୍ତମାନ୍ ସୁଦ୍ଧା ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନି । ତେଣୁ ମୃତ ବ୍ୟକ୍ତିଙ୍କ ପରିଚୟ ନିମନ୍ତେ ନିକଟସ୍ଥ ଥାନା ମାନଙ୍କୁ ମୃତ ବ୍ୟକ୍ତିଙ୍କ ଫୋଟ ପଠାଇ ପରିଚୟ ଖୋଜୁଛି ପୋଲିସ । ତେବେ ଏହା ହତ୍ୟା ନା ଆତ୍ମ ହତ୍ୟା ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ଜଣା ପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି ଟି ଭେନୁ ଗୋପାଳ

ପାରାଦୀପ, ୧୮/୧୧ (ଆ.ପ୍ର) : ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି ଟି. ଭେନୁ ଗୋପାଳ । ଦାୟିତ୍ୱ ଗ୍ରହଣ କରିବା ପରେ ବନ୍ଦର ଅଧ୍ୟକ୍ଷ ପି ଏଲ. ହରନାଦଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଥିଲେ । ଶ୍ରୀ ଗୋପାଳ ପୂର୍ବରୁ ବିଶାଖାପାଟଣା ବନ୍ଦର ସଚିବ ଭାବେ କାର୍ଯ୍ୟ କରୁଥିଲେ । ବିଶାଖାପାଟନା ବନ୍ଦରରେ ୧୯୯୫ ମସିହାରେ ବରିଷ୍ଠ ଅଧିକାରୀ ଭାବେ ଯୋଗ ଦେବା ପରେ ୨୦୧୯ ମସିହାରେ ଦୀନଦୟାଲ ବନ୍ଦର ସଚିବ ଭାବେ କାର୍ଯ୍ୟ କରିଥିଲେ । ବିଶାଖାପାଟଣା ବନ୍ଦରରେ ୨୦୧୪–୨୦୧୮ ପର୍ଯ୍ୟନ୍ତ ଭାରପ୍ରାପ୍ତ ସଚିବ ଭାବେ କାର୍ଯ୍ୟ କରିବାରେ ତାଙ୍କର ଅଭିଜ୍ଞତା ରହିଛି । ୨୦୨୦ ମସିହାରେ ବିଶାଖାପାଟନା ବନ୍ଦର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସେଠାରେ ଅତିରିକ୍ତ ଭାବେ ଟ୍ରାଫିକ ମ୍ୟାନେଜର ଦାୟିତ୍ୱ ନେଇ ନିଜର କାର୍ଯ୍ୟ ଦକ୍ଷତା ପ୍ରମାଣିତ କରିଥିଲେ । ଆନ୍ତର୍ଜାତୀୟ କ୍ରୁଜ୍ ପଣ୍ୟ କାରବାରରେ, ସବୁ ଭାରତ କାର୍ଯ୍ୟକ୍ରମ, ସ୍କିଲ୍ ଡେଭଲପମେଂଟ ଆଦି କ୍ଷେତ୍ରରେ ତାଙ୍କର ବହୁମୂଲ୍ୟ ଅବଦାନ ରହିଛି । ପାରାଦୀପ ବନ୍ଦର ବିଭାଗୀୟ ମୁଖ୍ୟ ଅଧିକାରୀମାନେ ଶ୍ରୀ ଭେନୁ ଗୋପାଳଙ୍କୁ ସ୍ୱାଗତ କରିଥିଲେ । ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନିଳଭ୍ର ଦାସଗୁପ୍ତାଙ୍କ ବଦଳି ହେବା ପରେ ୪ ମାସ ଧରି ପାରାଦୀପ ବନ୍ଦର ଉପାଧ୍ୟକ୍ଷ ପଦ ଖାଲି ପଡ଼ିଥିଲା । ତେବେ କେନ୍ଦ୍ର ବନ୍ଦର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଶ୍ରୀ ଭେନୁ ଗୋପାଳଙ୍କୁ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା ।

ବାଣପୁର ଠାରେ ଅନୁଷ୍ଠିତ ବିଜ୍ଞାନ ମେଳା ଉଦ୍‌ଯାପିତ

ଚିଲିକା/ବାଣପୁର, ୧୮/୧୧ (ଆ.ପ୍ର) : ସ୍ଥାନୀୟ ବାଣପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଣପୁର -୨ ଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା - ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବାଳ ବୈଜ୍ଞାନିକ ବିଜ୍ଞାନ ମେଳା ଉଦଘାଟନ ଓ ଉଦଯାପନ ହୋଇସାରିଛି । ମୁଖ୍ୟ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଏବଂ ଗୋଷ୍ଠି ଶିକ୍ଷା ଅଧିକାରୀ ସନାତନ ଜାଲି ଏବଂ ୫ ଜଣ ବିଚାରକ ମଣ୍ଡଳୀ ଏବଂ ପ୍ରଧାନ ଶିକ୍ଷକ ଜଗଦୀଶ ପ୍ରଧାନ ଉଦଘାଟନ କରି ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ମୋଟ -୨୫ ଗୋଟି ଏବଂ ମାଧ୍ୟମିକ ସ୍ତରରୁ ମୋଟ -୧୧ ଗୋଟି ଓ ବାଲ ବୈଜ୍ଞାନିକ ସ୍ତରରୁ -୨୮ ଗୋଟି ପ୍ରକଳ୍ପ ସର୍ବମୋଟ-୬୪ ଗୋଟି ପ୍ରକଳ୍ପ ମଧ୍ୟରୁ ୩ ଗୋଟି ଉଚ୍ଚ ମାଧ୍ୟମିକ, ୩ ଗୋଟି ଉଚ୍ଚ ମାଧ୍ୟମିକ ଓ ୭ଗୋଟି ବାଳ ବୈଜ୍ଞାନିକ ବ୍ଲକ ସ୍ତରରୁ ମନୋନୀତ ହୋଇ ଜିଲ୍ଲା ସ୍ତରକୁ ସ୍ଥାନ ପାଇଛନ୍ତି । ସମସ୍ତ ସିଆରସିସି, ବିଭିନ୍ନ ପ୍ରଧାନ ଶିକ୍ଷକ ମାନଙ୍କ ସହଯୋଗରେ ବିଜ୍ଞାନ ମେଳା ଉଦଯାପିତ ହୋଇଅଛି । ଉଦଯାପନୀ ଉତ୍ସବରେ ଏନଏସିର ଅଧକ୍ଷ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

ନିଃସହାୟ କର୍କଟ ରୋଗୀକୁ ମା' ଭଗବତୀ କଳା ନିକେତନ ପକ୍ଷରୁ ସହଯୋଗ

ଚିଲିକା/ବାଣପୁର, ୧୮/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ସ୍ଥିତ ମା' ଭଗବତୀ କଳା ନିକେତନ ନୃତ୍ୟ ଗ୍ରୁପ୍ ର ସମ୍ପାଦିକା ବିଷ୍ଣୁପ୍ରିୟା ବାରିକଙ୍କ ସହିତ ସଦସ୍ୟା ଉଷାରାଣୀ ପଟ୍ଟନାୟକ, ବନିତା ସାହୁ, ଝୁନା ବରାଳ, ସୁଚିସ୍ମିତା ଧଳ ଓ ସମାଜ ସେବକ ରାମକୃଷ୍ଣ ମହାରଣାଙ୍କ ଉପସ୍ଥିତିରେ ଅନୁଷ୍ଠାନର ଅଭିଭାବକ ମାନଙ୍କ ଠାରୁ ଆଦାୟ ହେଉଥିବା ସହାୟତା ରାଶି ପ୍ରଧାନ କଲୋନୀ,ବାଲୁଗାଁ ହାଇସ୍କୁଲ ସାମ୍ନାରେ ରହୁଥିବା କର୍କଟ ରୋଗାକ୍ରାନ୍ତ ଅନିତା ଗଜେନ୍ଦ୍ରଙ୍କୁ ପ୍ରଦାନ କରାଯାଇଛି । ସମସ୍ତ ଅଭିଭାବକ ମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ । ସେମାନଙ୍କ ସହଯୋଗ ପାଇଁ ଆମ ଅନୁଷ୍ଠାନ ଓ ଆମ ଅଭିଭାବକ ମାନେ ଆଜି ଏକ ଅସହାୟ ମହିଳାଙ୍କୁ ଦୁର୍ଦ୍ଦିନରେ ସାହାଯ୍ୟ କରି ତାଙ୍କ ନିକଟରେ ଗର୍ବିତ ହୋଇପାରିଛନ୍ତି । ଅଭିଭାବକ ମାନଙ୍କ ତରଫରୁ ଆଦାୟ ହେଉଥିବା ଅନୁଦାନ ରାଶି ଆମେ କିଛି ଅଭିଭାବକ ମାନଙ୍କ ସହ ସେ ମା' ଙ୍କ ଘରକୁ ଯାଇ ପ୍ରଦାନ କରିଛୁ । ଅସମୟରେ ସାହାଯ୍ୟ ପ୍ରଦାନ କରିଥିବା ସମସ୍ତଙ୍କୁ ହୃଦୟରୁ ନମସ୍ୟ । ପ୍ରକୃତରେ ଆପଣ ମାନଙ୍କ ଭଳି ସହୃଦୟ ଅଭିଭାବକ ମାନଙ୍କ ପାଇଁ ଆଜି ଆମ ଅନୁଷ୍ଠାନ ଗର୍ବିତ ।

ନୂଆପଡା ଜିଲ୍ଲାପାଳଙ୍କ ମାର୍ଗ ଦର୍ଶନରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଓ ଆରକେ ଏଚଆଇଭି ଏଡସ୍ ଗବେଷଣା ଏବଂ ସେବା କେନ୍ଦ୍ର

ନୂଆପଡା, ୧୮/୧୧ (ଆ.ପ୍ର) : ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ମାର୍ଗ ଦର୍ଶନରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଓ ଆରକେ ଏଚଆଇଭି ଏଡସ୍ ଗବେଷଣା ଏବଂ ସେବା କେନ୍ଦ୍ର, ମୁମ୍ବାଇ RK HIV AIDS Research & Care Centre, Mumbai ଜିଲ୍ଲାର ଟି ବି ରୋଗୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି । ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍‌ଙ୍କ ସିଏସଆର ପ୍ରୟାସ ଅନ୍ତର୍ଗତ ଏହା ଏକ କାର୍ଯ୍ୟକ୍ରମ । ଏହାର ସହାୟତାରେ ଡ଼ା. ଧର୍ମେନ୍ଦ୍ର କୁମାର, ଚେୟାର ମେନ୍, ଆରକେ ଏଚଆଇଭି ଏଡସ୍ ଗବେଷଣା ଏବଂ ସେବା କେନ୍ଦ୍ର, ମୁମ୍ବାଇଙ୍କ ନେତୃତ୍ୱରେ ନୂଆପଡା ଜିଲ୍ଲାରେ ୩୨୦୦ ଟିବି ରୋଗୀଙ୍କ ପାଇଁ ପୋଷଣ କିଟ୍ ବଂଟନ ପ୍ରକ୍ରିୟା ଆରମ୍ଭ ହୋଇଛି । ୩୬,୦୦୦ରୁ ଅଧିକ ମେଡିକାଲ କ୍ୟାମ୍ପ ସଫଳତାର ସହିତ ଆୟୋଜନ କରିଥିବାରୁ ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱର ପ୍ରଥମ ସଂସ୍ଥା ଯାହାକୁ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ମିଳିଛି । କ୍ଷୟରୋଗ ମୁକ୍ତ ଓଡ଼ିଶା ଓ ଟିବି ମୁକ୍ତ ଭାରତ ଅଭିଯାନକୁ ସୁଦୃଢ କରିବା ପାଇଁ ନିକ୍ଷୟ ମିତ୍ର ପୋଷଣ କିଟ୍ ବଂଟନ ଉଦ୍ୟମର ଶୁଭ ଉଦ୍ଘାଟନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖରିଆର ରୋଡ଼ ରେ ଆରମ୍ଭ ହୋଇଛି । ଏହି ସଂସ୍ଥା ୮୦୦ ଟିବି ରୋଗୀଙ୍କୁ କୋଳକୁ ନେଇ ସେମାନଙ୍କୁ ଓ ସେମାନଙ୍କ ୩ ପରିବାର ସଦସ୍ୟଙ୍କୁ ପ୍ରତି ମାସ ପୋଷଣ ସହାୟତା ଯୋଗାଇ ଦେବ । ଏହି ପ୍ରକଳ୍ପ ଅଧୀନରେ ପ୍ରତିମାସ ୩୨୦୦ ଲୋକ (୮୦୦ ଟିବି ରୋଗୀ ସହିତ ପ୍ରତ୍ୟେକଙ୍କ ୩ ଜଣ ପରିବାର ସଦସ୍ୟ)ଙ୍କୁ ପୋଷଣ କିଟ୍ ବଂଟନ କରାଯିବ । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଅତିଥି ହିସାବରେ ଡ଼ା. ଧନେଶ୍ୱର ସେଠୀ, CDM & PHO, ନୂଆପଡା, ଡ଼ା. ଦିଲୀପ କୁମାର ଦାସ, DTO, ରୋହିତ, CSR Manager, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ଡ଼ା. ବୀରେନ୍ଦ୍ର କୁମାର ବାଗ, Medical Superintendent, CHC ଖରିଆର ରୋଡ଼,ସତ୍ୟନାରାୟଣ ତ୍ରିପାଠୀ, DPM, ତାପସ ବହିଦାର, DPC, ଲଳିତ ହୋତା, BPM, CHC ଖରିଆର ରୋଡ଼, ଯୋଗିତା ବୋର୍ଡ, ପ୍ରୋଜେକ୍ଟ ହେଡ, ଆରକେ, ଅନିଭୂଷଣ ରାୟ, Program Controller, RK, ସତ୍ୟଜୀତ୍ ଦାସ, Project Manager, RK, ଦେବିପ୍ରସାଦ ମିଶ୍ର, ପିପିଏମ୍ ସମନ୍ୱୟକ ଉପସ୍ଥିତ ଥିଲେ । ଉଦ୍ଘାଟନ ସମାରୋହରେ ୩୫ ଜଣ ଟିବି ରୋଗୀଙ୍କ ପରିବାରକୁ ୧୪୦ ପୋଷଣ କିଟ୍ ବଂଟନ କରାଯାଇଛି । ଏହା ଟିବି ମୁକ୍ତ ପଂଚାୟତ ଓ ଟିବି ମୁକ୍ତ ଭାରତ ଗଠନରେ ନୂଆପଡା ଜିଲ୍ଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ଜିଲ୍ଲାପାଳ ଦାଶ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଓ ଆରକେ ଏଚଆଇଭି ଏଡସ୍ ଗବେଷଣା ଏବଂ ସେବା କେନ୍ଦ୍ର, ମୁମ୍ବାଇ ଙ୍କର ଜିଲ୍ଲାର ଅସହାୟଟି ବି ରୋଗୀଙ୍କୁ ଏଭଳି ସହାୟତା ପ୍ରଦାନର ପ୍ରଶଂସା କରି ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଶହୀଦ ରେଣ୍ଡୋ ମାଝୀ ଭେଷକ ମହାବିଦ୍ୟାଳୟ ଓ ମୁଖ୍ୟ ଚିକିତ୍ସାଳୟ ମିଳୁନି ଟ୍ରମା କେୟାର ଚିକିତ୍ସା, ଦୁର୍ଘଟଣାଜନିତ ମୃତ୍ୟୁ ଉଦ୍‌ବେଗଜନକ

ଭବାନୀପାଟଣା, ୧୮/୧୧ (ଆ.ପ୍ର) : ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ୪୮ ଘଂଟା ବେଶ ଗୁରୁତ୍ୱପୂର୍ଣ୍ଣ । ଯାହାକି ଗୋଲଡେନ୍ ଆୱାର ଭାବେ ଗଣାଯାଇଥାଏ । ଏହି ସମୟରେ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆଗଲେ ରୋଗୀଙ୍କ ବଂଚିବା ସମ୍ଭବପର ହୋଇଥାଏ । ମାତ୍ର କଳାହାଣ୍ଡି ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଟ୍ରମା କେୟାର ଚିକିତ୍ସା ବ୍ୟବସ୍ଥା ନାହିଁ । ଫଳରେ ଏଠାକୁ ଆସୁଥିବା ଦୁର୍ଘଟଣାଜନିତ ଗୁରୁତରଙ୍କ ଚିକିତ୍ସା ସ୍ଥିତିର ଜଟିଳତାକୁ ସ୍ପଷ୍ଟ କରୁଛି । ଅପରପକ୍ଷେ, କଳାହାଣ୍ଡି ଜିଲ୍ଲାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଗତ ୨ ବର୍ଷ ହେଲା ଉଦବେଗଜନକ ରହିଛି । ଜିଲ୍ଲା ପ୍ରଶାସନ ତଥା ଆଂଚଳିକ ପରିବହନ ବିଭାଗର ଏକାଧିକ ପଦକ୍ଷେପ ସତ୍ତ୍ୱେ ମୃତ୍ୟୁ କମୁନାହିଁ । ଏପରିକି ବିଭିନ୍ନ ସମୟରେ ସଡ଼କ ସୁରକ୍ଷା ସମିତି ବୈଠକରେ ଦୁର୍ଘଟଣା ମୃତ୍ୟୁ ପୂର୍ବବର୍ଷ ଅପେକ୍ଷା ୨୫ ପ୍ରତିଶତ ବଢ଼ୁଥିବା ଜଣାପଡୁଛି । ଜିଲ୍ଲାରେ ପ୍ରାୟ ପ୍ରତ୍ୟେକ ଦିନ ଠିକ ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସା ମିଳୁନଥିବାରୁ ଜୀବନହାନି ହେଉଛି । ବହୁ ଲୋକ ଆହତ ହୋଇ ଦିବ୍ୟାଙ୍ଗ ହେଉଛନ୍ତି । ଦୁର୍ଘଟଣା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଉଥିବା ଗୁରୁତର ମାନଙ୍କୁ ଆବଶ୍ୟକ ଚିକିତ୍ସା ମିଳୁନଥିବାରୁ ରୋଗୀ ପରିଜନଙ୍କଠାରେ ଅସନ୍ତୋଷ ପ୍ରକାଶ ପାଉଛି । ଟ୍ରମା କେୟାର ମାଧ୍ୟମରେ ସଡ଼କ ଦୁର୍ଘଟଣା, କାରଖାନା ଦୁର୍ଘଟଣା, କୋଠା ଉପରୁ ଖସି ପଡିବ, ପୋଡ଼ାଜଳା ଭଳି ଗୁରୁତର ରୋଗୀଙ୍କୁ ଆପାତକାଳୀନ ପରିସ୍ଥିତିରେ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯାଇଥାଏ । କଳାହାଣ୍ଡିରେ ବିଶେଷକରି ଖଣି ଖାଦାନ ଥିବା ୨ ଶିଳ୍ପାଂଚଳରେ ବହୁ ସଂଖ୍ୟାରେ ପରିବହନ ଟ୍ରକ ଓ ଅନ୍ୟ ଭାରିଯାନ ଚଳାଚଳ କରୁଥିବାରୁ ଦୁର୍ଘଟଣା ଘଟିଥାଏ । ସେହିପରି ଜିଲ୍ଲାଦେଇ ଯାଉଥିବା ୨୬ ନଂ ଜାତୀୟ ରାଜପଥରେ ମଧ୍ୟ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଗାଡିଚାଳକ, ଯାତ୍ରୀ ତଥା ପଥଚାରୀ ଗୁରୁତର ହୋଇଥାନ୍ତି । ମାତ୍ର ଜିଲ୍ଲାରେ ଟ୍ରମା କେୟାର ନଥିବାରୁ ଗୁରୁତର ରୋଗୀଙ୍କୁ ଜିଲ୍ଲା ମୁଖ୍ୟାଳୟ ପରେ ୨ଶହ କିଲୋମିଟର ଦୂର ବୁର୍ଲା ଡାକ୍ତରଖାନା କୁ ପଠାଇ ଦିଆଯାଉଛି । ଏତେ ବାଟ ଅତିକ୍ରମ କରିଯିବା ବେଳକୁ ଅନେକ ବାଟରେ ପ୍ରାଣ ହରାଉଛନ୍ତି । ଡିଏମଏଫ (ଜିଲ୍ଲା ଖଣିଜ ପାଣ୍ଠି) ଓଏମବିଏଡିସି (ଖଣିଜ ପଦାର୍ଥ ଧାରକ ଅଂଚଳ ଉନ୍ନୟନ ନିଗମ) ପାଣ୍ଠିରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ପ୍ରଶାସନ ରୋଡ଼ ରାସ୍ତା, କୋଠା ମରାମତି ନିର୍ମାଣ ଆଳରେ ଠିକାଦାର ପୋଷା ନୀତି ଚାଲିଛି । ହେଲେ ଜିଲ୍ଲାରେ ଥିବା ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରମା କେୟାର କେନ୍ଦ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇ ଦିଆଯାଇଥିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଅନ୍ତତଃ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନା ଗୁଡିକରେ ଟ୍ରମା କେୟାର କାର୍ଯ୍ୟକାରୀ ହୋଇଥାଏ । ୨୦୧୯ ମସିହାରୁ ରାଜ୍ୟର ବିଭିନ୍ନ ମେଡ଼ିକାଲ କଲେଜ ଗୁଡ଼ିକରେ ଟ୍ରମା କେୟାର ଲେବଲ -୧ ଓ ଜିଲ୍ଲାସ୍ତରରେ ଲେବଲ-୨ ଓ ତୃତୀୟ ସ୍ତରୀୟ ଟ୍ରମା କେୟାର କାର୍ଯ୍ୟକାରୀ ହେଉଛି । ମାତ୍ର କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୋଇଆସିଛି । ଜିଲ୍ଲାର ୧୩ ଟି ବ୍ଲକ ସମେତ ନୂଆପଡ଼ା, ନବରଙ୍ଗପୁର ଜିଲ୍ଲା ଓ ଛତିଶଗଡ଼ ରାଜ୍ୟର ସୀମାନ୍ତ ଅଂଚଳର ବହୁ ରୋଗୀ ଏଠାରେ ନିର୍ଭର କରୁଛନ୍ତି । ଏଣୁ ଜିଲ୍ଲାରେ ଟ୍ରମା କେୟାର କେନ୍ଦ୍ର ପ୍ରତିଷ୍ଠାକରି ଦୁର୍ଘଟଣାଜନିତ ମୃତ୍ୟୁ ରୋକାଯାଉ ବୋଲି ସାଧାରଣରେ ଦାବି ହେଉଛି । ଏସଂପର୍କରେ ଭାରପ୍ରାପ୍ତ ସିଡ଼ିଏମଓ ଡାକ୍ତର ନିହାରେନ୍ଦୁ ପଣ୍ଡାଙ୍କୁ ପଚାରିବାରୁ ଟ୍ରମା କେୟାର କେନ୍ଦ୍ର ଖୋଲିବା ପାଇଁ ସରକାରଙ୍କ ଦୀର୍ଘବର୍ଷରୁ ପ୍ରସ୍ତାବ ରହିଛି । ବର୍ତ୍ତମାନ ଏକ ବିଲଡିଙ୍ଗ ନିର୍ମାଣ ଚାଲିଥିବା କହିଛନ୍ତି ।

ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ଦ୍ୱାରା ଫଟୋ ଗ୍ରାଫର ବୁଲୁ ସମ୍ମାନିତ

ବାଲିଗୁଡା, ୧୮/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଅଂଚଳର ଫଟୋ ଗ୍ରାଫର ବୁଲୁ (ଷ୍ଟୁଡିଓ ବୁଲୁ) ସାଇବର ଠକେଇ ରୁ କିପରି ରକ୍ଷା ପାଇବା ଅଭିଯାନର ସମସ୍ତ ଫଟୋ ଓ ଭିଡିଓ କାର୍ଯ୍ୟକୁ ସଠିକ୍ ଭାବରେ ଉତୋଳନ କରିଥିବାରୁ ଏବଂ ଦୁଇ ଦୁଇଥର ରାଜ୍ୟସ୍ତରରେ କନ୍ଧମାଳ ଜିଲ୍ଲାରୁ ମାତ୍ର ଜଣେ ସମ୍ମାନିତ ହୋଇ ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ବାଲିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ରମେନ୍ଦ୍ର ପ୍ରସାଦ ଫଟୋ ଗ୍ରାଫର ବୁଲୁଙ୍କୁ ଟ୍ରଫି (ପ୍ରଦତ) ପ୍ରଦାନ କରିଛନ୍ତି । ତାଙ୍କର ଫୋଟୋ ଓ ଭିଡିଓ ଉତୋଳନ ପାଇଁ ସେ ବିଭିନ୍ନ ସ୍ଥାନରୁ ପ୍ରଶଂସା ପାଉଥିବା ବେଳେ ପୁଣି ଏସଡିପିଓଙ୍କ ଠାରୁ ଟ୍ରଫି ପାଇବା ପରେ ବିଭିନ୍ନ ମହଲାରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

ସିଥୋ ଆରମ୍ଭ
SEITHO ARAMBHA

ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଜନ ଶୁଣାଣୀରେ ୭୭ ଅଭିଯୋଗ ଆଗତ, ୫ ଜଣଙ୍କୁ ସହାୟତା

ବଣାଇଁ, ୧୮/୧୧ (ଆ.ପ୍ର) : ବଣାଇଁ ବ୍ଲକ ଅନ୍ତର୍ଗତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହ ଠାରେ ଆଜି ସୁନ୍ଦରଗଡ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଯୁଗ୍ମ ଜନ ଶୁଣାଣୀ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୋଟ ୭୭ ଗୋଟି ଅଭିଯୋଗ ଆଗତ ହୋଇଥିଲା । ସେଥି ମଧ୍ୟରୁ ବ୍ୟକ୍ତି ଗତ ଭାବେ ୩୨ ଟି, ଦଳଗତ ଭାବରେ ୪୦ ଗୋଟି ଓ ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଜଣଙ୍କୁ ସହାୟତା ପ୍ରଦାନ କରାଯିବା ପାଇଁ ପ୍ରସ୍ତାବ ଆସିଥିଲା । ସେଥି ମଧ୍ୟରୁ ୯ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ବ୍ୟକ୍ତି ଗତ ଭାବେ କେନ୍ଦ୍ରିକଡା ଗ୍ରାମରେ ନିର୍ମାଣ ହୋଇଥିବା ଡ୍ରେନ ମରାମତି ଓ ସଫା କାର୍ଯ୍ୟକୁ ବିଲ କରିବା, ଦଳଗତ ଅଭିଯୋଗ ମଧ୍ୟରେ ପାନୀୟ ଜଳ ସମସ୍ୟା, ବିଜୁଳି ସମସ୍ୟା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହେଉଥିବା ବିରୁଦ୍ଧରେ, ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗୀକରଣ, ଚାଷ ପାଇଁ ଜଳସେଚନ ସୁବିଧା ନିମନ୍ତେ ଜନ ସାଧାରଣ ଅଭିଯୋଗ କରିଥିଲେ । ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେକୃଷ୍ଣ ମାଝୀ, ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

ଅସହାୟ ଲୋକଙ୍କୁ ସତ୍ୟ ସନ୍ଧାନରେ ସଂଗଠନର ତରଫରୁ ରନ୍ଧାଖାଦ୍ୟ ବଂଟନ

ବାସୁଦେବ ପୁର, ୧୮/୧୧ (ଆ.ପ୍ର) : ସତ୍ୟ ସନ୍ଧାନରେ ସଂଗଠନର ସଦସ୍ୟ ମାନେ ମାନବ ସେବା ହିଁ ମାଧବ ସେବାକୁ ଆପଣାଇ ଗରିବ ଅସହାୟ ଲୋକମାନଙ୍କୁ ସୋର ରେଳ ଷ୍ଟେସନ୍ ରନ୍ଧାଖାଦ୍ୟ ବଂଟନ କଲେ, ସୂଚନା ଅନୁସାରେ ସୋର ରେଳ ଷ୍ଟେସନରେ ଥିବା ଓ ସୋର୍ ରାସ୍ତା ପାଖରେ ଶୋଇ ଥିବା ଅସହାୟ ଗରିବ ବୃଦ୍ଧ, ବାପା ମା', ଭିନ୍ନକ୍ଷମ ମାନଙ୍କୁ ସତ୍ୟ ସନ୍ଧାନରେ ସଂଗଠନ ତରଫରୁ ୧୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରନ୍ଧା ଖାଦ୍ୟ ବଂଟନ କଲେ । ସାହାଯ୍ୟ କରିବା ସହିତ ଖରା ହେଉ ବା ବର୍ଷା ହେଉ, ରାତି ହେଉ ବା ଦିନ ହେଉ ସବୁ ସମୟରେ ଗରୀବ ଦୁଃଖୀ ଲୋକଙ୍କ ପାଖରେ, ପହଞ୍ଚି ଥାଆନ୍ତି । ସାରା ଓଡ଼ିଶାରେ ସେବା ଯୋଗାଇ ଚହଳ ସୃଷ୍ଟି କରିଛନ୍ତି । ସତ୍ୟ ସନ୍ଧାନ ସଂଗଠନର ସଦସ୍ୟ ମାନେ, ଏଥିରେ ଯୋଗ ଦାନ କରିଥିଲା, ଡକ୍ଟର ଅଜୟ କୁମାର ତ୍ରିପାଠୀ, ସତ୍ୟ ସନ୍ଧାନ ସଂଗଠନ ର ସମ୍ପାଦକ, ପଦ୍ମଲୋଚନ ତିଆରି କୋଷାଧ୍ୟକ୍ଷ ସତ୍ୟ ସନ୍ଧାନ ସଂଗଠନ ହରେଣନାଥ ପ୍ରଧାନ, ଙ୍କ ସମେତ ସତ୍ୟ ସନ୍ଧାନ ସଂଗଠନର ସଦସ୍ୟ ମାନେ ଉପସ୍ଥିତି ଥିଲେ ।

ଚମ୍ପୁଆରେ ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ୧୨ ଘଂଟିଆ ବନ୍ଦ ସଫଳ

ଚମ୍ପୁଆ, ୧୮/୧୧ (ଆ.ପ୍ର) : ଗତ ୧୫ ତାରିଖ ଦିନ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ପୁରୁମୁଣ୍ଡା ରେ ଘଟିଥିବା ଜନଜାତି ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ପ୍ରତିବାଦ ରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆଜି ଦିଆଯାଇଥିବା ୧୨ ଘଂଟିଆ ବନ୍ଦ ଡାକରା ଚମ୍ପୁଆ ସଦର ମହକୁମା ରେ ସଫଳ ହୋଇଛି । ଆଜି ସକାଳ ୬ ଟା ସମୟରୁ ସ୍ଥାନୀୟ ବିଶ୍ୱହିନ୍ଦୁ ପରିଷଦ ର ସଦସ୍ୟ ମାନେ ପିକେଟିଂ କରି ଚମ୍ପୁଆ ସହରକୁ ବନ୍ଦ କରିବା ସହ ସହରର ପ୍ରବେଶ ଦ୍ୱାର ଚମ୍ପୁଆ ବସଷ୍ଟାଣ୍ଡ ଓ ଝାଡଖଣ୍ଡ ସୀମାନ୍ତ ରେ ରାସ୍ତାରୋକ କରିଥିଲେ । ବନ୍ଦ ଯୋଗୁଁ ସହର ମଧ୍ୟ ଦେଇ ଯାଇଥିବା ୨୦ ନଂ ଜାତୀୟ ରାଜପଥ ଉପରେ ଯାତାୟାତ ଠପ୍ ହୋଇପଡ଼ିଥିଲା । ଏଥି ଯୋଗୁଁ ଦୋକାନ ବଜାର, ସ୍କୁଲ କଲେଜ, କୋର୍ଟ କଚେରୀ, ବ୍ୟାଙ୍କ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା । ବନ୍ଦ୍ ଯୋଗୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲାରେ ଅନୁପ୍ରବେଶ କାରୀ ବଙ୍ଗଳାଦେଶୀ ମୁସଲମାନ ମାନଙ୍କ ଦ୍ୱାରା ଦିନକୁ ଦିନ ଅପରାଧିକ ଘଟଣା ବୃଦ୍ଧି ପାଉଥିବା ବେଳେ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ଆଜି ସକାଳ ୬ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ୍ ଡାକରାରେ ଏହାର ସହଯୋଗୀ ସଂଗଠନ ସମେତ ଜନ ସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ୍ ହୋଇ ବନ୍ଦକୁ ସଫଳ କରିଥିଲେ ।

ନୂଆଁଖାଇ ଭେଟଘାଟ -୨୦୨୫ ଅବସରରେ କଳାକାର ସମାବେଶ

ବଲାଙ୍ଗୀର, ୧୮/୧୧ (ଆ.ପ୍ର) : ବଲାଙ୍ଗିର ସଦର ବ୍ଲକ ଅର୍ନ୍ତଗତ ବାଙ୍କନଘୋର ଗ୍ରାମ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେସନାଲ ସର୍ଭିସ ଫାଉଣ୍ଡେସନ, ବଲାଙ୍ଗୀର ତରଫରୁ ନୂଆଁଖାଇ ଭେଟଘାଟ- ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାରଙ୍କର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଅନୁଷ୍ଠିତ ଏହି ଭେଟଘାଟରେ ଜିଲ୍ଲାସ୍ତରୀୟ କଳାକାର ସମାବେଶ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୂର୍ବାହ୍ନରେ ଅନୁଷ୍ଠିତ କଳାକାର ସମାବେଶରେ ସଭାପତିତ୍ୱ କରିଥିଲେ ଫାଉଣ୍ଡେସନର ଚେୟାରମେନ ବିଧୂଭୂଷଣ ସିଂହ ଦେଓ । ସାଧାରଣ ସଂପାଦକ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ ନୂଆଁଖାଇ ଭେଟଘାଟ ଅବସରରେ କଳାକାର ସମାବେଶ ଆୟୋଜନର ଉଦ୍ଦେଶ୍ୟ ସଂପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଉପଦେଷ୍ଟା ମନୟ ଆନନ୍ଦ କୁମାର ତ୍ରିପାଠୀ ନିଜର ଅଭିଭାଷଣ ପ୍ରଦାନ କରି ଅନୁଷ୍ଠାନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ । ବିଭିନ୍ନ ଅଚଂଳରୁ ଆସିଥିବା ଶତାଧିକ କଳାକାର ନିଜର ଭାବ ଆଦାନ ପ୍ରଦାନ କରିବା ସହିତ କଳା ପ୍ରଦର୍ଶନ କରିଥିଲେ । ଜିଲ୍ଲା କଳାକାର ସଙ୍ଘର ଉପ-ସଭାପତି ସୁଦାମ ବିଶି, ବର୍ଷୀୟାନ କୀର୍ତନ ଗୁରୁ ପରମାନନ୍ଦ ମାଝି ଓ ବରିଷ୍ଠ ପାଲା ଗୁରୁ ରସରାଜ ବୁଡେକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅପରାହ୍ନ ଅଧିବେଶନରେ ବରେଣ୍ୟ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଓ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଯୋଗ ଦେଇଥିଲେ । ଅତିଥି ମାନେ କଳା ଓ ସଂସ୍କୃତିର ପ୍ରଦର୍ଶନ ଭବିଷ୍ୟତ ପିଢି ପାଇଁ ପଥ ପ୍ରଦର୍ଶକ ହେବ ବୋଲି ମତ ବ୍ୟକ୍ତ କରିଥିଲେ । ଲୁଟକିବନ୍ଧ, କଅଁଗାଁର ସାଂସ୍କୃତିକ ଦଳ, ଶ୍ରୀରାମ କିର୍ତନ ଧାରାର କଳାକାର ମାନେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହା ପରେ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ କଳାକେନ୍ଦ୍ର, ବଲାଙ୍ଗୀରର କଳାକାର ମାନେ ଲୋକ ସଙ୍ଗୀତ ପରିବେଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗର ଉପ-ଶାସନ ସଚିବ ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଶ୍ରୀରାମ କଳଚରାଲ ଗ୍ରୁପର ସଭାପତି ମନ୍ମୟ ତ୍ରିପାଠୀ, ଚିଙ୍କୁ ପ୍ରଧାନ, ସତ୍ୟନାରାୟଣ ଗହିର, ହାଡିବନ୍ଧୁ ତ୍ରିପାଠୀ, ଶ୍ରୀମୟ ତ୍ରିପାଠୀ, ପ୍ରସନ୍ନ ଗହିର ଓ ସନ୍ତୋଷ ବାଗ । ଆଖପାଖ ଗ୍ରାମର ଜନସାଧାରଣ ଏଥିରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

ହମ୍ପ ପାଲଟିଛି ମରଣଯନ୍ତା



ଯାଜପୁର, ୧୮/୧୧ (ଆ.ପ୍ର) : ଯାଜପୁର ବ୍ଲକ୍ ଅନ୍ତର୍ଗତ ଛତିଶ ଦେବିଲ ପଂଚାୟତର ବଣିଆପାଟଣାଠାରୁ ତନ୍ତିଘାଇ ସେତୁ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ ମନଇଚ୍ଛା ହମ୍ପସ ନିର୍ମାଣ କରାଯାଇଛି । ଯାହା ଫଳରେ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏହି ନଦୀବନ୍ଧ ରାସ୍ତା ଦେଇ ପ୍ରତିଦିନ ଦୁଇ ଚକିଆଠାରୁ ଆରମ୍ଭ କରି ବିଭିନ୍ନ ଗାଡ଼ିମୋଟର ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛି । ଏହି ହମ୍ପସ୍ ଯୋଗୁଁ ଗାଡ଼ି ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିଛିଦିନ ତଳେ ଏହିରାସ୍ତା ଦେଇ ଯିବା ସମୟରେ କେତେକ ପଥଚାରୀ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଗୋଟିଏ ରାସ୍ତାରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଉଚ୍ଚା ଉଚ୍ଚା ହମ୍ପସ ନିର୍ମାଣ କରିବା ଯୋଗୁଁ ଗାଡ଼ି ନେଇ ଯିବା ସମୟରେ ଦୁର୍ଘଟଣା ଆଶଙ୍କା ରହୁଛି । ତୁରନ୍ତ ଏହି ବେନିୟମ ହମ୍ପସକୁ ଉଠାଇବାକୁ ଦାବି ହେଉଛି ।

ଶାନ୍ତି ଶୃଙ୍ଖଳାରେ ସରିଲା ନଖରା ପ୍ରଥମାଷ୍ଟମୀ ମେଳଣ

ଟାଙ୍ଗୀ-ଚୌଦ୍ୱାର, ୧୮/୧୧ (ଆ.ପ୍ର) : ଟାଙ୍ଗୀ - ଚୌଦ୍ୱାର ବ୍ଲକ ନଖରା ପଂଚାୟତ ସ୍ଥିତ ସାଧୁସୁନ୍ଦର ଖେଳ ପଡିଆରେ ଦୁଇ ଦିନ ଧରି ଚାଲୁଥିବା ୭୫ତମ ନଖରା ପ୍ରଥମାଷ୍ଟମୀ ମେଳଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ୩ଟି ଗ୍ରାମପଂଚାୟତର ୨୨ଗୋଟି ଗ୍ରାମ ମଣ୍ଡପରେ ପୂଜା ପାଉଥିବା ମୃର୍ମୟୀ ମୂର୍ତ୍ତି ଆଦି ମେଢ଼ଗୁଡିକ ଗୁରୁବାର ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଯାଇ ସାଧୁସୁନ୍ଦର ପଡିଆରେ ଏକତ୍ରିତ ହୋଇ ମେଳଣ କରିଥିଲେ । ଶୁକ୍ରବାର ସକାଳୁ ମେଢ଼ଗୁଡ଼ିକ ଯାତ୍ରା କମିଟିଠାରୁ ଛଡାଭୋଗ ଗ୍ରହଣ କରିବା ପରେ କ୍ରମାନ୍ୱୟରେ ସମୟ ନିର୍ଘଂଟ ଅନୁଯାୟୀ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ଏକ ପୋଖରୀ ବିସର୍ଜନ ହୋଇଥିଲେ । ୨ଦିନ ଧରି ଅନୁଷ୍ଠିତ ଏହି ମେଳଣ ଯାତ୍ରାରେ ପ୍ରବଳ ଜନ ଗହଳି ପରିଲକ୍ଷିତ ହୋଇଥିଲା । ଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଜଣେ ଅତିରିକ୍ତ ଡିସିପି, ୩ଜଣ ଏସିପି, ସ୍ଥାନୀୟ ଥାନା ଅଧିକାରୀ ସମେତ ୯ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲା । ଏହି ଅବସରରେ ଶାଳଗାଁ ସମିତି ସଭ୍ୟା ସୁମିତ୍ରା ବେହେରାଙ୍କ ୨୨ଟି ମେଢ଼ର ସମ୍ପାଦକ, ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମିଷ୍ଟାନ, ପୁଷ୍ପଗୁଚ୍ଛ ଓ ଉତରି ଦେଇ ସମ୍ବର୍ଦ୍ଧିତ କରିଥିଲେ । ସାମାଜିକ କର୍ମୀ କୁମାର ବେହେରା, ନବୀନ ବେହେରା, ବସନ୍ତ କୁମାର ମହରଣା, ଗୋବିନ୍ଦ ମହରଣା, ସଞ୍ଜୟ ସେନାପତି, ପ୍ରତାପ କୁମାର୍ ସାହୁ, ସୈଲେନ୍ କାନୁନଗୋ, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବଟକୃଷ୍ଣ ସାମଲଙ୍କ ରଚିତ ମୋ ଜୀବନର ସାଉଁଟା ଫୁଲ ପତ୍ରିକା ଉନ୍ମୋଚନ କରାଯାଇଥିଲା ।

ସାମ୍ବାଦିକଙ୍କ ପିତୃ ବିୟୋଗ

ଦଶପଲ୍ଲା, ୧୮/୧୧ (ଆ.ପ୍ର) : ଦୈନିକ ଓଡ଼ିଆ ଖବର୍ କାଗଜ 'ଦର୍ଶନ'ର ଦଶପଲ୍ଲା ପ୍ରତିନିଧି ତଥା ସାମ୍ବାଦିକ ଶ୍ରୀଧର ସାହୁଂକ ପିତା ସୁଦର୍ଶନ ସାହୁ କଂର ମଙ୍ଗଳବାର ଦିନ ସକାଳେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ହୋଇଥିଲା । ରାଜସ୍ୱ ବିଭାଗରେ ଚାକିରି କରି ଅବସର ନେଇଥିଲେ । ସେ ଜଣେ ମିଷ୍ଟ ଭାଷୀ ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ । ମୃତ୍ୟୁ ଖବର ପାଇ ବନ୍ଧୁ ପରିଜନ, ଗଣମାଧ୍ୟମ ପ୍ରତିନିଧି ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ କୃଷ୍ଣଚନ୍ଦ୍ରପୁର ପାଟଣା ସ୍ଥିତ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ଥିଲେ । ପୁରୀ ସ୍ୱର୍ଗଦ୍ୱାର ଠାରେ ସୁଦର୍ଶନଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି । ବଡପୁଅ ପ୍ରଦ୍ୟୁମ୍ନ ମୁଖାଗ୍ନି ଦେଇଥିଲେ । ଇତ୍ୟବସରରେ ପୁତ୍ର ଦିଲ୍ଲୀପ ପ୍ରମୁଖ ଉପସ୍ଥିତ ଥିଲେ ।

ବିଶିଷ୍ଟ ରାଜନେତା ସ୍ୱର୍ଗତ ସୋମନାଥ ବିଶୋଇଙ୍କ ସ୍ମୃତି ସଭା ଅନୁଷ୍ଠିତ

ପାପଡ଼ାହାଣ୍ଡି, ୧୮/୧୧ (ଆ.ପ୍ର) : ପାପଡାହାଣ୍ଡି ଅଂଚଳର ବିଶିଷ୍ଟ ରାଜନେତା ସ୍ୱର୍ଗତ ସୋମନାଥ ବିଶୋଇ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ରାତ୍ରି ୧୨:୧୦ ମିନିଟ ସମୟରେ ପରଲୋକ ଗମନ କରିଥିଲେ । ସେ ପୂର୍ବରୁ ୪ଥର ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷ, ଥରେ ଉପାଧ୍ୟକ୍ଷ, ୨ ଥର ପାପଡାହାଣ୍ଡି ଜୋନ ୩ରୁ ଜିଲ୍ଲାପରିଷଦ ଭାବେ ନିର୍ବାଚିତ ହୋଇଥିଲେ ଏବଂ ପାପଡାହାଣ୍ଡି କଲେଜର ପ୍ରତିଷ୍ଠାତା ସଦସ୍ୟ, ପାପଡାହାଣ୍ଡି ଶହୀଦ ସ୍ମୃତି ପୀଠର ଆଜୀବନ ସଭାପତି, ପାପଡାହାଣ୍ଡି ମୃଗ ବିହାରର ପ୍ରତିଷ୍ଠାତା, ଝଡ଼େଶ୍ୱର ମନ୍ଦିରର ପ୍ରତିଷ୍ଠାତା, ବିଶିଷ୍ଟ ସାମ୍ବାଦିକ, ବିଶିଷ୍ଟ କବି ଏହିପରି ବିଭିନ୍ନ ସାମାଜିକ ସଂଗଠନ ସହିତ ଜଡିତ ରହିଥିଲେ, ଆଜି ତାଙ୍କରି ଶୋକ ଦିବସ ଉପଲକ୍ଷେ ପରିବାର ତରଫରୁ ପାପଡାହାଣ୍ଡି ଝଡେଶ୍ୱର ମନ୍ଦିର ଠାରେ ୫୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ଏବଂ ଏକ ସ୍ମୃତି ସଭା ଆୟୋଜନ କରାଯାଇଥିଲା । ଏହି ସଭାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକବାର୍ତ୍ତାକୁ ସହିଦସ୍ମୃତି କମିଟିର ସଭାପତି ତଥା ଆଜି ସଭା ପରିଚାଳନା କରିଥିବା ମନୋରଞ୍ଜନ ତ୍ରିପାଠୀ ପାଠ କରିଥିଲେ । ଆଜିର ଏହିସଭାରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ନବରଙ୍ଗପୁର ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ, ପୂର୍ବତନ ନବରଙ୍ଗପୁର ଜିଲ୍ଲା ପରିଷଦ ସଭାପତି ମଞ୍ଜୁଳା ମାଝୀ ଏବଂ ଭଗବତୀ ଭତରା, ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଝରୀଗାଁ ଗୁ ଗୁପ୍ତ ଝାଙ୍କର, ପୂର୍ବତନ ବିଧାୟକ ସଦନ ନାୟକ, ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରୀ ଦାସ,ବ୍ଲକ ବିଜେଡି ସଭାପତି ବିଦ୍ୟା ମଲ୍ଲିକ, ପି. ନାଗରମ୍ମା, ବ୍ଲକ କଂଗ୍ରେସ ସଭାପତି ଡ଼. ଲିପିକା ମାଝୀ, ପୂର୍ବତନ ପାପଡାହାଣ୍ଡି ସରପଂଚ ବି. ଜଗନମୋହନ ରାଓ, ସ୍ୱାଧିନ ପଟ୍ଟନାୟକ, ପି. ଭେଙ୍କେଟ ରାଓ, ପୂର୍ବତନ ପାପଡାହାଣ୍ଡି ବ୍ଲକ ଅଧ୍ୟକ୍ଷ ଲୀଙ୍ଗରାଜ ଭତରା, ପୂର୍ବତନ ନବରଙ୍ଗପୁର ଜିଲ୍ଲାପାଳ ଅଜିତ କୁମାର ମିଶ୍ର, ବନ୍ଧୁ ସିଂ, ଡାବୁଗାଁ ବିଜେଡି ସଭାପତି ସୁରି ମିଶ୍ର, ବାଙ୍କ ବିଶୋଇ, ତପନ ବିଶୋଇ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକେ ଯୋଗ ଦେଇ ତାଙ୍କରି ସ୍ମୃତି ଚାରଣ କରିଥିଲେ, ଆଜି ଏହି କାର୍ଯ୍ୟକ୍ରମକୁ ନବରଙ୍ଗପୁର ମାଟିର ସୁବକ୍ତା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି, ସହିଦସ୍ମୃତି କମିଟିର ସଭାପତି ମନୋରଞ୍ଜନ ତ୍ରିପାଠୀ ପରିଚାଳନା କରିଥିଲେ, ପୁତ୍ର ତ୍ରିନାଥ, ଶିବାନନ୍ଦ, ରବି, ନାତି ଅଜୟ, ବିଜୟ, ଟିଂଟୁ, ଅନିଲଙ୍କ ସହିତ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ ।

ବନ୍ଦେ ମାତରମର ୧୫୦ବର୍ଷ ପୂର୍ତି ଉତ୍ସବ ପାଳନ

ଧାମନଗର, ୧୮/୧୧ (ଆ.ପ୍ର) : ଧାମନଗର ସହରୀ ମଣ୍ଡଳ ତରଫରୁ ବନ୍ଦେ ମାତରମ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଧାମନଗର ଏନଏସି ଅନ୍ତର୍ଗତ ବହୁମୁଖୀ ଇନଡୋର ଷ୍ଟାଡିୟମ ପରିସରରେ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ବିଜେପି ନେତା କୈଳାସ ଗୁପ୍ତା, ନାରାୟଣ ରାଉତ, ନାରାୟଣ ଚନ୍ଦ୍ର ସାହୁ, ବିଜୟ କୁମାର ରାମ, ଶୁଭେନ୍ଦୁ ପତ୍ର, ଶ୍ରୀଧର ବେହେରା, କୃଷ୍ଣଚନ୍ଦ୍ର ଜେନା, ନଗର ସଭାପତି ପ୍ରଶାନ୍ତ ପରିଡ଼ା, କାଉନସିଲର ସ୍ୱାଧୀନ ସମିତ ଦାସ, ଉତମ ମହାନ୍ତି, ରାଜେନ୍ଦ୍ର ଜେନା, ଦୟାନିଧି ରାଉତ, ସ୍ମୃତିରଞ୍ଜନ ବାରିକ, ନାରୀନେତ୍ରୀ ପୁଷ୍ପଲତା ବେହେରା, କବିତାରାଣୀ ରାୟ, ଶାନ୍ତିଲତା ସେଠୀ, ସ୍ୱପ୍ନା ବେହୁରିଆ, ଏମଡି ଫକିବୁଲା, ଜାହେର ଖାଁ, ଛବୀନ୍ଦ୍ର ସାହୁ, ଧିରେନ୍ଦ୍ର କର, ଜଗନ୍ନାଥ ତ୍ରିପାଠୀଙ୍କ ସମେତ ୩ ଶହରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ସାମିଲ ହୋଇ ବନ୍ଦେ ମାତରମ ଗାନ କରିଥିଲେ । ସେହିପରି ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ କୁମାର ସୂତାରଙ୍କ ନେତୃତ୍ୱରେ ବରିଷ୍ଠ ଅଶୋକ ପ୍ରହାଣ, ଅରବିନ୍ଦ ପତି, ରମେଶ ପତି, ବି ଶଙ୍କର ନାୟକ, ନିରାକାର ତରେଇ, ଲକ୍ଷ୍ମୀଧର ପାଣଗ୍ରାହୀ, ରାଜୀବ ମାଝୀ, ଅଖିଳ ଯେନା, କୁନମଣୀ ଶତପଥୀ, ପ୍ରବୋଧ ଦାସ,ବିଶ୍ୱ ଦାସ, ଦିଲ୍ଲୀପ ସାମଲ, କୁନାଲ ଯେନା, କିରନ ଖିଲାର, ଦେବାଶିଷ ସ ରାହାସ ଦାସ, ପ୍ରଫୁଲ୍ଲ ଖିଲାର, ଅଶୋକ ପତି, ପ୍ରଦୀପ ପଣ୍ଡା, ମତେ ପଣ୍ଡା, କିଶୋର ପୃଷ୍ଟି, ଅନନ୍ତ ସାହୁ, ଶ୍ରୀକାନ୍ତ ନାୟକଙ୍କ ସମେତ ବିଜେପି ବହୁ କାର୍ଯ୍ୟକର୍ତ୍ତା ବେଦପୁର ବୈକୁଣ୍ଠୀରେ 'ବନ୍ଦେ ମାତରମ'ର ଗାନ କରି ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଅବସରରେ ଭାରତୀୟ ଚେତନାକୁ ଜାଗ୍ରତ କରିବାର ରଚନା ଯାହା ୧୫୦ ବର୍ଷ ତଳେ ବଂକିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଶବ୍ଦର ରୂପ ପାଇଥିଲା, ଆଜି ବି ପ୍ରତ୍ୟେକ ଭାରତୀୟଙ୍କ ମନରେ ରାଷ୍ଟ୍ରଭକ୍ତିର ସେହି ସଂକଳ୍ପକୁ ସଜାଗ କରେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ ।

ବିଧାୟକଙ୍କ ଦ୍ୱାରା ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ

ପାତ୍ରପୁର, ୧୮/୧୧ (ଆ.ପ୍ର) : ପାତ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ତିନିଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା । ପ୍ରଥମେ ପଦାଦିଗି ଗ୍ରାମରେ ବିଧାୟକ ଓ ସାଂସଦ ପ୍ରତିନିଧି ମୀନା ଦ୍ୟାନ ସାମନ୍ତରା, ପାତ୍ରପୁର ବ୍ଲକ୍ ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ ପ୍ରମୁଖ ପହଂଚିବା ପାରେ ଗ୍ରାମବାସିଙ୍କ ପକ୍ଷରୁ ବାଣ ଫୁଟାଇ, ବାଜା ବଜାଇ ଭବ୍ୟ ସ୍ୱାଗତ କରାଯାଇଥିଲା । ପରେ ପଦାଦିଗି ଗ୍ରାମର ବଗି ନାଳ ଉପରେ ସେତୁ ଉଦ୍‌ଘାଟନ କରିଥିବା ବେଳେ ଖରଣୀପଡା ହାଇସ୍କୁଲ ରାସ୍ତାର ଶିଳାନ୍ୟାସ ପକାଇଛନ୍ତି । ସେହିଭଳି ଅପରାହ୍ନରେ ପୂର୍ତ୍ତ ରାସ୍ତା ଠାରୁ ମହୁଲପଡା ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଭିତିପ୍ରସ୍ତର ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମ ବିଭାଗୀୟ ଅଧିକାରୀ ସମ୍ପିତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ପିତବାସ ନାୟକଙ୍କ ସମେତ ସରପଂଚ ଏନ. ତ୍ରିପତି, ଗୌରାଙ୍ଗ ପ୍ରଧାନ, ଅଶୋକ ପଣ୍ଡା, ଆପନା ପ୍ରଧାନ ଶିବାନନ୍ଦ ଆଚାରୀ , ରଞ୍ଜନ ପ୍ରଧାନ ସହ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

ଖଲିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଂଟ, ଖଲିସାହି ବିଜୟୀ

ଖଣ୍ଡପଡ଼ା, ୧୮/୧୧ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧିନ ଖଳିସାହି ବଡ଼ ପଡିଆରେ ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୯ ତମ ଖଳିସାହି କପ କ୍ରିକେଟ ଟୁର୍ଣ୍ଣାମେଂଟର ମଙ୍ଗଳବାର ଅନୁଷ୍ଠିତ ୫ମ ଲିଗ ମ୍ୟାଚରେ ଖଳିସାହି କ୍ରିକେଟ ଟିମ, ଘଣାଶାଳିଆ ଟିମକୁ ପରାସ୍ତ କରି ବିଜୟୀ ହୋଇଛି । ଘଣାଶାଳିଆ ଟିମ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ ସଂଗ୍ରହ କରିଥିଲା । ଜବାବରେ ଖଳିସାହି ଟିମ ୧୧ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ବିଜୟୀ ଟିମ ପକ୍ଷରୁ ରବିନ୍ଦ୍ର ସାହୁ ୪ ଓଭରରେ ୭ ରନ ଦେଇ ୩ ଟି ଉଇକେଟ ସଂଗ୍ରହ କରି ଆଜିର 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ । ଜବାର ଖାଁ ଓ ମଂଟୁ ସାହୁ ଖେଳକୁ ପରିଚାଳନା କରିଥିଲେ । ଅତିଥି ରୂପେ ଚରଣ ସାହୁ ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ ।

ପୂର୍ବତନ ବିଧାୟକ ଉମେଶ ସ୍ୱାଇଁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଉମେଶ ବାବୁ ଥିଲେ ସାଧାରଣ ଜନତାଙ୍କ ହୃଦୟର ନେତା

ଜଗତସିଂହପୁର, ୧୮/୧୧ (ଆ.ପ୍ର) : ନାଉଗାଁ ବ୍ଲକ ଅନ୍ତର୍ଗତ ସାଧୁ ଗୋସ୍ୱାମୀ ପୀଠ ପ୍ରାଙ୍ଗଣରେ ବାଲିକୁଦା-ନାଉଗାଁର ପୂର୍ବତନ ବିଧାୟକ ସ୍ୱର୍ଗତ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି । ନାଉଗାଁ ବ୍ଲକର ବୁଦ୍ଧିଜୀବୀ ଓ ଉମେଶ ପ୍ରେମୀ ମାନଙ୍କ ଉଦ୍ୟମରେ ଆୟୋଜିତ ଏହି ସଭାରେ ଡ଼କ୍ଟର ବିନୋଦ ବିହାରୀ ବେହୁରା ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ଉମେଶଙ୍କ ବହୁମୁଖୀ ପ୍ରତିଭା, ଦୃଢ ନେତୃତ୍ୱ, ସ୍ପଷ୍ଟବାଦୀତା ପାଇଁ ସମସ୍ତଙ୍କ ପାଖରେ ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା । ଉମେଶବାବୁ ଜଣେ ଜନପ୍ରିୟ ସାଧାରଣ ଜନତାଙ୍କ ହୃଦୟର ନେତା ଥିଲେବୋଲି ଆୟୋଜିତ ସଭାରେ ଉମେଶପ୍ରେମୀ ମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ବେହୁରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଧୃଣାସନ ନାୟକ, ବିଜୟ ବେହେରା, ଶାରଦା ପ୍ରସନ ମୁହୁଲି, ବାଲିକୁଦା ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ଶେଖର ଦାସ, ଅଶୋକ ସ୍ୱାଇଁ , ଧନେଶ୍ୱର ନାୟକ, ନୃସିଂହ ନାୟକ, ବାବୁଲି ବାବୁ, ରୋହିତ ବାରିକ, ଜ୍ୟୋତିର୍ମୟ ପରିଡା ଓ ଅନେକ ଉମେଶ ପ୍ରେମୀ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ହୋଇ ସ୍ୱର୍ଗତ ସ୍ୱାଇଁଙ୍କ ଜୀବନ ଓ କାର୍ଯ୍ୟକୁ ସ୍ମରଣ କରିଥିଲେ । ସଭା ପରବର୍ତ୍ତୀ ଅଂଶରେ ଦୁଃସ୍ଥ ଓ ଅସହାୟ ଲୋକମାନଙ୍କୁ ସୁଖିଲା ଖାଦ୍ୟସାମଗ୍ରୀ ବଂଟନ କରାଯାଇଥିଲା । ସ୍ୱର୍ଗତ ଉମେଶ ସ୍ୱାଇଁ ଜଣେ ସରଳ, ସହଜ ଓ ମାନବତାପରାୟଣ ନେତା ଭାବେ ଲୋକମାନଙ୍କ ମନେ ଆଜି ମଧ୍ୟ ସ୍ମରଣୀୟ ।

ଚୌଦ୍ୱାର ଅବକାରୀ ଚଢ଼ାଉ ଦେଶୀ ମଦ ଜବତ ୪ଗିରଫ

ଟାଙ୍ଗୀ ଚୌଦ୍ୱାର, ୧୮/୧୧ (ଆ.ପ୍ର) : ଅବକାରୀ ସୁପେରିଟେଣ୍ଡେଂଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ପକ୍ଷରୁ ଚୌଦ୍ୱାରର ବିଭିନ୍ନ ଅଂଚଳରେ ଚଢ଼ାଉ ଚାଲିରହିଛି । ଏହି ଚଢ଼ାଉରେ ହାତରନ୍ଧା ଦେଶୀ ମହୁଲି ମଦ ବିପୁଳ ପରିମାଣର ଜବତ୍ ହୋଇଛି ଚୌଦ୍ୱାର ନୂଆସାହି, ଗୋଡ଼ିପାଟଣା, ଜେନାପାଟଣା ଅଂଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୧୪୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି, ଓ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି ଏହି ଚଢ଼ାଉରେ ଇନ୍‌ସପେକ୍ଟର ମାନସୀ ନାୟକ, ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନିଲ ବଳ, ଲକ୍ଷ୍ମଣ ବେହେରା ସବୁସାମିଲ ରହିଥିଲେ । ଆସାମୀ ମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁକରାଯାଇଛି । କେସ ନମ୍ବର ହେଲା । ୧୬୪/ ୨୫,୧୬୫/୨୫,୧୬୬/୨୫,୧୬୭/୨୫ଆସାମୀ ମାନଙ୍କର ନାମ ଯଥାକ୍ରମେ ବୁଦ୍ଧିଆ ପ୍ରଧାନ, କମଳ ରାଓ ଚୌଦ୍ୱାର ନୂଆସାହି, ସବିତା ଯେନା,ସୁକାନ୍ତ ଯେନା ଚୌଦ୍ୱାର ଗୋଡ଼ିପାଟଣା ଅଂଚଳର ।

ପୁରୀ ଯୁବ କଂଗ୍ରେସ କର୍ମୀଙ୍କ ତରଫରୁ ଭୋଟ ଚୋରି ଜନ ସଚେତନ କାର୍ଯ୍ୟକ୍ରମ

ପୁରୀ, ୧୮/୧୧ (ଆ.ପ୍ର) : ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ, ଓବିସି ପୁରୀ ଜିଲ୍ଲା ସଭାପତି ରଶ୍ମିକାନ୍ତ ସାହୁ, ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳ, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଅନିଲ ବେହେରାଙ୍କ ସହ ଶତାଧିକ ଯୁବ କଂଗ୍ରେସ କର୍ମୀ ମଙ୍ଗଳ ବାର 'ଭୋଟ ଚୋରି ଜନ ସଚେତନ କାର୍ଯ୍ୟକ୍ରମ' ପୁରୀର ଅନନ୍ୟା ରିସୋର୍ଟ ଭିଆଇପି ରୋଡରୁ ମଟର ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ବାହାରି ଅନେକ ଜାଗାରେ ଭୋଟ ଚୋରଙ୍କ ବିରୋଧରେ ସଚେତନ ପୋଷ୍ଟର ଯୁବ କଂଗ୍ରେସ କର୍ମୀ ଗଣ ଲଗାଇଥିଲେ । ଆଲୋକ ଦାଶ ନିଜ ମନ୍ତବ୍ୟ ରେ କହିଛନ୍ତି ଗଣତନ୍ତ୍ର ଆଜି ବିଜେପି ସରକାର ଦ୍ୱାରା ବିପଦରେ ମହାରାଷ୍ଟ୍ର ପରେ ହରିୟାଣା ଓ ହରିୟାଣା ପରେ ଏବେ ବିହାରର ଖୋଲା ଚିଠା ଦର୍ଶାଇଛି କିଭଳି ଲୋକତନ୍ତ୍ରକୁ ଷଡଯନ୍ତ୍ର କରି ଲୋକତନ୍ତ୍ରର ବ୍ୟବସ୍ଥାର ହତ୍ୟା କରୁଛି ବିଜେପି ସରକାର । ପ୍ରଶ୍ନ ଉଠାଇଛନ୍ତି କି ଯଦି ସୋସିଆଲ ମିଡ଼ିଆ ରେ ଅନେକ ଭିଡ଼ିଓ ଯେମିତି କୁଢ କୁଢ ଅଳିଆ ରୂପେ ଗଦିଆ ହୋଇଥିବା ବଲେଟ ପେପର ବିହାରରୁ ମିଳିଥିଲା, ଅନେକ ଜାଗାରେ ଭୋଟର ବୁଥ ରେ ପହଁଚିଲା ପରେ ଜାଣିବାକୁ ପାଇଥିଲେ ତାଙ୍କ ଭୋଟ କେହି ଦେଇଦେଇଛନ୍ତି । ସେଇ ଭଳିଆ ଶତାଧିକ କେନ୍ଦ୍ରରେ ଭୋଟ ଅନ୍ୟ ଦଳକୁ ଦେଲେ ତାହା ବିଜେପିକୁ ଭୋଟ ଯାଉଥିବା ଦେଖିବାକୁ ମିଳିଥିଲା, ଆହୁରି ଅନେକ ଜାଗାରେ ଗାଡ଼ିରେ ସିଲ ହୋଇ ଭୋଟର ସମୟ ସୀମା ସାରିବା ପୂର୍ବରୁ ଗାଡ଼ିରେ ଗଦା ଗଦା ବେଆଇନ ରୂପେ ଇଭିଏମ ମଧ୍ୟ ରହିଥିବା ଦେଖିବାକୁ ମିଳିଥିଲା । ହେଲେ ନିର୍ବାଚନ କମିଶନ ଆଜି ପର୍ଯ୍ୟନ୍ତ ଏହି ସବୁ କଥାର କୌଣସି ତଦନ୍ତ କରିନାହାନ୍ତି କି କରିବାକୁ କହୁନାହାନ୍ତି । କେବଳ ବିହାର କଥା ନୁହଁ ଓଡ଼ିଶାର ନୂଆପଡାରେ ବି ମଧ୍ୟ ଏହିଭଳି ଘଟଣା ଦେଖା ଦେଇଛି । ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଜି ଦେଶର ଗଣତନ୍ତ୍ରକୁ ବିପଦରେ ପକାଇ କିଭଳି ଭୋଟ ଚୋରି କରୁଛନ୍ତି ବିଜେପି ସରକାର ତାର ପ୍ରମାଣ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହାର କୌଣସି ସୂଚନା ତ ଛାଡ଼ନ୍ତୁ ଏହାର ଉତର ନିର୍ବାଚନ କମିଶନ ଦେଉନାହାନ୍ତି । ଯୌନିକ ସିଆଇଡି ସଂସ୍ଥା ଅନେକ ଆରଟିଆଇ ପକେଇବା ପରେବି ତାର ମଧ୍ୟ ଉତର ଦେଉନାହାନ୍ତି ନିର୍ବାଚନ କମିଶନ । ୨୦୨୩ ରେ ଚୋରିକୁ ଲୁଚାଇବା ପାଇଁ ଭାରତର ବିଜେପି ସରକାର ନିୟମ ଲାଗୁ କରିଲେ କି ନିର୍ବାଚନ କମିଶନ ବିରୋଧରେ କେହି ମଧ୍ୟ ପ୍ରଶ୍ନ ଉଠାଇ କୋର୍ଟ ଯାଇପାରିବେ ନାହିଁ ଏହାର ଅର୍ଥ ସିଧା ସିଧା କହିବାକୁ ଗଲେ ଲୋକତନ୍ତ୍ରକୁ ଷଡଯନ୍ତ୍ର କରି ଗଣତନ୍ତ୍ରର ହତ୍ୟା କରୁଛି ମୋଦି ସରକାର । ଏହାକୁ କେନ୍ଦ୍ର କରି ପୁରୀରେ ଜନ ସଚେତନ ଭୋଟ ଚୋରି କାର୍ଯ୍ୟକ୍ରମ ଯୁବ କଂଗ୍ରେସ ଦ୍ୱାରା କରାଯାଇଛି ।

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମତିଥି ପାଳନ ଅବସରରେ ଏକତା ପଦଯାତ୍ରା

ପାପଡାହାଣ୍ଡି, ୧୮/୧୧ (ଆ.ପ୍ର) : ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମତିଥି ପାଳନ ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଭବ୍ୟ ସମାରୋହ' ଏକତା ପଦଯାତ୍ରା' ରେ ଆଜି ମୁଖ୍ୟ ଅତିଥି ରୂପେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ । ବିଶିଷ୍ଟ ଅତିଥି ରୂପେ ମାନ୍ୟବର ଲୋକସଭା ସାଂସଦ ବଳଭଦ୍ର ମାଝି, ସମ୍ମାନୀତ ଅତିଥି ରୂପେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ପ୍ରମୁଖ ଯୋଗ ଦେଇ ପାପଡ଼ାହାଣ୍ଡି ସ୍ଥିତ ସହିଦ ମିନାର ସ୍ମୃତିସ୍ତମ୍ଭ ଠାରେ ସହିଦ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଏକତା ପଦଯାତ୍ରା ରେ ସାମିଲ ହୋଇ ଥିଲେ । ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଂଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରଗ୍ୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସମାଜସେବୀ କୁଞ୍ଜ ବିହାରୀ ଦାସ, ପି ଏ, ଆଇ ଟି ଡି ଏ ରାଜୀବ ସାହୁ , ଡି ଇ ଓ ଛତ୍ରପତି ସାହୁ, ଡି ଡ୍ବ୍ଲୁ ଓ ରବୀନ୍ଦ୍ର ପାନକା, ଡିଆଇପିଆର୍ ଓ ମନୋଜ ବେହେରା, ବିଡିଓ ନବାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁ, ବିଡିଓ ତେନ୍ତୁଳିଖୁଂଟି ମନୋଜ ପାଣିଗ୍ରାହୀ, ବିଡିଓ ନବରଙ୍ଗପୁର ସୁନିଲ ଝୁରା, ଡି ସି ଓ ଘସିଆ ହରିଜନ, କ୍ରୀଡ଼ା ଅଧିକାରୀ ସୁଶାନ୍ତ ନାୟକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ, ଅନ୍ୟ ବିଭାଗୀୟ ଅଧିକାରୀ, ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା, ଯୁବକ, ଏସଏଚ୍‌ଜି ମହିଳା, ଅଙ୍ଗନୱାଡ଼ି କର୍ମୀ, ବହୁ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଯୋଗ ଦେଇ ବନ୍ଦେ ମାତରଂ, ଭାରତ ମାତା କି ଜୟ, ଜାତୀୟ ଏକତା ଜିନ୍ଦାବାଦ ନାରା ସହ ପ୍ରାୟ ୧୫ କିମି ପାଦରେ ଯାତ୍ରା ପୂର୍ବକ ଆର୍ ସିଡିସି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ସମାବେଶ ହୋଇଥିଲେ । ପଦଯାତ୍ରାରେ ପାଇକ ଆଖଡ଼ା, ବିଭିନ୍ନ ସାଂସ୍କୃତିକ ଦଳ ନିଜ ନିଜର ରଣକୌଶଳ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ । ଆର୍‌ସିଡି ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ପଦଯାତ୍ରାରେ ସାମିଲ ଥିବା ଅତିଥି ଗଣ ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝି, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ ଓ ବିଶ୍ୱଜିତ ବର୍ମନ୍, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକ, ସମାଜ ସେବୀ କୁଞ୍ଜ ବିହାରୀ ଦାସ ପ୍ରମୁଖ ମଂଚାସିନ ଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ନିଜ ବକ୍ତବ୍ୟରେ ଆଜିର ଯୁବପିଢ଼ି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ ଏବଂ ନିଜକୁ ସ୍ୱାବଲମ୍ବୀ ମଣିଷ ରୂପେ ଗଢି ତୋଳିବା ପାଇଁ ଆହ୍ୱାନ କଲେ । ମାନ୍ୟବର ସାଂସଦ ବଳଭଦ୍ର ମାଝି ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀଙ୍କ 'ଏକ ଭାରତ ଆତ୍ମନିର୍ଭର ଭାରତ' ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ଉତ୍ପାଦ ଦ୍ରବ୍ୟର ବ୍ୟବହାର ଓ 'ଶ୍ରେଷ୍ଠ ଓ ସମୃଦ୍ଧ ଭାରତ'ର ସ୍ୱପ୍ନକୁ ସାକାର କରିବାରେ ନିଜ ଉଦ୍ୟମ ଓ ସହଯୋଗକୁ ଗୁରୁତ୍ୱ ଦେଲେ । ବିଧାୟକ ଗୌରୀ ଶଙ୍କର ମାଝୀ ନିଜ ବକ୍ତବ୍ୟରେ ଦେଶର ଏକତା, ସଦ୍‌ଭାବ, ଜାତୀୟ ସଂହତି ଓ ଭାଇଚାରାର ବାର୍ତ୍ତା ଦେଉଥିବା ଏହି ପଦଯାତ୍ରାରେ ସାମିଲ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସହ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସଭାରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ସମସ୍ତଙ୍କୁ 'ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଓ ଆତ୍ମନିର୍ଭର ଭାରତ'ର ଶପଥ ପାଠ କରାଇଥିଲେ । ଏହି ଅବସରରେ ହାଇସ୍କୁଲ ସ୍ତର ପ୍ରବନ୍ଧ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ । ସଭା ପରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପାପଡ଼ାହାଣ୍ଡି ସହିଦମିନାର ସଭା ଏବଂ ଆର୍ ସି ଡି ହାଇସ୍କୁଲ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଘାଶିଆ ହରିଜନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶାନ୍ତ ନାୟକ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ ।

ଧର୍ମଗଡ଼ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଧର୍ମଗଡ, ୧୮/୧୧ (ଆ.ପ୍ର) : ଧର୍ମଗଡ ପଂଚାୟତ ସମିତି କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଘାନ, ଧର୍ମଗଡ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କଳାହାଣ୍ଡି ଶୁଭ୍ରାଂଶୁ ଶେଖର ମିଶ୍ର, ବିଡ଼ିଓ ସଦାଶିବ ନାୟକ, ଧର୍ମଗଡ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ସମେତ ସମସ୍ତ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ଏହି ଅଭିଯୋଗ ଶୁଣାଣୀରେ ପକ୍କାଘର, ରାସନ କାର୍ଡ, ଭତା, ଗମନାଗମନ, ପାନୀୟ ଜଳ ଭଳି ଅନେକ ମାମଲାର ବିଚାର ହୋଇଥିଲା । ଏହି ଜନ ଶୁଣାଣି ଶିବିରରେ ମୋଟ ୬୩ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୪୭ ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ପୃକ୍ତିତ ଥିଲା । ଏଥିରେ ୬ ଟି ମାମଲା ର ତୁରନ୍ତ ସମାଧାନ ହୋଇଥିଲା । କାର୍ଯ୍ୟକ୍ରମକୁ ଜିପିଡିଓ ଦେବୀପ୍ରସାଦ ମେହେର ପରିଚାଳନା କରିଥିଲେ ।

ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ପାଳିତ

ଚିଲିକା/ବାଣପୁର, ୧୮/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ସ୍ଥିତ ନେହେରୁ ସେବା ସଂଘର କନକ ଭବନ ପରିସରରେ ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରଥମ ଆଦିବାସୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜନ ଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦିକା ସରୋଜିନୀ ଦାସଙ୍କ ପରିଚାଳନା ରେ ତଥା ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ନନ୍ଦ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସୁରପ୍ରତାପ ନରେନ୍ଦ୍ର ସିଂହ ବର୍ମା, ମୁଖ୍ୟ ବକ୍ତା ଭାବେ ଚିଲିକା ସାହିତ୍ୟ ସମାଜର ସଭାପତି କବି ବାନ ମୁକୁନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ବରିଷ୍ଠ କବୟତ୍ରୀ କୃଷ୍ଣା ମିଶ୍ର, ଅନୁଷ୍ଠାନର କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲ, ବୀରେନ୍ଦ୍ର କୁମାର ତ୍ରିପାଠୀ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇ ବିର୍ସା ମୁଣ୍ଡାଙ୍କର ଦେଶପ୍ରେମ, ତ୍ୟାଗ ଓ ବଳିଦାନ ଉପରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରି ଅନ୍ତେବାସୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ନୃସିଂହ ଚରଣ ମହାରଣାଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରୀମାନେ ଆବାହନ ସଙ୍ଗୀତ ଗାନ କରିଥିଲେ । ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ପ୍ରଦୀପ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତି ଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଧନ୍ୟବାଦ ପ୍ରଦାନ କରିଥିଲେ ପ୍ରଦୀପ କୁମାର ଦାସ ।

ଟିକାବାଲି କଲେଜରେ ଯୁବ ରେଡ଼କ୍ରସର ସ୍ୱାଗତ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଟିକାବାଲି, ୧୮/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ ତରଫରୁ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ,ପ୍ରଶିକ୍ଷଣ ଓ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ ଭାବେ ଟିକାବାଲି ଡାକ୍ତରଖାନାର ଡାକ୍ତର ସତ୍ୟନାରାୟଣ ପଟ୍ଟନାୟକ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ଓ ଏହା କିପରି କରାଯିବ ପ୍ରଶିକ୍ଷଣ ଦେଇଥିଲେ । ଯୁବ ରେଡ଼କ୍ରସର କାଉନସିଲର୍ ଅଧ୍ୟାପକ ରତନ କୁମାର ଦିଗାଲ ଅତିଥି ପରିଚୟ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବନମାଳୀ ବେହେରା ଯୋଗ ଦେଇ ଯୁବ ରେଡ଼କ୍ରସ କିପରି ଜନ୍ମ ନେଲା ଏବଂ ଏହାର ଉଦ୍ଦେଶ୍ୟ କଣ ରହିଛି । ବିଷଦ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଚମ୍ପା ସୋରେନ, ଅଧ୍ୟାପିକା ସ୍ମୃତିରେଖା ନାୟକ, ନମିତା ମହାରଣା ଯୋଗ ଦେଇଥିବା ବେଳେ ପ୍ରୋଗ୍ରାମ ଅଫିସର ଜ୍ଞାନରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ବିରୂପାକ୍ଷ ତ୍ରିପାଠୀ ଓ ବରିଷ୍ଠ କିରାଣୀ ମନୋଜ କୁମାର ଭୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଭାରତୀୟ ଜନତା ପାର୍ଟିର ଐତିହାସିକ ବିଜୟ ଅବସରରେ ବାସୁଦେବପୁର ବିଜେପି ତରଫରୁ 'ବିଜୟ ଉତ୍ସବ ପାଳିତ

ବାସୁଦେବପୁର, ୧୮/୧୧ (ଆ.ପ୍ର) : ବିହାର ବିଧାନସଭା ନିର୍ବାଚନ ଓ ନୂଆପଡା ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟିର ଐତିହାସିକ ବିଜୟ ଅବସରରେ ବାସୁଦେବପୁରରେ 'ବିଜୟ ଉତ୍ସବ' ନିଆରା ଢଙ୍ଗରେ ପାଳନ କରାଯାଇଛି । ରାଜ୍ୟ ଅଧ୍ୟକ୍ଷ ମନମୋହନ ସାମଲ ମହୋଦୟ, ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝି ମହୋଦୟ ଓ ବିହାର ନିର୍ବାଚନ ପର୍ଯ୍ୟବେକ୍ଷକ ଧର୍ମେନ୍ଦ୍ର ପ୍ରଧାନ ମହୋଦୟଙ୍କ ନେତୃତ୍ୱ ଏହି ଆନନ୍ଦ ଉତ୍ସବକୁ ଅଧିକ ଗୌରବଶାଳୀ କରିଥିଲା । ପାର୍ଟି କାର୍ଯ୍ୟକର୍ତ୍ତା, ସମର୍ଥକବୃନ୍ଦ ଓ ଗ୍ରାମବାସୀଙ୍କ ଉତ୍ସାହମୟ ଉପସ୍ଥିତିରେ ସମଗ୍ର ବାସୁଦେବପୁର ବିଜୟର ଉଲ୍ଲାସରେ ମତାଳିତ ହୋଇଯାଇଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନ ଓ ବିକାଶର ପଥକୁ ବିଶ୍ୱାସ କରି ଆଜି ନୂଆପଡ଼ା ଉପନିର୍ବାଚନରେ ବିପୁଳ ବିଜୟ ହୋଇଛି । ବିଧାନସଭା ନେତା ପ୍ରତିକ୍ରିୟା ରଖିଛନ୍ତି । ଏହି ଅବସରରେ ବାସୁଦେବପୁର ବିଜେପି ଦଳର ତରଫରୁ ନୀଳମଣି ଟାଉନ ହଲଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବାସୁଦେବ ପୁର ବଜାର ପରିକ୍ରମା କରି ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରାଯାଇଛି । ଏଥିରେ ଯୋଗଦାନ କରିଥିଲେ ବିଧାନସଭା ନେତା ବାଣୀ କଲ୍ୟାଣ ମହାନ୍ତି, ଜିଲ୍ଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ୍, ଅଶୋକ ସାହୁ, ଡକ୍ଟର ରମାକାନ୍ତ ଖୁଂଟିଆ, ବଂଶୀଧର ବିଶ୍ୱାଳ, ପ୍ରତାପ କୁମାର ନାୟକ, ପଦ୍ମପୁର ମଣ୍ଡଳ ସଭାପତି କିଶୁନ ଦଳାଇ, ମଧୁସୂଦନ ପାଢ଼ୀ, ଜୟପ୍ରକାଶ ମଲ୍ଲିକ୍ , ବରଣ୍ଡୁଆ ପଂଚାୟତର ସରପଂଚ ଗୋବିନ୍ଦ ମଲ୍ଲିକ, ଜଗବନ୍ଧୁ ଦାସ, ହେମନ୍ତ ନାୟକଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଏବଂ ବେବ ଦୁର୍ଲ୍ଲଭ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ଦଶପଲ୍ଲା ଉପଡାକଘର କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କା ଚୋରୀ

ଦଶପଲ୍ଲା, ୧୮/୧୧ (ଆ.ପ୍ର) : ଦଶପଲ୍ଲା ଥାନା ଅନ୍ତର୍ଗତ ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ଭାରତ ପେଟ୍ରୋଲ୍ ପମ୍ପ ନିକଟରେ ଥିବା ଦଶପଲ୍ଲା ଉପଡାକଘର କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି । ସୂଚନାରୁ ପ୍ରକାଶ ଯେ ଗତ ଶନିବାର କାର୍ଯ୍ୟାଳୟ ବନ୍ଦ କରି କର୍ମଚାରୀ ମାନେ ଯାଇଥିଲେ । ପରଦିନ ରବିବାର ଛୁଟି ଥିଲା । ସୋମବାର ଦିନ ଉପଡ଼ାକଘର କର୍ମଚାରୀ ମାନେ କାର୍ଯ୍ୟରେ ଯୋଗ ଦେବା ପାଇଁ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଥିବା ବେଳେ କିଛି କର୍ମଚାରୀ ଗୋଟିଏ ଝରକା ନ ଥିବା ଦେଖିବାକୁ ପାଇଥିଲେ । ସନ୍ଦେହ ହେବାରୁ ପାଖକୁ ଯାଇ ଦେଖିବା ସମୟରେ ଟ୍ରେଜେରୀ ଖୋଲାଥିବା ବେଳେ ସେଥିରେ ଥିବା ୪ଲକ୍ଷ ୯୨ ହଜାର ୨୧୫ ଟଙ୍କା ଲୁଟି ନେଇଥିବା ଜଣାପଡିଥିଲା । ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଉପସ୍ଥିତ କର୍ମଚାରୀ ମାନେ ୧୧୨କୁ ଫୋନ୍ କରିବା ପରେ ପୁଲିସ୍ କାର୍ଯ୍ୟାଳୟରେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ଖବର ପାଇ ସଙ୍ଗେ ସଙ୍ଗେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା ଓ ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ, ସାଇଂଟିଫିକ୍ ଟିମ୍ ଓ ଡଗ୍ ସ୍କାର୍ଡ ଘଟଣାସ୍ଥଳରେ ପହଁଚି ସନ୍ଧାନି କୁକୁର ସାହାଯ୍ୟରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଫେରି ଯାଇଛନ୍ତି । ଅନ୍ୟ ପକ୍ଷରେ ଉପଡାକଘର କାର୍ଯ୍ୟାଳୟରେ ସିସିଟିଭି କ୍ୟାମେରା କିମ୍ବା କୌଣସି ସିକୁରୀଟି ବ୍ୟବସ୍ଥା ନଥିବା ବେଳେ ଏହି ଲୁଟ୍ ଘଟଣାରେ କୌଣସି କର୍ମଚାରୀଙ୍କ ହାତ ହାତ ରହିଛି କି? ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ମନରେ ସନ୍ଦେହ ସୃଷ୍ଟି କରିଛି । ପୁଲିସ୍ ପକ୍ଷରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଗଲେ ଘଟଣାର ସତ୍ୟାସତ୍ୟ ସାମନାକୁ ଆସିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି । ତେବେ ଏ ଘଟଣାରେ ଉପ ଡାକ ବିଭାଗ ଅଧିକାରୀ ବିନୋଦ କୁମାର ଦଳେଇଙ୍କ ପ୍ରତିକ୍ରିୟା ନେବା ବେଳେ ସାର କହିବେ କହି ସିଧାସଳଖ ଏଡ଼ାଇ ଦେଇଥିଲେ ।ଏହି ଲୁଟ୍ ଘଟଣାରେ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ସୂଚନା ଦେଇଛନ୍ତି ।

ନଭେମ୍ବର ୨୪ ବନ୍ଦେ ମାତରମ ତ୍ରିରଙ୍ଗା ଯାତ୍ରା ନେଇ ପ୍ରସ୍ତୁତି ବୈଠକ

ଜଗତସିଂହପୁର, ୧୮/୧୧ (ଆ.ପ୍ର) : ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଜଗତସିଂହପୁର ଭାରତୀୟ ଜନତା ପାର୍ଟି ପକ୍ଷରୁ ହେବାକୁ ଥିବା ବନ୍ଦେ ମାତରମ ତ୍ରିରଙ୍ଗା ଯାତ୍ରା ନେଇ ଏକ ପ୍ରସ୍ତୁତି ବୈଠକ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଭାରତର ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ତଥା ସ୍ୱାଧୀନତା ସଂଗ୍ରାମ ରେ କିପରି ହଜାର ହଜାର ସଂଗ୍ରାମୀ ବନ୍ଦେ ମାତରମ ଗୀତ ଗାଇ ଜେଲ ଯାଇ ଫାଶୀ ଖୁଂଟରେ ଝୁଲି ଶହୀଦ ହୋଇଥିବା ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ଏହି ଗୀତ ହିଁ ସ୍ୱାଧୀନତା ପ୍ରେରଣାର ଉତ୍ସ ଥିଲା । ଦେଶ ସ୍ୱାଧୀନ ହେବା ପରେ ୧୯୫୦ ମସିହାରେ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ରାଷ୍ଟ୍ରୀୟ ଗୀତର ମାନ୍ୟତା ଦେଇଥିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଆସନ୍ତା ନଭେମ୍ବର ୨୪ ତାରିଖ ସୋମବାର ଦିବା ୧୦ ଘଟିକା ସମୟରୁ ବନ୍ଦେ ମାତରମ ତ୍ରିରଙ୍ଗା ଯାତ୍ରା ଗାନ୍ଧୀ ଛକ ନିକଟରୁ କର୍ମକର୍ତ୍ତା ମାନେ ତ୍ରିରଙ୍ଗା ପତାକା ଧରି ପଦଯାତ୍ରା ଆରମ୍ଭ ହେବ ଏବଂ ଏହା ପରେ ବସଷ୍ଟାଣ୍ଡସ୍ଥିତ ଶାରଦା ମଣ୍ଡପରେ ପଂହଚିବ ଏବଂ ଏହା ପରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତି ହୋଇଥିଲା । ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରସନ୍ନ ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ଜଗନ୍ନାଥ ଦାଶ, ସୌଭାଗ୍ୟ ମହାନ୍ତି, ସୁଶାନ୍ତ ସ୍ୱାଇଁ, ସମୀର ପଟ୍ଟନାୟକ, ଶ୍ରୀକାନ୍ତ ଚୌଧୁରୀ, ସ୍ୱସ୍ତିମୟୀ ରାୟ, ବରୋଦା ପ୍ରସାଦ ରାୟ, ଯୁଧିଷ୍ଠିର ସ୍ୱାଇଁ, ଅକ୍ଷୟ ପାତ୍ର, ଦେବୀ ପାଢ଼ୀ, ବିଶ୍ୱ ରଞ୍ଜନ ବିଶ୍ୱାଳଙ୍କ ସମେତ ଜଗତସିଂହପୁର, ନାଉଗାଁ ବ୍ଲକର ୪୬ ପଂଚାୟତ ଏବଂ ଜଗତସିଂହପୁର ପୌରପରିଷଦର ୨୧ ୱାର୍ଡ ର ପ୍ରମୁଖ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ଉପସ୍ଥିତ ଥିଲେ ।

ଆଦର୍ଶ ଗ୍ରାମର ଉନ୍ନତି ପାଇଁ ପ୍ରସ୍ତୁତି ବୈଠକ

ଦଶପଲ୍ଲା, ୧୮/୧୧ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଶିମିଳିସାହି ଗ୍ରାମ ପଂଚାୟତର ଗୋଡ଼ିବିଡା ଗ୍ରାମର କୋଠ ଘର ଠାରେ ମଙ୍ଗଳବାର ଦିନ ସରପଂଚ ସଂଜୀବ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ସମସ୍ତ ବିଭାଗ ର ଅଧିକାରୀ ତଥା କର୍ମ କର୍ତ୍ତାଙ୍କୁ ନେଇ ଏକ ଆଦର୍ଶ ଗ୍ରାମର



ଉନ୍ନତି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସରକାରଙ୍କ ଆଦର୍ଶ ଗ୍ରାମର ବିକାଶ ମୂଳକ କାମ, ବିଭିନ୍ନ ଯୋଜନା ଲୋକମାନଙ୍କୁ ଅବଗତ କରାଇବା, ଅନ୍ତୋଦୟ ଯୋଜନା ଗୃହ, ପ୍ରଧାନମନ୍ତ୍ରୀ ଆବାସ, ସଡ଼କ ଯୋଜନା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ, ସଂସ୍କୃତି ପରମ୍ପରା କୁ ବଂଚାଇ ରଖିବା ପାଇଁ ପଦକ୍ଷେପ, ଶିକ୍ଷା ପାଇଁ ପିଲାଙ୍କୁ ମାଗଣା ସୁବିଧା, ସବକା ସାଥ ସବକା ପ୍ରୟାସ ସବକା ବିକାଶ, ସମସ୍ତ ଜନସାଧାରଣଙ୍କ ସୁଖ ଦୁଃଖରେ ଭାଗିବାରୀ ହେବା, ଦଳିତ ନିଷ୍ପେସିତ ଲୋକଙ୍କୁ ସହାୟ ହେବା, ମଠ ମନ୍ଦିର ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରିବା, ଆୟୁଷ୍ମାନ କାର୍ଡ, ସୁଭଦ୍ରା ଯୋଜନା, ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା । ତେବେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ରାଜ୍ୟରେ ଅନେକ ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଦଶପଲ୍ଲା ବ୍ଲକ ଶିମିଳିସାହି ଗ୍ରାମ ପଂଚାୟତର ସରପଂଚ, ପଂଚାୟତ ବାସି ପ୍ରଧାନମନ୍ତ୍ରୀଙ୍କ ସହ ସାଂସଦଙ୍କୁ ଧନ୍ୟବାଦ ଦେବାସହିତ କୃତଜ୍ଞତା ଜଣାଇଥିଲେ ।

ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଜୟନ୍ତୀ ପାଳିତ



ଜଗତସିଂହପୁର, ୧୮/୧୧ (ଆ.ପ୍ର) : ଶିକ୍ଷକ ଗୌରବ ତଥା ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପୂର୍ବତନ ସଭାପତି ସ୍ୱର୍ଗତ ବନମାଳୀ ବ୍ରହ୍ମଚାରୀଙ୍କ ୧୨୦ ତମ ଜୟନ୍ତୀ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ପୁରୁଣାଗଡସ୍ଥିତ ପ୍ରଫୁଲ୍ଲ ପାଠାଗାର ଠାରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରି ସ୍ୱର୍ଗତ ବନମାଳୀ ବ୍ରହ୍ମଚାରୀଙ୍କ ପରି ଶିକ୍ଷକନେତା ଆଜିର ଦୁନିଆରେ ବିରଳ ବୋଲି ମତପ୍ରକାଶ କହିଥିଲେ । ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ମହେଶ ଚୌଧୁରୀ ଯୋଗଦେଇ ଓଡିଶା ଶିକ୍ଷା ଆଇନ, ଶିକ୍ଷକମାନଙ୍କୁ ପ୍ରତ୍ୟକ୍ଷ ଅନୁଦାନ, ପେନସନ୍ ସୁବିଧା ଓ ୟୁଜିସି ବେତନ ପ୍ରଦାନ କ୍ଷେତ୍ରରେ ସ୍ୱର୍ଗତ ବ୍ରହ୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ, ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ସଞ୍ଜୟ କୁମାର ସାମନ୍ତ ସିଂହାର, ରମେଶଚନ୍ଦ୍ର ସାହୁ, ଅଧ୍ୟାପକ ମିହିର କୁମାର ଚୌଧୁରୀ ଓ ପ୍ରତାପ ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ ବ୍ରହ୍ମଚାରୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ସଭାର ଆରମ୍ଭରେ ଉଦୀୟମାନ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଅକାଳ ବିୟୋଗରେ ଶୋକପ୍ରକାଶ କାରାଯାଇ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା ଏହି ଅବସରରେ ବରିଷ୍ଠ ଶିକ୍ଷକ ଓ ସୁସଂଗଠକ ବିଜୟ କୁମାର ପତିଙ୍କୁ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଚଳିତ ବର୍ଷ ପାଇଁ 'ବନମାଳୀ ବ୍ରହ୍ମଚାରୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଅତିଥିମାନେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ପାଠାଗର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ବୁଧବାର, ୧୯ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

୧୫ ୱିକେଟ୍ ପତନ ସହ ରଣଜୀରେ ରୋମାଂଚ

ଭୁବନେଶ୍ୱର, ୧୮/୧୧ (ଆ.ପ୍ର) : କିଟ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା-ନାଗାଲାଣ୍ଡ ରଣଜୀ ଟ୍ରଫି ମ୍ୟାଚ୍‌ର ଦ୍ୱିତୀୟ ଦିନରେ ମୋଟ ୧୫ ୱିକେଟ୍‌ର ପତନ କାରଣରୁ ରୋମାଂଚ ବଢ଼ିଯାଇଛି । ଚଳିତ ଋତୁରେ ଓଡ଼ିଶା ବ୍ୟାଟର ଏକ ଶତକ ପାଇବା ଏବଂ ପ୍ରଥମ ପାଳିରେ ଅଗ୍ରଣୀ ନେବା ଭଳି ଦୁଇଟି 'ପ୍ରଥମ' ଅର୍ଜନ କରିଛନ୍ତି । ଦ୍ୱିତୀୟ ଥର ପାଇଁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅଲଆଉଟ୍ ବି କରିଛନ୍ତି ଓଡ଼ିଶା ବୋଲର । ସୋମବାର ଦ୍ୱିତୀୟ ଦିବସରେ ଓଡ଼ିଶା ପ୍ରଥମ ପାଳି ୨୭୫ ରନ୍‌ରେ ଶେଷ ହୋଇଯାଇଥିଲା । ଯୁବ ବ୍ୟାଟର ଅନିଲ ପରିଡ଼ା ନିଜ ଖେଳ ଜୀବନର ତୃତୀୟ ପାଳିରେ ଶତକ (୧୧୮°ଚ) ଅର୍ଜନ କରି ଚମତ୍କୃତ କରି ଦେଇଛନ୍ତି । ଏହା ପରେ ଓଡ଼ିଶା ବୋଲରମାନେ ମିଳିତ ଭାବେ ନାଗାଲାଣ୍ଡ ପ୍ରଥମ ପାଳିକୁ ୧୬୧ ରନ୍‌ରେ ଶେଷ କରି ଦେଇଥିଲେ ମଧ୍ୟ ଦ୍ୱିତୀୟ ଦିନ ଷ୍ଟମ୍ପ ବେଳକୁ ନିଜ ଦ୍ୱିତୀୟ ପାଳିରେ ଘରୋଇ ଦଳ ୧୬ ରନ୍‌ରେ ୨ ୱିକେଟ୍ ହରାଇ ପୁଣି ପ୍ରାରମ୍ଭିକ ସଙ୍କଟରେ ପଡ଼ିଛି । ତଥାପି ଓଡ଼ିଶା ପ୍ରଥମ ପାଳିର ୧୧୪ ରନ୍ ଅଗ୍ରଣୀକୁ ନେଇ ମୋଟ ଉପରେ ୧୩୦ ରନ୍ ଆଗୁଆ ହୋଇଥିବାରୁ ଭଲ ସ୍ଥିତିରେ ରହିଛି । ରବିବାର ଓଡ଼ିଶାର ୩୪/୪ ସ୍ଥିତିରୁ ଦଳକୁ ବାହାର କରିଥିବା ଅନିଲ ପରିଡ଼ା (୧୧୮°ଚ, ୨୯୭ ବଲ୍, ୯ ଚୌକା, ୧ ଛକା) ତାଙ୍କ ଖେଳ ଜୀବନର ପ୍ରଥମ ଶତକ ଅର୍ଜନ କରିଥିଲେ । ଏଥି ସହିତ ପ୍ରଥମ ତିନି ପାଳିରୁ ୨୨୫ ହାରାହାରିରେ ପହଂଚି ବିନମ୍ରିତ ସୁଯୋଗ ପାଇଁ ଦଳୀୟ ପରିଚାଳକଙ୍କୁ ଶକ୍ତ ଚାପୁଡ଼ା ସଦୃଶ ହୋଇଛି । ବିପ୍ଳବ ସାମନ୍ତରାୟ (୯୨)ଙ୍କ ସହ ମିଶି ସେ ପଂଚମ ୱିକେଟ୍‌ରେ ଯୋଡ଼ିଥିବା ୧୭୯ ରନ୍ ଭାଗୀଦାର ଏବେ ନିର୍ଣ୍ଣାୟକ ହେବାକୁ ଯାଉଛି । ସୋମବାର ସକାଳେ ଓଡ଼ିଶା ୨୪୩/୭ରୁ ଖେଳିବା ପରେ ୯୮°ଚ ରନ୍‌ରେ ଥିବା ଅନିଲ ସିଙ୍ଗଲ୍ ରନ୍ ଉପରେ ଅଧିକ ନିର୍ଭର କରିଥିଲେ । ଏପରିକି ଅନ୍ୟ ପଟେ ୱିକେଟ୍ ପତନ ସତ୍ତ୍ୱେ ସେ ନିଜ ଶତକ ପୂର୍ଣ୍ଣ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ଓଡ଼ିଶା ସୋମବାର ମାତ୍ର ୩୨ ରନ୍ ଯୋଡ଼ି ଶେଷ ୩ ୱିକେଟ୍ ହରାଇଥିଲା । ଏହା ମଧ୍ୟରୁ ୨୦ ରନ୍ ଥିଲା ଅନିଲଙ୍କ ବ୍ୟାଟ୍‌ରୁ । ନାଗାଲାଣ୍ଡ ପ୍ରଥମ ପାଳି ଭଲରେ ଆରମ୍ଭ କରିଥିଲା । ନାଗାଲାଣ୍ଡର ପେସାଦାର ଖେଳାଳି କର୍ଣ୍ଣାଟକର ନିଶ୍ଚଳ ଡିଗା (୧୨୨ ବଲ୍‌ରୁ ୭୨ ରନ୍) ୪୪ତମ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ । ତେବେ ପ୍ରଥମ ୱିକେଟ୍ ପାଇଁ ୫୨ ରନ୍ କରିଥିବା ନାଗାଲାଣ୍ଡକୁ ସମ୍ବିତ ବରାଳ ପ୍ରଥମ ଝଟ୍‌କା ଦେବା ପରେ ଭ୍ରମଣକାରୀ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଥିଲା । ଗୋବିନ୍ଦ ପୋଦ୍ଦାର ଲଗାତାର ୨ ୱିକେଟ୍ ଅକ୍ତିଆର କରିବା ପରେ ରାଜେଶ ମହାନ୍ତି ଗୋଟିଏ ଓଭରରେ ୩ ୱିକେଟ୍ ନେଇ ନାଗାଲାଣ୍ଡର ଫଣା କାଟି ଦେଇଥିଲେ । ୪୪ତମ ଓଭରର ପ୍ରଥମ ବଲ୍‌ରେ ନିଶ୍ଚଳ, ତୃତୀୟ ବଲ୍‌ରେ ଚେତନ ବିଷ୍ଟ ଓ ଚତୁର୍ଥ ବଲ୍‌ରେ ତୋହୁକା ଝିମୋଙ୍କୁ ବୋଲ୍ଡ କରିଦେବା ସବୁଠାରୁ ରୋମାଂଚକ ମୁହୂର୍ତ୍ତ ଆଣି ଦେଇଥିଲା । ହ୍ୟାଟ୍ରିକ୍‌ରୁ ବଂଚିତ ହୋଇଥିଲେ ଏହି ଅଭିଜ୍ଞ ଦ୍ରୁତ ବୋଲର । ଶେଷ ୩ ୱିକେଟ୍‌କୁ ଗୋବିନ୍ଦ ପୋଦ୍ଦାର ଓ ସମ୍ବିତ ବରାଳ ତୁରନ୍ତ ଦଖଲ କରି ନାଗାଲାଣ୍ଡ ପାଳିକୁ ଶେଷ କରିଥିଲେ । ନିମ୍ନକ୍ରମରେ ରୋନିତ ମୋରେ ଉପଯୋଗୀ ୨୫ ରନ୍‌ର ଅବଦାନ ରଖିବାରୁ ଦଳ ୧୫୦ ଅତିକ୍ରମ କରିଥିଲା । ପ୍ରଥମ ପାଳି ଭଳି ଓଡ଼ିଶା ଦ୍ୱିତୀୟ ପାଳି ମଧ୍ୟ ଭଲରେ ଆରମ୍ଭ ହୋଇନାହିଁ । ରାଜ୍ୟ ବାହାର ଖେଳାଳି ଗୌରବ ଚୌଧୁରୀ (୭)ଙ୍କୁ ମଧ୍ୟମଗତି ବୋଲର ବିନୋ ଝିମୋମି ବୋଲ୍ଡ କରି ଦେଇଥିଲେ । ନାଇଟ୍‌ୱାଚ୍‌ମ୍ୟାନ୍ ତଥା ପଦାର୍ପଣକାରୀ ୱିକେଟରକ୍ଷକ ସାମ୍ବନ ପହରିୟା (୦)ଙ୍କୁ ବାମହାତୀ ସ୍ପିନର୍ ଇମଲିୱତି ଲେମତୁର ଏଲବିଡବ୍ଲ୍ୟୁ କରିଦେବା ସହ ଦ୍ୱିତୀୟ ଦିନର ଷ୍ଟମ୍ପ ହୋଇଛି । ଯୁବ ଓପନର୍ ସ୍ୱସ୍ତିକ ସାମଲ (୯°ଚ, ୧୪ ବଲ୍) ବ୍ୟାଟିଂ କରୁଛନ୍ତି । ସଂକ୍ଷିପ୍ତ ସ୍କୋର: ଓଡ଼ିଶା ପ୍ରଥମ ପାଳି-୧୦୪.୪ ଓଭରରେ ୨୭୫/୧୦ (ଅନିଲ ପରିଡ଼ା-୧୧୮°ଚ, ବିପ୍ଳବ ସାମନ୍ତରାୟ-୯୨, ରାଜେଶ ମହାନ୍ତି-୧୪, ଇମଲିୱତି ଲେମତୁର-୩/୨୬, ରୋନିତ ମୋରେ-୩/୬୪, ରଙ୍ଗସେନ୍ ଜୋନାଥନ୍-୩/୬୭, ଦୀପ ବୋରା-୧/୩୪) । ନାଗାଲାଣ୍ଡ ପ୍ରଥମ ପାଳି: ୫୭.୩ ଓଭରରେ ୧୬୧/୧୦ (ନିଶ୍ଚଳ ଡିଗା-୭୨, ରୋନିତ ମୋରେ-୨୫, ଗୋବିନ୍ଦ ପୋଦ୍ଦାର-୧୨-୨-୨୨-୩, ସମ୍ବିତ ବରାଳ-୧୦.୩-୧-୩୩-୩, ରାଜେଶ ମହାନ୍ତି-୧୪-୦-୪୯-୩, ତାପସ ଦାସ-୧/୧୭) । ଓଡ଼ିଶା ଦ୍ୱିତୀୟ ପାଳି: ୬.୫ ଓଭରରେ ୧୬/୨ (ସ୍ୱସ୍ତିକ ସାମଲ-୯°ଚ, ଇମଲିୱତି ଲେମତୁର-୧/୪, ବିନୋ ଝିମୋମି-୧/୯) ।

ଜାତୀୟ ପ୍ରତିଯୋଗିତାରେ ଚମକିଲେ ଗୋଲାପୀ

କାଳିଆପାଣି , ୧୮/୧୧ (ଆ.ପ୍ର) : ହାଇଦ୍ରାବାଦର ଜିଏମ୍‌ସି ବାଲାଯୋଗୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୨୫ତମ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଯାଜପୁର ଜିଲ୍ଲା କାଳିଆପାଣି ଥାନା କାକୁଡ଼ିଆ ଗାଁର ଝିଅ ଗୋଲାପୀ ସିରକା ଓଡ଼ିଶା ରାଜ୍ୟର ପ୍ରତିନିଧିତ୍ୱ କରି ଗୋଟିଏ ସ୍ୱର୍ଣ୍ଣ ଓ ଆଉ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି । ସୋମବାର ସେ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ଓ ଏସ୍‌ବି-୪ ବ୍ରେଷ୍ଟଷ୍ଟ୍ରୋକ୍ ୫୦ ମିଟର ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ସୁକିନ୍ଦା ବ୍ଲକ ରାଁସୋଳ ପଂଚାୟତର ବଣପାହାଡ଼ ଘେରା ଅଖ୍ୟାତ ପଲ୍ଲୀ କାକୁଡ଼ିଆ ଗାଁର ଦିନ ମଜୁରିଆ ଗରିବ ଆଦିବାସୀ ଦମ୍ପତି ଜୀରା ଓ ବୀରସିଂହ ସିରକାଙ୍କ ୬ ଝିଅଙ୍କ ମଧ୍ୟରୁ ଦ୍ୱିତୀୟ ଝିଅ ଗୋଲାପୀ ବହୁ ଘାତ ପ୍ରତିଘାତକୁ ଏଡ଼ାଇ ସଫଳତାର ଶିଢ଼ି ଚଢ଼ିଚାଲିଛନ୍ତି । ତାଙ୍କ ପ୍ରତିବଦ୍ଧତା ଆଗରେ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତି ହାର ମାନିଛି । ଗତମାସ ୨୬ ତାରିଖ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମ୍‌ରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ପାରା ସନ୍ତରଣ ପ୍ରତିଯୋଗିତାରେ ଅଳ୍ପକେ ସ୍ୱର୍ଣ୍ଣରୁ ବଂଚିତହୋଇ ସେ ରୌପ୍ୟ ପଦକ ହାସଲ କରିଥିଲେ । ଏହାପରେ ଦୃଢ଼ମନା ଗୋଲାପୀ ସନ୍ତରଣ ଅଭ୍ୟାସ ଜାରିରଖିବା ସହ ଜାତୀୟ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ । ଏହା ପୂର୍ବରୁ ଏହି ପାରା ଆଥଲେଟ୍ ଓଡ଼ିଶା ରାଜ୍ୟ ବୌଦ୍ଧିକ ପ୍ରତିଯୋଗତା ୨୦୨୪-୨୫ ଓ ୨୦୨୫-୨୬ରେ ଲଗାତାର ୨ ବର୍ଷ ଧରି ୩ ବିଭାଗ ସଟ୍‌ପୁଟ୍, ଡିସ୍କସ ଓ ଜାଭେଲିନ୍ ଥ୍ରୋ' ବିଭାଗରେ ସେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ବିଜୟିନୀ ହୋଇଥିଲେ । ଗୋଲାପୀଙ୍କ ଏତାଦୃଶ ସଫଳତାରେ ଜିଲ୍ଲାପାଳ ଅମ୍ବର କୁମାର କର ଖୁସିବ୍ୟକ୍ତ କରି ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । କଠିନ ପରିସ୍ଥିତିରେ ସଫଳ ହୋଇଥିବା ଗୋଲାପୀ ରାଜ୍ୟ ତଥା ଦେଶର ବିଭିନ୍ନ ପାରା ପ୍ରତିଯୋଗିତା ପାଇଁ ଉଜ୍ଜଳ ଭବିଷ୍ୟତ ବୋଲି ଜିଲ୍ଲା ପାରା ସ୍ପୋର୍ଟ୍ସ ଆସୋସିଏସନ୍ ସଭାପତି ମିଂଟୁ ଦାସ ଓ ଅନ୍ତର୍ଜାତୀୟ ପାରା ଆଥଲେଟ୍ ଦେବାମୃତ ସାହୁ କହିଛନ୍ତି ।

ଦିଲ୍ଲୀରେ ହେଲଥ୍ ଏମର୍ଜେନ୍ସି ଭଳି ସ୍ଥିତି

ନୂଆଦିଲ୍ଲୀ, ୧୮/୧୧(ନ୍ୟୁ.ଏ): ଦିଲ୍ଲୀରେ ପଲ୍ୟୁସନ ହେଲଥ୍ ଏମର୍ଜେନ୍ସି ଭଳି ସ୍ଥିତି ସୃଷ୍ଟି କରିଛି । ଏହା ଆମେ ନୁହେଁ , ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଅର୍ଥାତ୍ ଏମ୍ସର ଡାକ୍ତର କହିଛନ୍ତି । ଦିଲ୍ଲୀରେ ଗତ କିଛି ଦିନରୁ ପ୍ରଦୂଷଣର ସନ୍ଦର୍ଭରେ ଏମ୍ସର ପଲମୋନରୀ ମେଡିସିନର ବିଭାଗ ଅଧକ୍ଷ ଡାକ୍ତର ଅନନ୍ତ ମୋହନ କହିଛନ୍ତି, ରାଜଧାନୀରେ ହେଲଥ୍ ଏମର୍ଜେନ୍ସି ଭଳି ସ୍ଥିତି ରହିଛି । ସୁସ୍ଥ ଲୋକେ ମଧ୍ୟ ରୋଗାଗ୍ରସ୍ତ ହେଉଛନ୍ତି, ଏଥିପାଇଁ ପ୍ରଦୂଷଣ ହ୍ରାସ କରିବା ପାଇଁ ଉପଯୋଗୀ ପଦକ୍ଷେପ ନେବାକୁ ପଡ଼ିବ । ଡାକ୍ତର ଅନନ୍ତ ମୋହନ କହିଛନ୍ତି ଯେ, ଯେବେସୁଦ୍ଧା ସବୁ ହେଲଥ୍ ଏମର୍ଜେନ୍ସି ମାଗିବେ ନାହିଁ , ସେପର୍ଯ୍ୟନ୍ତ ଏଠାରେ ଏହି ସମସ୍ୟା ଦୂର ହେବ ନାହିଁ । ଲୋକେ ଅସୁସ୍ଥ ହେବା ଲାଗି ରହିବ । ଏମ୍ସର ଡାକ୍ତରଙ୍କ କହିବାନୁସାରେ,ଗତ ଦୁଇ-ତିନି ସପ୍ତାହରୁ ଶ୍ୱାସରୋଗୀ ୩୦-୪୦ ପ୍ରତିଶତ ବଢ଼ିଛନ୍ତି । ପ୍ରଦୂଷଣ ଶରୀରର ପ୍ରତି ପାର୍ଟକୁ ପ୍ରଭାବିତ କରିଥାଏ । ଶ୍ୱାସରୋଗୀଙ୍କ ବ୍ୟତୀତ ବ୍ଲଡ୍ ପ୍ରେସର , ହାର୍ଟଆଟାକ୍ , ଷ୍ଟ୍ରୋକ୍ ଓ ମାନସିକ ରୋଗୀ ମଧ୍ୟ ସାମିଲ ଅଛନ୍ତି । ଗର୍ଭବତୀ ମହିଳାଙ୍କ ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ । ଡାକ୍ତର ଅନନ୍ତ ମୋହନ କହିଛନ୍ତି ଯେ, ଗରମରେ ମଧ୍ୟ ବାୟୁର ଗୁଣବତା ଭଲ ରହେ ନାହିଁ ।

ଲରେନ୍ସ ବିଷ୍ଣୋଇର ସାନ ଭାଇ ଅନମୋଲକୁ ଅଣାଯାଉଛି ଭାରତ

ନୂଆଦିଲ୍ଲୀ, ୧୮/୧୧(ନ୍ୟୁ.ଏ): ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପାଇଁ ଆମେରିକାରୁ ଆସିଛି ଖରାପ ଖବର । ଆମେରିକା ଲରେନ୍ସ ବିଷ୍ଣୋଇର ସାନ ଭାଇକୁ ଅନମୋଲ ବିଷ୍ଣୋଇକୁ ଭାରତ ଡିପୋର୍ଟ କରି ଦେଇଛି । କୁହାଯାଉଛି ଯେ, ମଙ୍ଗଳବାର ରାତିରେ ତାକୁ ଡିପୋର୍ଟ କରିଛି । କହି ରଖୁଛୁ କି, ଅନମୋଲ ବିଷ୍ଣୋଇ ମହାରାଷ୍ଟ୍ରର ବିଧାୟକ ତଥା ଏନସିପି ନେତା ବାବା ସିଦ୍ଦିକୀଙ୍କ ହତ୍ୟାକାଣ୍ଡର ମୁଖ୍ୟ ମାଷ୍ଟରମାଇଣ୍ଡ କୁହାଯାଉଛି । କୁହାଯାଉଛି ଯେ, ଅନମୋଲ ବିଷ୍ଣୋଇ ଅନେକ ହାଇ-ପ୍ରୋଫାଇଲ ମାମଲାରେ ୱାଂଟେଡ୍ ଅଛି, ଯେଉଁଥିରେ ବାବା ସିଦ୍ଦିକୀଙ୍କର ହତ୍ୟା ବ୍ୟତୀତ ବଲିଉଡ୍ ଅଭିନେତା ସଲମାନ ଖାନଙ୍କ ଘର ବାହାରେ ହୋଇଥିବା ଫାୟାରିଂର ଷଡ଼ଯନ୍ତ୍ର ମଧ୍ୟ ସାମିଲ ଅଛି । ମିଡ଼ିଆ ରିପୋର୍ଟ ମୁତାବିକ, ଅନମୋଲ ବିଷ୍ଣୋଇକୁ ଗତ ବର୍ଷ ନଭେମ୍ବରରେ ଆମେରିକୀୟ ଅଧିକାରୀମାନେ ହେପାଜତକୁ ନେଇ ଥିଲେ । ଅନମୋଲ ବିଷ୍ଣୋଇକୁ ଭାରତ ଆଣିବା ଭାରତୀୟ ଯାଂ ଏଜେନ୍ସି ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି । କୁହାଯାଉଛି ଯେ,ତାଙ୍କର ଗିରଫଦାରୀରେ ଦେଶରେ ହୋଇଥିବା ଅନେକ ବଡ଼ ବଡ଼ ଅପରାଧର ଯାଂଚକୁ ନେଇ ନୂଆ ଦିଗ ଆହୁରି ମିଳିବ । ଅନମୋଲ ବିଷ୍ଣୋଇ ଉପରେ ସଲମାନ ଖାନଙ୍କ ଘରେ ଫାୟାରିଂର ଷଡ଼ଯନ୍ତ୍ର ରଚିବାକୁ ମଧ୍ୟ ଗୁରୁତର ଅଭିଯୋଗ ଅଛି । ଏହି ଘଟଣା ପରେ ସେ ଚର୍ଚ୍ଚାକୁ ଆସିଥିଲା । ଭାରତ ଅଣାଯିବା ପରେ ଯାଂଚ ଏଜେନ୍ସି ତାକୁ ଜୋରଦାର ପଚରାଉଚରି କରିବ ଏବଂ ସବୁ ସମ୍ବନ୍ଧିତ ମାମଲାର ପ୍ରମାଣକୁ ଯାଂଚ କରିବ । ଉଲ୍ଲେଖନୀୟ ଯେ, ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କର ହତ୍ୟା ପରେ ଅନମୋଲ ବିଷ୍ଣୋଇ ଭାରତରୁ ଫେରାର ହୋଇ ଯାଇ ଥିଲା । ଏହାପରେ ଯାଂ ଏଜେନ୍ସି ଗୁଡ଼ିକୁ ଏହାର ଲୋକେସନ ଆମେରିକାରେ ଥିବାର ମିଳିଥିଲା । ସେଠାରୁ ବସି ସେ ଭାରତରେ ନିଜର ରାକେଟ୍ ଚଳାଉଥିଲା ଏବଂ ଏକ୍ସଟାର୍ସନ ସମେତ ଅନେକ ବଡ଼ ବଡ଼ କ୍ରାଇମ୍ ସବୁ କରୁଥିଲା ।

ନୀତୀଶ କୁମାର '୨ ଲକ୍ଷ' ପ୍ରତିଶ୍ରୁତି ପୂରଣ କଲେ ରାଜନୀତି ଛାଡ଼ି ଦେବେ ପ୍ରଶାନ୍ତ କିଶୋର

ପାଟନା, ୧୮/୧୧(ନ୍ୟୁ.ଏ): ବିହାର ବିଧାନସଭା ନିର୍ବାଚନରେ ଖାତା ଖୋଲିବାକୁ ସକ୍ଷମ ହୋଇ ନଥିବା ଜନ ସୁରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କି ?ଶୋର ଆଜି ପ୍ରଥମଥର ଗଣମାଧ୍ୟମର ସାମ୍ନା କରିଛନ୍ତି । ବିହାରରେ ସରକାର ବଦଳାଇବାରେ ସେ କିମ୍ବା ତାଙ୍କ ଦଳ ସକ୍ଷମ ହୋଇ ନଥିବାରୁ ସେ ଗୋଟିଏ ଦିନ ମୌନ ଉପବାସ କରିବେ ବୋଲି କହିଛନ୍ତି । ଏଥିସହ ନିର୍ବାଚନ ପୂର୍ବରୁ ବିଜେପି ଓ ଜେଡିୟୁ ନେତୃତ୍ୱାଧୀନ ଏନଡିଏ ଦେଇଥିବା ୨ ଲକ୍ଷ ଟଙ୍କାର ଋଣ ପ୍ରତିଶ୍ରୁତି ଯଦି ପୂରଣ କରିବ, ତା'ହେଲେ ପ୍ରଶାନ୍ତ କିଶୋର ରାଜନୀତି ଛାଡ଼ି ଦେବେ ବୋଲି ଘୋଷଣା କରିଛନ୍ତି । ଗଣମାଧ୍ୟମକୁ ସାମ୍ନା କରିବା ବେଳେ ଦଳର ଦୁର୍ବଳ ପ୍ରଦର୍ଶନ ପାଇଁ ପ୍ରଶାନ୍ତ କିଶୋର ନିଜକୁ ଦାୟୀ କରିଛନ୍ତି । ସେ କହିଛନ୍ତି, "ଆମ ପକ୍ଷରୁ ଆମେ ବେଶ ସକାରାତ୍ମକ ଢଙ୍ଗରେ ଉଦ୍ୟମ କରିଥିଲୁ । ଆମେ ସରକାର ବଦଳାଇବାରେ ବିଫଳ ହୋଇଛୁ । ଆମେ ଆମ ପକ୍ଷରୁ ସବୁ କିଛି ଚେଷ୍ଟା କରିଥିଲୁ । କିନ୍ତୁ ଲାଗୁଛି କେଉଁଠି ଗୋଟିଏ ତ୍ରୁଟି ରହିଗଲା । ମୁଁ ସବୁ ଦୋଷ ନିଜ ମୁଣ୍ଡକୁ ନେଉଛି । ମୁଁ ଲୋକଙ୍କୁ ବୁଝାଇବାରେ ବିଫଳ ହୋଇଛି । ଆମେ ପରାଜୟର ସମୀକ୍ଷା କରିବୁ । ଆମ ଉଦ୍ୟମରେ ବିଫଳତା ମିଳିଥିବାରୁ ମୁଁ ଦୁଃଖ ପ୍ରକାଶ କରୁଛି । ମୁଁ ଗୋଟିଏ ଦିନ ପୂରା ମୌନ ଉପବାସ କରିବି ।" ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ବନିଥିବା ପ୍ରଶାନ୍ତ କିଶୋରଙ୍କ ଦଳ ବିହାରର ୨୪୩ଟି ଆସନରୁ ୨୩୮ଟିରେ ପ୍ରାର୍ଥୀ ଦେଇଥିଲା । କିନ୍ତୁ ଦଳ ଗୋଟିଏ ହେଲେ ଆସନରେ ଜିତିବାକୁ ସକ୍ଷମ ହୋଇନାହିଁ । ଏନଡିଏ(ବିଜେପି ୮୯ ଓ ଜେଡିୟୁ ୮୫) ୨୦୨ଟି ଆସନ ଜିତିଥିବା ବେଳେ ମହାଗଠବନ୍ଧନ କେବଳ ୩୫ଟି ଆସନ ପାଇଛି । ବାକି ଆସନ ଅନ୍ୟାନ୍ୟ ଦଳଗୁଡ଼ିକ ପାଖକୁ ଯାଇଛି ।ପ୍ରଶାନ୍ତ କିଶୋର କିଶୋର କହିଛନ୍ତି, "ଆମେ ପୂରା ସ୍ୱଚ୍ଛତାର ସହ ଉଦ୍ୟମ କରିଥିଲୁ । କିନ୍ତୁ ଏହା ସଂପୂର୍ଣ୍ଣ ଭାବେ ବିଫଳ ହୋଇଛି । ଏହାକୁ ସ୍ୱୀକାର କରିବାରେ କୌଣସି ଭୁଲ ନାହିଁ । ଆମେ ବ୍ୟବସ୍ଥା କ'ଣ , ସରକାରରେ ପରିବର୍ତ୍ତନ କରିପାରି ନାହୁଁ । ହେଲେ ଆମେ ବିହାର ରାଜନୀତିରେ କିଛି ପରିବର୍ତ୍ତନ କରିବାରେ ସକ୍ଷମ ହୋଇଛୁ । ଆମ ଉଦ୍ୟମରେ ନିଶ୍ଚିତ ଭାବେ କିଛି ତ୍ରୁଟି ରହିଗଲା । ଲୋକମାନେ ଆମକୁ ନିର୍ବାଚିତ କଲେ ନାହିଁ । ଯଦି ଲୋକମାନେ ଆମ ଉପରେ ବିଶ୍ୱାସ ଦେଖାଉ ନାହାନ୍ତି, ତା'ହେଲେ ସେଥିପାଇଁ ମୁଁ ଦାୟୀ ।" ସାମ୍ବାଦିକ ସମ୍ମିଳନୀରେ ପ୍ରଶାନ୍ତ କିଶୋର (ଚହଢବସଷବଡଖ କଟ୍ଟାଷବ୍ଲବ) ରାଜନୀତି ଏଯାଏ ଛାଡ଼ି ନଥିବା ସ୍ପଷ୍ଟ କରିଛନ୍ତି । ଯଦି ଜେଡିୟୁ ୨୫ଟି ଆସନ ଜିତିବ, ତା'ହେଲେ ସେ ରାଜନୀତି ଛାଡ଼ି ଦେବେ ବୋଲି ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲେ । ଜେଡିୟୁ ୮୫ଟି ଆସନ ଜିତିଥିଲେ ହେଁ ପିକେ ରାଜନୀତି ଛାଡ଼ି ନାହାନ୍ତି । ଏବେ ରାଜନୀତି ଛାଡ଼ିବା ନେଇ ସେ ନୂଆ ସର୍ତ୍ତ ଲାଗୁ କରିଛନ୍ତି । ନିର୍ବାଚନ ପୂର୍ବରୁ ଶାସକ ଦଳ ପ୍ରତିଶ୍ରୁତି ମୁତାବକ ୧.୫ କୋଟି ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଯଦି ଦେବ, ତା'ହେଲେ ସେ ରାଜନୀତିକୁ ବିନା କୌଣସି ପ୍ରଶ୍ନରେ ଛାଡ଼ି ଦେବେ ବୋଲି ଘୋଷଣା କରିଛନ୍ତି । ସେ କହିଛନ୍ତି, "ସମାନ ଶକ୍ତିର ସହ ଆମେ ପୁଣି ଛିଡ଼ା ହେବୁ । ଯେଉଁମାନେ ଭାବୁଛନ୍ତି ଯେ ମୁଁ ବିହାର ଛାଡ଼ିଦେବି, ସେମାନେ ଭୁଲ । ଆପଣ ପରତ୍ୟାଗ ନ କରିବା ଯାଏ ହାରି ନାହାନ୍ତି । ଜେଡିୟୁର ୨୫ ସିଟ ଜିତିବା ନେଇ ମୁଁ ଦେଇଥିବା ବୟାନ ଉପରେ ଲୋକମାନେ ଅନେକ କିଛି କହୁଛନ୍ତି । ଏବେ ବି ମୁଁ ମୋ ବୟାନରେ କାଏମ ରହିଛି । ଯଦି ନୀତୀଶ କୁମାର ପ୍ରତିଶ୍ରୁତି ମୁତାବକ ୧.୫ କୋଟି ମହିଳାଙ୍କୁ ୨ ଲକ୍ଷ ଲେଖାଏ ପଠାଇବେ ଓ ଭୋଟ କିଣି ଜିତି ନାହାନ୍ତି ବୋଲି ପ୍ରମାଣ କରିଦେବେ, ତା'ହେଲେ ମୁଁ ବିନା କୌଣସି ପ୍ରଶ୍ନରେ ରାଜନୀତି ଛାଡ଼ି ଦେବି ।" ପ୍ରଶାନ୍ତ କିଶୋର ଆହୁରି କହିଛନ୍ତି, "ସ୍ୱାଧୀନ ଭାରତରେ ପ୍ରଥମଥର ବିଶେଷ କରି ବିହାରରେ ଗୋଟିଏ ସରକାର ଲୋକଙ୍କ ପାଇଁ ୪୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାର ପ୍ରତିଶ୍ରୁତି ଦେଇଥିଲା । ଖାସ ଏହି କାରଣ ପାଇଁ ଏନଡିଏ ଏତେ ବଡ଼ ଜନାଦେଶ ପାଇଛି । ଏଠାକାର ଲୋକମାନେ ସେମାନଙ୍କ ଭବିଷ୍ୟତ କିମ୍ବା ପିଲାଙ୍କ ଭବିଷ୍ୟତ ବିକ୍ରି କରିପାରିବେ ନାହିଁ । ଏହାକୁ ନେଇ ବିତର୍କର ଆବଶ୍ୟକତା ନାହିଁ । କିଛି ଲୋକ ନିର୍ବାଚନ କମିଶନ ଉପରେ ପ୍ରଶ୍ନ ଉଠାଉଛନ୍ତି । ସେସବୁ ସେମାନଙ୍କ ପ୍ରସଙ୍ଗ । କିନ୍ତୁ ପ୍ରତି ନିର୍ବାଚନ ମଣ୍ଡଳୀରେ ୬୦ରୁ ୬୨ ହଜାର ଲୋକଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା । ସେମାନଙ୍କୁ ୨ ଲକ୍ଷ ଟଙ୍କାର ଋଣ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଏନଡିଏ କ୍ଷମତାକୁ ଆସିଲେ ସେମାନଙ୍କୁ ଋଣ ଟଙ୍କା ମିଳିବ ବୋଲି ସରକାରୀ ଅଧିକାରୀମାନେ ବୁଲିବୁଲି ଲୋକଙ୍କୁ ଜଣାଇଥିଲେ । ଏଥିପାଇଁ ଜୀବିକା ଦିଦିଙ୍କୁ କାମରେ ଲଗା ଯାଇଥିଲା ।"

ଦିଲ୍ଲୀ କାର ବିସ୍ଫୋରଣ ମାମଲା, ୧୦ ଦିନିଆ ରିମାଣ୍ଡରେ ଉମରର ସହଯୋଗୀ ଜାସିର ବିଲାଲ ଭାନି

ନୂଆଦିଲ୍ଲୀ, ୧୮/୧୧(ନ୍ୟୁ.ଏ): ଦିଲ୍ଲୀ କାର ବିସ୍ଫୋରଣ ମାମଲାର ଅଭିଯୁକ୍ତ ଉମର ଉନ୍ ନବିର ଘନିଷ୍ଠ ଜାସିର ବିଲାଲ ଭାନି ଓରଫ୍ ଦାନିଶକୁ ଏନ୍‌ଆଇଏ ଗିରଫ କରିଥିଲା । ଏହାପରେ ଆଜି ତାକୁ ପଟିୟାଲା ହାଉସ କୋର୍ଟରେ ହାଜର କରାଯାଇଛି । କୋର୍ଟ ତାକୁ ୧୦ ଦିନ ପାଇଁ କଷ୍ଟଡିରେ ପଠାଇଛନ୍ତି । ଏନ୍‌ଆଇଏ ସୂଚନା ଅନୁସାରେ, ଜାସିର ବିଲାଲ ଭାନି(ଦାନିଶ) କେବଳ ଟେକ୍ନିକାଲି ସାହାଯ୍ୟ କରୁଥିଲା ତାହା ନୁହେଁ, ବଂର ଉମର ଉନ ନବି ସହ ମିଶି ପୁରା ଆକ୍ରମଣ ଯୋଜନା କରିବାରେ ସକ୍ରିୟ ଭୂମିକା ଗ୍ରହଣ କରୁଥିଲା । ଯାଂ ପରେ ଏହା ସାମନାକୁ ଆସିଥିଲା ଯେ, ଉମରର ସବୁଠାରୁ ଭରସା ଯୋଗ୍ୟ ସହଯୋଗୀ ଥିଲା ଦାନିଶ । ଆକ୍ରମଣର ସବୁ ପର୍ଯ୍ୟାୟରେ ସେ ସାମିଲ ଥିଲା । ଏନ୍‌ଆଇଏ ଉମରର ଘନିଷ୍ଠ ସହଯୋଗୀ ଜାସିର ବିଲାଲ ଭାନିକୁ ଶ୍ରୀନଗରରୁ ଗିରଫ କରିଥିଲା । ଜାସିର ଓରଫ୍ ଦାନିସ ଆତଙ୍କୀ ଆକ୍ରମଣ ପାଇଁ ଡ୍ରୋନ୍ ଓ ରକେଟ୍ ତିଆରି କରିଥିଲା । ସେଭଳି ଆମିର ରଶିଦ ଅଲ୍ଲୀ ମଧ୍ୟ ଗିରଫ ହୋଇସାରିଛି । ଏହା ପରେ ଭାରତ ବିରୋଧରେ ବହୁ ପରିମାଣରେ ଧ୍ୱଂସର ପୁରା ଷଡଯନ୍ତ୍ରର ପର୍ଦ୍ଦାଫାଶ ହୋଇଛି । ଏନ୍‌ଆଇଏର କହିବା ଅନୁସାରେ, ଅନନ୍ତନାଗର କାଜିଗୁଣ୍ଡ ନିବାସୀ ଭାନିକୁ ସୋମବାର ଶ୍ରୀନଗରରୁ ଗିରଫ କରାଯାଇଥିଲା । ସେ କଥିତ ଭାବରେ ଡ୍ରୋନ୍‌ରେ ପରିବର୍ତ୍ତନ କରି ଓ ଘାତକ କାର ବମ୍ ବିସ୍ଫୋରଣ ପୂର୍ବରୁ ରକେଟ୍ ତିଆରି କରିବାର ଚେଷ୍ଟା କରିଥିଲା । ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ବୈଷୟିକ ସହାୟତ ଯୋଗାଇଥିଲା ।'

ଡାକ୍ତର ନଲେଖିଲେ କିଣି ହେବନି କଫ ସିରପ

ନୂଆଦିଲ୍ଲୀ, ୧୮/୧୧(ନ୍ୟୁ.ଏ):ମଧ୍ୟପ୍ରଦେଶରେ କଫ ସିରପ ଯୋଗୁ ଅନେକ ପିଲାଙ୍କ ମୃତ୍ୟୁର ଏକ ଚାଂଚଲ୍ୟକର ଘଟଣା ସାମ୍ନାକୁ ଆସିଥିଲା । ଏପରି ଘଟଣାକୁ ରୋକିବା ପାଇଁ, ସରକାର କହିଛନ୍ତି ଯେ, ଖୁବ୍ ଶୀଘ୍ର ଏକ ନୂତନ ନିୟମ ପ୍ରଣୟନ କରିବେ । ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ଫାର୍ମାସିରେ କଫ ସିରପ ଉପଲବ୍ଧ ହେବ ନାହିଁ । ଏହା ସୁରକ୍ଷା ବୃଦ୍ଧି କରିବ, କିନ୍ତୁ ଲୋକଙ୍କ ପକେଟ ଉପରେ ବୋଝ ମଧ୍ୟ ବଢ଼ାଇବ । କଫ ସିରପ ଯେତେ ଶସ୍ତା କିମ୍ବା ମହଙ୍ଗା ହେଉନା କାହିଁକି, ଏହାକୁ କିଣିବା ପାଇଁ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଆବଶ୍ୟକ ହେବ ଏବଂ ଡାକ୍ତରଙ୍କ ଫିସ୍ ମଧ୍ୟ ଦେବାକୁ ପଡିବ । ଡାକ୍ତରଙ୍କ ସାଧାରଣତଃ ଫିସ୍ ୨୦୦ ରୁ ୫୦୦ ଟଙ୍କା ହୋଇଥାଏ । ସ୍ପଷ୍ଟ ଭାବରେ, ନୂତନ ନିୟମ କାର୍ଯ୍ୟକାରୀ ହେବା ପରେ, ୫୦ ଟଙ୍କା ମୂଲ୍ୟର ଏକ କଫ ସିରପ କିଣିବା ପାଇଁ ଡାକ୍ତରଙ୍କ ଫିସ୍ ଦେବା ସହିତ ସିରପ ର ଦାମ ଠାରୁ ଅନେକ ଗୁଣ ଅଧିକ ଖର୍ଚ୍ଚ କରିବାକୁ ପଡିବ । ଗଣମାଧ୍ୟମ ରିପୋର୍ଟ ଅନୁସାରେ, କେନ୍ଦ୍ର ସରକାର ଔଷଧ ପରାମର୍ଶଦାତା କମିଟିର ରିପୋର୍ଟ ସମୀକ୍ଷା କରୁଛନ୍ତି ଏବଂ ଏହି ପ୍ରସ୍ତାବରେ ପରିବର୍ତ୍ତନ କରି କଫ ସିରପ ସମ୍ପର୍କରେ ନୂତନ ନିୟମ ଆଣିପାରନ୍ତି ବୋଲି କୁହାଯାଉଛି । ଏହା ଅନୁମାନ କରାଯାଉଛି ଯେ, କମିଟି ପ୍ରସ୍ତାବ ଦେଇଛି, ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ବିକ୍ରି ହୋଇପାରିବା ଔଷଧ ତାଲିକାରୁ କଫ ସିରପକୁ ଖୁବ୍ ଶୀଘ୍ର ବ । ଦ ଦିଆଯାଇପାରେ । ରିପୋର୍ଟରେ କୁହାଯାଇଛି, କଫ ସିରପ ସହିତ ଜଡିତ ସାମ୍ପ୍ରତିକ ଘଟଣାଗୁଡ଼ିକୁ ଦୃଷ୍ଟିରେ ରଖି, ଏହାର ବିକ୍ରୟ ଉପରେ ନଜର ରଖିବା ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ, କଫ ସିରପଗୁଡ଼ିକୁ ସୂଚୀ କେ (କ)ରେ ତାଲିକାଭୁକ୍ତ କରାଯାଉଛି । ଯାହାକୁ ଏକ କମ୍ ବିପଦପୂର୍ଣ୍ଣ ଔଷଧ ଭାବରେ ବିବେଚନା କରାଯାଏ । ତେଣୁ, ଏପରି ଔଷଧ ଲାଇସେନ୍ସ ବିନା ବିକ୍ରି କରାଯାଇପାରିବ । ତଥାପି, ଏହାର ବିକ୍ରୟ ନିୟନ୍ତ୍ରଣ କରୁଥିବା ନିୟମଗୁଡ଼ିକ ଖୁବ୍ ଶୀଘ୍ର କଠୋର କରାଯିବ । କଫ ସିରପ ପିଇବା ପରେ ଅନେକ ଶିଶୁଙ୍କ ମୃତ୍ୟୁ ହୋଇଥିଲା, ଯାହା ଫଳରେ ସରକାର ତିନୋଟି ବ୍ରାଣ୍ଡର କଫ ସିରପକୁ ବିଷାକ୍ତ ଘୋଷଣା କରିଛନ୍ତି । ତଥାପି, ଅଧିକାଂଶ ଶିଶୁ ମୃତ୍ୟୁ କୋଲଡ୍ରିଫ୍ ସହିତ ଜଡିତ ଥିଲା । ସରକାର ରେସ୍ପିଫ୍ରେସ୍ ଟିଆର ଏବଂ ରିଲାଇଫ୍ ଭଳି କଫ ସିରପ ବ୍ୟବହାରକୁ ମଧ୍ୟ ନିଷିଦ୍ଧ କରିଛନ୍ତି । ଏହି ଔଷଧଗୁଡ଼ିକ ଘରୋଇ ବଜାରରେ ବିକ୍ରି ହେବ ନାହିଁ କିମ୍ବା ରପ୍ତାନି କରାଯିବ ନାହିଁ । ଓଭରଡୋଜ୍ ବିପଦ: କିଛି କଫ ସିରପରେ କୋଡିନ୍, ଡେକ୍ସଟ୍ରୋମେଥୋର୍ଫାନ୍, କିମ୍ବା ପ୍ରୋମେଥାଜିନ୍ ଭଳି ଓପିଓଏଡ୍ ଔଷଧ ଥାଏ । ଓଭରଡୋଜ୍ ଶ୍ୱାସକ୍ରିୟା ବନ୍ଦ, କୋମା କିମ୍ବା ମୃତ୍ୟୁର କାରଣ ହୋଇପାରେ । ନିଶା: କୋରେକ୍ସ, ଫେନସେଡିଲ୍ ଏବଂ କୋଡିଷ୍ଟାର ଭଳି କୋଡିନ୍ ଯୁକ୍ତ କାଶ ସିରପ୍ ନିଶା ପାଇଁ ବହୁଳ ଭାବରେ ବ୍ୟବହୃତ ହୁଏ । ଦୀର୍ଘକାଳୀନ ବ୍ୟବହାର ଶାରୀରିକ ଏବଂ ମାନସିକ ନିଶା ସୃଷ୍ଟି କରିପାରେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das